ନ୍ୟୁଜିଲାଣ୍ଡ ବିପକ୍ଷ ୪ର୍ଥ ଦିନିକିଆରେ
ଟିମ୍ ଇଣ୍ଡିଆର ବଡ଼ ପରାଜୟ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper
NS-EN ISO 9001:2008

ବର୍ଗାଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ୦୦୬ : ମୂଲ୍ୟ ୫ଟଙ୍କା
8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୨୮୩ ● ୧୪ ନଭେମ୍ବର ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-283 ● 14th November 2026, Saturday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27


## କୁଡୁମୀ ସମାଜର ଜାତୀୟ ବାନ୍ଦନା ପରବ–୨୦୨୬

# ବାନ୍ଦନା ପ୍ରକୃତି, ମାଟି ଓ ଗୋଧନର ଏକ ଜୀବନ୍ତ କାବ୍ୟ




**ବାରିପଦା/ଭୁବନେଶ୍ୱର, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ଆଗୁଆଡ଼ ଠାରେ ଶୁକ୍ରବାର ଆୟୋଜିତ 'ଜାତୀୟ ବାନ୍ଦନା ପରବ – ୨୦୨୬'ର ସାଂସ୍କୃତିକ ମହାମିଳନ ପର୍ବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଡୁମୀ ସମାଜର ପ୍ରାଚୀନ ପରମ୍ପରା, କର୍ମଠତା ଏବଂ ପ୍ରକୃତି ପ୍ରେମର ଉଚ୍ଚ ପ୍ରଶଂସା କରିଛନ୍ତି।

ଏହି ପବିତ୍ର ଅବସରରେ ମୁଖ୍ୟମନ୍ତ୍ରୀ କୁଡୁମୀ ସମ୍ପ୍ରଦାୟର ସମସ୍ତ ମା', ଭାଇ ଓ ଭଉଣୀମାନଙ୍କୁ 'ବାନ୍ଦନା ପରବ'ର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ରାଜ୍ୟର ସର୍ବ ସମାବେଶୀ ବିକାଶ ମଡେଲରେ କୁଡୁମୀ ସମାଜର ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଏବଂ ସାଂସ୍କୃତିକ ବିକାଶ ପାଇଁ ସରକାର ସଦାସର୍ବଦା ବଦ୍ଧପରିକର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ବାନ୍ଦନା କେବଳ ଏକ ପର୍ବ ନୁହେଁ, ବରଂ ଏହା ପ୍ରକୃତି, ମାଟି, ଗୋଧନ ଏବଂ ମାନବୀୟ ସମ୍ପର୍କର ଏକ ଜୀବନ୍ତ କାବ୍ୟ। ପ୍ରକୃତିର ପୂଜା, କୃଷି ସଂସ୍କୃତିର ଆରାଧନା ଏବଂ ମାଟି ପ୍ରତି ଆନୁଗତ୍ୟର ଏହି ନିଶାଣ ଆମ ସଂସ୍କୃତିର ଆତ୍ମା।

ସେ ଆହୁରି ମଧ୍ୟ କହିଛନ୍ତି ଯେ କୁଡୁମୀ ଜାତି ହେଉଛନ୍ତି ଭୂମିର ସନ୍ତାନ ଏବଂ ମାଟିକୁ ସ୍ୱେଦରେ ସିଂଚି ଶସ୍ୟଶ୍ୟାମଳା କରିବାର କଳା କୁଡୁମୀ ସମାଜଠାରୁ ଶିଖିବାକୁ ମିଳେ। ପ୍ରକୃତିକୁ ମା' ଭାବେ ପୂଜା କରିବା, ଗଛଲତା, ପାହାଡ଼, ନଦୀ-ନାଳ ଏବଂ ପ୍ରାଣୀଜଗତ ସହ ସହବସ୍ଥାନ କରିବାର ଯେଉଁ ଅନନ୍ୟ ଶୈଳୀ ଏହି ସମାଜ ପାଖରେ ରହିଛି, *(ପୃଷ୍ଠା ୭ରେ)*

## ନାଲକୋ'ର 'ମିଡିଆ କନେକ୍ଟ-୨୦୨୬'

# ୨୦୩୧ ସୁଦ୍ଧା ଅନୁଗୁଳ ସ୍ମେଲଟର ପ୍ଲାଣ୍ଟ କାର୍ଯ୍ୟକ୍ଷମ ଲକ୍ଷ୍ୟ




**ଭୁବନେଶ୍ୱର, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

୩୦ହଜାର କୋଟି ଟଙ୍କା ବ୍ୟୟରେ ନବରତ୍ନ ନ୍ୟାସନାଲ ଆଲୁମିନିୟମ କମ୍ପାନୀ (ନାଲ୍‌କୋ)ର ପ୍ରସ୍ତାବିତ ବାର୍ଷିକ ୦.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଅନୁଗୋଳ ସ୍ମେଲଟର ସମ୍ପ୍ରସାରଣ କାର୍ଯ୍ୟ ଆସନ୍ତା ୨୦୩୦-୩୧ ସୁଦ୍ଧା ଶେଷ ହେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଶୁକ୍ରବାର ନାଲକୋ ପକ୍ଷରୁ ଆୟୋଜିତ ମିଡିଆ କନେକ୍ଟ-୨୦୨୬ କାର୍ଯ୍ୟକ୍ରମରେ କମ୍ପାନୀର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସ୍ଥିର ଅଭିବୃଦ୍ଧି, ଅକ୍ଷୟଶକ୍ତି, ଡିଜିଟାଲ ରୂପାନ୍ତର ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପୁର୍ନଉଦ୍ଧାରକୁ କେନ୍ଦ୍ର କରି ନାଲ୍‌କୋ ଭବିଷ୍ୟତର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରୁଛି। ୨୦୩୦ ସୁଦ୍ଧା ନବୀକରଣ ଯୋଗ୍ୟ ଉତ୍ସରୁ ଶକ୍ତି ଆବଶ୍ୟକତାର ୨୫-୩୦% ବ୍ୟବହାର କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଥିବା ବେଳେ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇଁ ଏଆଇ ଏବଂ ଏଏମ୍‌ଇ ପ୍ରଯୁକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଇଛି।

ଉଲ୍ଲେଖଯୋଗ୍ୟ ଯେ, ନାଲକୋ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ରେକର୍ଡ ଅର୍ଦ୍ଧ-ବାର୍ଷିକ ଆର୍ଥିକ ପ୍ରଦର୍ଶନ କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ଉତ୍କୃଷ୍ଟ କାର୍ଯ୍ୟକ୍ଷମ ଦକ୍ଷତା *(ପୃଷ୍ଠା ୭ରେ)*

# ଟ୍ରାଭେଲର୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା : ୨୦ମୃତ

**ଗୌହାଟି, ୧୩।୧୧**

ଭୟଙ୍କର ଦୁର୍ଘଟଣା। ଯାତ୍ରୀବାହୀ ଟ୍ରାଭେଲର ଓ ଗୋଟିଏ ଟ୍ରକ୍ ମଧ୍ୟରେ ହୋଇଛି ମୁହାଁମୁହିଁ ଧକ୍କା। ଆସାମର କାଜିରଙ୍ଗା ଅନ୍ତର୍ଗତ ରୋଙ୍ଗଜାନ ଠାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୦ରୁ ଅଧିକ ଜଣ ପ୍ରାଣ ହରାଇଥିବା ପ୍ରାଥମିକ ଭାବେ ଜଣାପଡ଼ିଛି।

ଟ୍ରାଭେଲରରେ ଥିବା ଲୋକମାନେ ବୋକାଖଟରୁ ନାଗାଓଁ ଆଡ଼କୁ ଯାଉଥିବା ବେଳେ ଟ୍ରକଟି ବିପରୀତ ଦିଗରୁ ଆସୁଥିଲା। ଏହି ସମୟରେ ଦୁଇ ଗାଡ଼ି ପରସ୍ପର ସହ ପିଟି ହୋଇଯାଇଥିଲା। ଟ୍ରାଭେଲରରେ ଅଧିକାଂଶ ଯାତ୍ରୀ ଛାତ୍ରଛାତ୍ରୀ ବୋଲି କୁହାଯାଉଛି।

ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କିଛି ଯାତ୍ରୀ ଟ୍ରାଭେଲର ମଧ୍ୟରେ ଚାପି ହୋଇ ରହିଯାଇଛନ୍ତି। ଗାଡ଼ିଟି ପୂରା ଚୂରମାର ହୋଇଯାଇଛି। ଏବେ ସ୍ଥାନୀୟ ଲୋକ, ପୁଲିସ୍ ଓ ଉଦ୍ଧାରକାରୀ ଟିମ ସେମାନଙ୍କୁ ସେଥିରୁ ବାହାର କରିବାକୁ ଲାଗି ପଡ଼ିଛନ୍ତି। ଉଦ୍ଧାର ହୋଇଥିବା ମୃତାହତଙ୍କୁ କୋହୋରା ମଡେଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ବି ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୋଲାଘାଟ ଏସ୍‌ପି ସ୍ୱପନୀଲ ଦେକା *(ପୃଷ୍ଠା ୭ରେ)*

# ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ହେବେ ଓଡ଼ିଶା ହାଇକୋର୍ଟର ନୂଆ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି

**କଟକ, ୧୩।୧୧ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ହାଇକୋର୍ଟର ନୂଆ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିବେ ବରିଷ୍ଠ ବିଚାରପତି ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ। ବର୍ତ୍ତମାନର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନଙ୍କ କାର୍ଯ୍ୟକାଳ ଆସନ୍ତା ୧୫ *(ପୃଷ୍ଠା ୭ରେ)*



# ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୩।୧୧**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଶୁକ୍ରବାର ଦିନ ଓଡ଼ିଶାର ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ସାକ୍ଷାତ କରିଛନ୍ତି। ଲୋକ ଭବନ ଠାରେ ଅନୁଷ୍ଠିତ ଏହି ସୌଜନ୍ୟମୂଳକ ସାକ୍ଷାତ କାଳରେ ଉଭୟଙ୍କ ମଧ୍ୟରେ ବିଭିନ୍ନ ବିଷୟ ଆଲୋଚନା ହୋଇଥିଲା।


19001/343/2627

Pradhan Mantri Awaas Yojna-Gramin
प्रधान मंत्री आवास योजना - ग्रामीण



श୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ
ଆବାସ ଯୋଜନା (ଗ୍ରାମୀଣ)
ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ଓଡ଼ିଶାରେ ଆବାସ ବଣ୍ଟନର ଶୁଭାରମ୍ଭ

ମୁଖ୍ୟ ଅତିଥି
ଶ୍ରୀ ଶିବରାଜ ସିଂହ ଚୌହାନ
କେନ୍ଦ୍ରମନ୍ତ୍ରୀ, କୃଷି ଓ କୃଷକ କଲ୍ୟାଣ, ଗ୍ରାମୀଣ ବିକାଶ

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ
ଶ୍ରୀ ରବି ନାରାୟଣ ନାଏକ
ମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ
ଏବଂ
ସାଂସଦ ଓ ବିଧାୟକ ବୃନ୍ଦ, ବଲାଙ ିର ଜିଲ୍ଲା
ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

୧୪ ନଭେମ୍ବର ୨୦୨୬ | ପୂର୍ବାହ୍ନ ୧୧:୦୦ | ପଥରଚେପା ପଡ଼ିଆ, ବଲାଙ ିର

OIPR : 19001/19001/2/26-27/0006

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓଡ଼ିଶା ସରକାର

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ନଭେମ୍ବର,୨୦୨୬ ଶନିବାର





# ସୁରକ୍ଷା ନେଇ ଚିନ୍ତା ଷ୍ଟ୍ରିଟ୍ ଲାଇଟ୍ : ଟ୍ରାଫିକ୍ ନିୟନ୍ତ୍ରଣ ଓ ରାସ୍ତା ମରାମତି ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ସହରରେ ରାସ୍ତା ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାକୁ ନେଇ ବଢ଼ୁଥିବା ସମସ୍ୟା ଏବେ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି। ବିଭିନ୍ନ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ ଅଭାବ, ଖରାପ ରାସ୍ତା, ବେଆଇନ ପାର୍କିଂ ଓ ଟ୍ରାଫିକ୍ ଅବ୍ୟବସ୍ଥା ଯୋଗୁଁ ରାତିରେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ରାତ୍ରିକାଳୀନ ସ୍ଥିତି ଅନୁଧ୍ୟାନ କରିବାକୁ ସମାଜସେବୀ ଗ୍ୟାନେନ୍ଦ୍ର ବେହେରା ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏନେଇ ସେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସହରର କେତେକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି। କିଶାନ ଛକରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ପର୍ଯ୍ୟାପ୍ତ ଷ୍ଟ୍ରିଟ୍ ଲାଇଟ ନଥିବାରୁ ରାତିରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ନବନିର୍ମିତ ଫ୍ଲାଏଓଭରର ପ୍ରବେଶ ଓ ପ୍ରସ୍ଥାନ ପଥରେ ଉପଯୁକ୍ତ ଆଲୋକ ବ୍ୟବସ୍ଥା ନଥିବା ସହ ଏହାର ନିକଟବର୍ତ୍ତୀ ରାସ୍ତାର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ତୁରନ୍ତ ଆଲୋକୀକରଣ ଓ ରାସ୍ତା ମରାମତି ଆବଶ୍ୟକ ବୋଲି ସେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପ୍ରସନ୍ନ ପଣ୍ଡା ଛକରୁ ସଦର ଥାନା ପର୍ଯ୍ୟନ୍ତ ରାସ୍ତାରେ ମଧ୍ୟ ଆଲୋକର ଅଭାବ ରହିଛି। ଏହି ରାସ୍ତାରେ ପୂର୍ବରୁ ଘଟିଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଆଲୋକ ବ୍ୟବସ୍ଥାକୁ ତୁରନ୍ତ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। କିଶାନ ଛକ ଏକ ପ୍ରମୁଖ ବାଣିଜ୍ୟିକ ଓ ପରିବହନ କେନ୍ଦ୍ର ହୋଇଥିବାରୁ ଏଠାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୂରଗାମୀ ବସ୍ ଚଳାଚଳ କରୁଛି। ତେଣୁ ଏହି ଛକରେ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୁଲିସ କର୍ମଚାରୀ ନିୟୋଜନ, ବେଆଇନ ପାର୍କିଂ ଉପରେ ରୋକ୍ ଓ ନିୟମିତ ଯାଞ୍ଚର ଆବଶ୍ୟକତା ରହିଛି। ଏଥିସହ ଛକରେ ଥିବା ବିଦେଶୀ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର, ରାସ୍ତାକଡ଼ରେ ଉପଯୁକ୍ତ ସ୍ଥାନରେ ବୃକ୍ଷରୋପଣ ଓ ଯାତାୟାତ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାକୁ ଦାବି ହୋଇଛି। ଶ୍ରୀ ବେହେରାଙ୍କ କହିବା ଅନୁଯାୟୀ, କେବଳ ଦିନବେଳା ଯାଞ୍ଚ କଲେ ରାତିରେ ପଥଚାରୀ, ଯାତ୍ରୀ ଓ ଯାନବାହନ ଚାଳକମାନେ ସାମ୍ନା କରୁଥିବା ପ୍ରକୃତ ସମସ୍ୟା ଜଣାପଡ଼ିବ ନାହିଁ। ତେଣୁ ଜିଲ୍ଲାପାଳ ରାତି ପ୍ରାୟ ୧୧ଟା ସମୟରେ ଏହି ସ୍ଥାନଗୁଡ଼ିକ ପରିଦର୍ଶନ କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ଏହାସହ ପୌରପାଳିକା, ଟ୍ରାଫିକ୍ ପୁଲିସ, ବିଦ୍ୟୁତ୍ ବିଭାଗ ଓ ରାସ୍ତା ନିର୍ମାଣ ବିଭାଗର ମିଳିତ ରାତ୍ରିକାଳୀନ ଯାଞ୍ଚ କରାଗଲେ ସମସ୍ୟାର ପ୍ରକୃତ କାରଣ ଚିହ୍ନଟ ହେବା ସହ ସମ୍ପୃକ୍ତ ବିଭାଗର ଦାୟିତ୍ୱ ନିର୍ଦ୍ଧାରଣ ଓ ତ୍ୱରିତ ସମାଧାନ ସମ୍ଭବ ହୋଇପାରିବ ବୋଲି ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ରାସ୍ତା ନାହିଁ, ଖଟିଆ ଭରସା : ନାଗାବଳୀ ପାର ହୋଇ ଡାକ୍ତରଖାନା ଯାଉଛନ୍ତି ରୋଗୀ



**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଗାଁକୁ ନାହିଁ ରାସ୍ତା। ଯାତାୟାତର ଏକମାତ୍ର ମାଧ୍ୟମ ନାଗାବଳୀ ନଦୀ। ଆଉ ଆମ୍ବୁଲାନ୍ସ ବଦଳରେ ରୋଗୀଙ୍କ ପାଇଁ ଖଟିଆ ସାଜିଛି ଭରସା। ନଦୀର ଅଣ୍ଟାଏ ପାଣିରେ ପଶି ରୋଗୀଙ୍କୁ ଖଟିଆରେ ବୋହି ଡାକ୍ତରଖାନା ନେଉଛନ୍ତି ଗାଁ ଲୋକେ। ଏହା କୌଣସି ଗୋଟିଏ ଦିନର ଦୃଶ୍ୟ ନୁହେଁ, ବରଂ ରାୟଗଡ଼ାର ଦୁଇଟି ଗାଁର ନିତିଦିନିଆ ସଂଘର୍ଷର ଚିତ୍ର। ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ରାୟଗଡ଼ା ସଦର ବ୍ଲକ୍‌ଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ପୂଜାରୀବନ୍ଧ ଓ ଜଗାଗୁଡ଼ା ଗାଁକୁ ପହଞ୍ଚିପାରିନି ରାସ୍ତା। ଖାଲଢିପ ଭରା ସଂକୀର୍ଣ୍ଣ ଜଙ୍ଗଲିଆ ରାସ୍ତାରେ ଚାଲିକି ଯିବା ବି କଷ୍ଟକର। ଏଭଳି ସ୍ଥିତିରେ ଆମ୍ବୁଲାନ୍ସ ସେବା ଏଠି ସ୍ୱପ୍ନ ପାଲଟିଛି।

ଦୁଇଟି ଗାଁରେ ୩୬୦ରୁ ଅଧିକ ଲୋକ ବସବାସ କରନ୍ତି। ଡଙ୍ଗର ଚାଷ ଓ କୂଲିମଜୁରି କରି ପରିବାର ଚଳାଉଥିବା ଏହି ଲୋକଙ୍କ ପାଇଁ ନଦୀ ପାର ହେବା ଏକ ବାଧ୍ୟବାଧକତା। ପିଲାଙ୍କ ସ୍କୁଲ୍ ଯିବାଠାରୁ ଆରମ୍ଭ କରି ଭଡ଼ା ଓ ରାସନ ଆଣିବା ପର୍ଯ୍ୟନ୍ତ, ସବୁଥିରେ ନାଗାବଳୀ ନଦୀ ଡେଇଁବାକୁ ପଡ଼େ। ବର୍ଷା ହେଲେ ନଦୀରେ ପାଣି ବଢ଼ିଯାଏ, ଆଉ ପିଲାଙ୍କ ପାଠପଢ଼ା ବନ୍ଦ ହୋଇଯାଏ।

ନିଜ ସମସ୍ୟା ନେଇ ସରକାରୀ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ବାରମ୍ବାର ଜଣାଇ ନିରାଶ ହେଲେଣି ଗ୍ରାମବାସୀ। ଜରୁରୀ କାମ ହେଉ କି ଚିକିତ୍ସା, ଜଙ୍ଗଲିଆ ରାସ୍ତାରେ ୧୦ କିଲୋମିଟର ଚାଲିବାକୁ ପଡୁଛି। ଦେଶ ବିକାଶର ଶିଖର ଛୁଉଁଥିବା କଥା କୁହାଯାଉଥିବା ବେଳେ ରାୟଗଡ଼ାର ଏହି ଜନଜାତି ଅଞ୍ଚଳରେ ଆଜି ବି ଅପହଞ୍ଚ ବିକାଶ। ଗାଁକୁ ରାସ୍ତାଟିଏ ପାଇଁ ଲୋକଙ୍କ ଗୁହାରି କେବେ ଶୁଣିବେ ସରକାର ଓ ପ୍ରଶାସନ, ତାକୁ ଅପେକ୍ଷା।

## ପାଣିରେ ବୁଡ଼ି ଶିଶୁ ମୃତ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ମୁଣ୍ଡୀବେଡ଼ା ପଞ୍ଚାୟତ ବିଜାଡ଼ିହି ଗ୍ରାମରେ ଜଣେ ତିନି ବର୍ଷର ଶିଶୁ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଘର ନିକଟରେ ଥିବା ଧାନ ଜମିରେ ପରିବାର ଲୋକେ ଧାନ କାଟିବା ସମୟରେ ତିନି ବର୍ଷର କୁନି ପୁଅ ଲୋକେଶ ହରିଜନ ପାଞ୍ଚ ବର୍ଷ ବୟସର ବଡ଼ଭଉଣୀ ସହିତ ମିଶି ଖେଳୁଥିଲେ। ଖେଳିବା ସମୟରେ କୌଣସି କାରଣରୁ ଲୋକେଶ ଘର ବାରିରେ ଥିବା ଚୁଆ ପାଣି ଭିତରେ ପଡ଼ି ଯାଇଥିଲା। ପରିବାର ପ୍ରାୟ ୧୨ଟା ସମୟରେ ଧାନ କଟା ସାରି ଆସି ଲୋକେଶଙ୍କୁ ନପାଇ ଖୋଜାଖୋଜି କରିବା ସମୟରେ ଦେଖିଥିଲେ ଚୁଆରେ ଲୋକେଶ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ଏହାପରେ ରାଇଘର ଥାନାକୁ ଖବର ଦେଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ରାଇଘର ଥାନା କେଶ ନମ୍ବର ୮୩/୨୬ରେ ଏକ ମାମଲା ରୁଜୁକରି ତଦନ୍ତ କରୁଥିବା ପୋଲିସ ପ୍ରକାଶ କରିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ଦେଖିବାକୁ ମିଳିଛି।

## ବଢୁଛି ଧଳା ଜହର କାରବାର ଟାର୍ଗେଟରେ କଲେଜ ପିଲା

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ପ୍ରମୁଖ ସହର ବଜାର ମାନଙ୍କରେ ବଢୁଛି ଧଳା ଜହର କାରବାର। ବିପଥଗାମୀ ହେଉଛନ୍ତି ଯୁବବର୍ଗ। ପୋଲିସର ଚଢ଼ଉ ସତ୍ତ୍ୱେ କେଉଁ ବାଟ ଦେଇ ଜିଲ୍ଲାକୁ ଆସୁଛି ଧଳା ଜହର ଟେର ପାଉନି ପୁଲିସ୍। ସାଧାରଣରେ ବଢୁଛି ଅସନ୍ତୋଷ। କିଛି ଦିନତଳେ କୁଆଖିଆ ଅଞ୍ଚଳରୁ ଜବତ ହୋଇଥିଲା ଦୁଇଶହ ଗ୍ରାମ ଧଳା ଜହର।

ଯାଜପୁରରେ ଦିନକୁ ଦିନ ବଢୁଛି ବ୍ରାଉନସୁଗାର୍ କାରବାର। ବ୍ୟାସନଗର ହେଉକି ଜାରକା, ପାଣିକୋଇଲି ହେଉକି ଚଣ୍ଡିଖୋଲ- ସବୁ ବଡ଼ ସହର, ଛୋଟ ଛୋଟ ବଜାର ସବୁଠି ଲମ୍ବିଛି ଧଳା ଜହର କାରବାର। ଖୁଚୁରା ବ୍ୟବସାୟୀମାନେ ସିଧାସଳଖ କଲେଜ ପିଲାଙ୍କୁ ଟାର୍ଗେଟ୍ କରି ଅସାମାଜିକ କାରବାର ଚଳାଇଛନ୍ତି। କିଛିଦିନ ତଳେ ନେଉଳପୁର ଓ ଆରୁହା ଅଞ୍ଚଳରୁ ବ୍ରାଉନସୁଗାର ଜବତ ହୋଇଥିଲା। ପରେ କୁଆଖିଆ ନିକଟ ମୂଳାପାଳରୁ ୨୦୦ ଗ୍ରାମ ଧଳା ଜହର ଜବତ କରାଯାଇଛି। ପୁଲିସ ରାଜେନ୍ଦ୍ରପୁର ଅଞ୍ଚଳର ଦୁଇଜଣଙ୍କୁ ଗିରଫ କରିଛି। ଏନେଇ ପୁଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇ ସୂଚନା ଦିଆଯାଇଛି।

ପୁଲିସ ବିଭିନ୍ନ ସମୟରେ ଚଢ଼ଉ କରି କିଛି ଖୁଚୁରା ବିକ୍ରେତାଙ୍କୁ ଗିରଫ କରିବାରେ ସଫଳ ହୋଇଛି। କେଉଁ କେଉଁ ସୂତ୍ରରୁ ଅର୍ଥ କାରବାର ହୋଇଛି ? ଜାଣିବାକୁ ଉଦ୍ୟମ କରୁଛି। ତଥାପି, ମାଷ୍ଟରମାଇଣ୍ଡମାନେ ପୁଲିସ ନଜରଠାରୁ ବହୁ ଦୂରରେ ଅଛନ୍ତି। କେଉଁ ବାଟ ଦେଇ ଜିଲ୍ଲାକୁ ଏତେ ପରିମାଣର ବ୍ରାଉନ୍‌ସୁଗାର ଆସୁଛି ? ତା'ର ଟେର ପାଇ ପାରୁନି। ଏପଟେ ଅବକାରୀ ବିଭାଗ ଯେତିକି ସକ୍ରିୟ ହେବାକଥା, ତାହା ଦେଖିବାକୁ ମିଳୁନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।



# ବିଷ ପାଲଟିଲାଣି ତୀର୍ଥ ଜଳ : ଶ୍ୱେତଗଙ୍ଗା ପୁଷ୍କରିଣୀର ଜଳ ସବୁଠୁ ଦୂଷିତ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଜହର ପାଲଟିଲାଣି ତୀର୍ଥ ଜଳ। ଶ୍ୱେତଗଙ୍ଗା ପୁଷ୍କରିଣୀ ଜଳ ସବୁଠୁ ବିଷାକ୍ତ। ୬୪ କୋଟି ଟଙ୍କା ବ୍ୟୟରେ ନରେନ୍ଦ୍ର ପୁଷ୍କରିଣୀ, ମାର୍କଣ୍ଡ ପୁଷ୍କରିଣୀ, ଇନ୍ଦ୍ରଦ୍ୟୁମ୍ନର ଉନ୍ନତୀକରଣ କରାଯାଉଛି। ଉନ୍ନତୀକରଣ ସହ ଜଳ ବିଶୋଧନ ପାଇଁ ମଧ୍ୟ କୌଶଳ ଆପଣାଯାଇଥିଲା। ମାତ୍ର ଏଯାଏ ୬୪ କୋଟି ଭାଗ ଥାଇ ମଧ୍ୟ ଶ୍ୱେତଗଙ୍ଗା ବଞ୍ଚିତ ହୋଇଛି। ଆପ୍ରୋଚ ରୋଡ୍ ଆଳରେ ଶ୍ୱେତଗଙ୍ଗାକୁ ଉନ୍ନତୀ ସ୍ପର୍ଶ କରିପାରିନାହିଁ।

ଏଥିସହ ପାଚେରିରେ ଫାଟ ସୃଷ୍ଟି ହୋଇଛି। ସେ ସ୍ଥାନକୁ ଭାଙ୍ଗି ନୂଆ ପାଚେରି ନିର୍ମାଣ ପାଇଁ ଯୋଜନା ହୋଇଛି। ହେଲେ ତାହା କାର୍ଯ୍ୟକାରୀ ହେଉନାହିଁ। ସେପଟେ ଧୀରେଧୀରେ ପୁଷ୍କରିଣୀର ଜଳରାଶି ବିଷରେ ପରିଣତ ହେଲାଣି। ୧୭ ବର୍ଷ ତଳେ ନାସନାଲ ପାୱାର ଥର୍ମାଲ କର୍ପୋରେସନ (ଏନ୍‌ଟିପିସି) ଜରିଆରେ ଶ୍ୱେତଗଙ୍ଗାରେ ଜଳ ବିଶୋଧନ ପ୍ଲାଣ୍ଟ ସ୍ଥାପନ ହୋଇଥିଲା। ଏଥିପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିଲା। ଆଧୁନିକ ଜ୍ଞାନକୌଶଳର ଉପଯୋଗ ପୂର୍ବକ ପୁଷ୍କରିଣୀ ଜଳରାଶିକୁ ବିଶୋଧନ କରାଯାଉଥିଲା। ତେବେ ଦୁଇ ତିନିମାସ ଚାଲିବା ପରେ ଏହା ଅକାମୀ ହୋଇଗଲା। ଫଳରେ ଜଳର ଗୁଣାତ୍ମକ ମାନ ବିଗିଡ଼ିବା ଆରମ୍ଭ ହୋଇଥିଲା। ଚାଲିଛି ପୁଣ୍ୟର ମାସ



କାର୍ତ୍ତିକ। ହଜାର ହଜାର ହବିଷ୍ୟାଳି ପୁରୀରେ ରହି ବ୍ରତ ପାଳନ କରୁଛନ୍ତି। ଏଥିସହ ତୀର୍ଥ ପୁଷ୍କରିଣୀରେ ସ୍ନାନ କରୁଛନ୍ତି। ହେଲେ ପଞ୍ଚତୀର୍ଥମାନଙ୍କ ମଧ୍ୟରୁ ଶ୍ୱେତଗଙ୍ଗାର ପାଣି ବିଷାକ୍ତ ହୋଇଛି। ଏଥିରେ ସ୍ନାନ କରିବା ଶରୀର ପାଇଁ ବିପଦ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଶ୍ୱେତଗଙ୍ଗା ମନ୍ଦିର ଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବାରୁ ଏବଂ ଏହାକୁ ଶ୍ରୀକ୍ଷେତ୍ରର ଗଙ୍ଗା ଭାବେ ବିଚାର କରାଯାଏ। ଅନ୍ୟ ତୀର୍ଥ ପୁଷ୍କରିଣୀ ଅପେକ୍ଷା ଶ୍ୱେତଗଙ୍ଗାରେ ସର୍ବାଧିକ ଶ୍ରଦ୍ଧାଳୁ ବୁଡ଼ ପକାନ୍ତି। ଏହାକୁ ଖୁବ୍‌ଶୀଘ୍ର ବିଶୋଧନ କରିବାକୁ ପୁରୀବାସୀ ଦାବି କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାସ୍ତା ନଥିବା ଆଳରେ ଉନ୍ନତୀକରଣ ସିନା କଲେ ନାହିଁ, ହେଲେ ବିଶୋଧନ କରିବାକୁ ଭୁଲିଗଲେ।

# ଜରାଜୀର୍ଣ୍ଣ ଜୟପୁର ବିଏସଏନଏଲ କାର୍ଯ୍ୟାଳୟ : ଫାଟିଛି କାନ୍ଥ ଖସୁଛି ପ୍ଲାଷ୍ଟର

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

ଅବିଭକ୍ତ କୋରାପୁଟ ଜିଲ୍ଲାକୁ ଟେକ୍ନିକାଲ୍ ସପୋର୍ଟ ଯୋଗାଉଥିବା ଜୟପୁର ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ ଏବେ ଜରାଜୀର୍ଣ୍ଣ। ବାହାରୁ ଚକାଚକ୍ ଦେଖାଯାଉଥିଲେ ମଧ୍ୟ ଭିତରେ ଭୟର ବାତାବରଣ। ଗତ ବର୍ଷ ପ୍ରଥମ ମହଲାର ପଶ୍ଚିମ ପଟ ଛାତ ଓ ସିଡ଼ି ଭାଙ୍ଗି ପଡ଼ିଥିଲା। ଏବେ କୋଠାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଛି। ଉପରୁ ଖସୁଛି ପ୍ଲାଷ୍ଟର। ବର୍ତ୍ତମାନ ଅବସ୍ଥାରେ କାର୍ଯ୍ୟାଳୟରେ କାମ କରୁଥିବା କର୍ମଚାରୀଙ୍କ ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ ପାଇଛି।



୧୯୮୮ ମସିହା ଡିସେମ୍ବର ୩୧ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ଏହାର ଉଦ୍‌ଘାଟନ କରିଥିଲେ। ୪୦ ବର୍ଷର ସେବା ଯୋଗାଇବା ପରେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ବର୍ତ୍ତମାନ ଏହି ଭବନରୁ ମୋବାଇଲ୍ ନେଟ୍‌ୱର୍କ, ସିମ୍ ଯୋଗାଣ, ଟେଲିଫୋନ୍ ବିଲ୍ ପଇଠ, ଲ୍ୟାଣ୍ଡଲାଇନ୍ ଓ ବ୍ରଡ୍‌ବ୍ୟାଣ୍ଡ ସେବାର ତ୍ରୁଟି ସୁଧାରିବା ପାଇଁ ଅଭିଯୋଗ ଗ୍ରହଣ ପରି କାମ ପରିଚାଳିତ ହେଉଛି। ପ୍ରତିଦିନ ଶହ ଶହ ଉପଭୋକ୍ତା ବିଭିନ୍ନ ସେବା ପାଇଁ ଏଠାକୁ ଆସିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି କାର୍ଯ୍ୟାଳୟକୁ ସପୋର୍ଟ କରି ରହିଥିବା ଆଉ ଏକ କାର୍ଯ୍ୟାଳୟରୁ କବାଟ, ଝରକା ଓ ମୂଲ୍ୟବାନ ଯନ୍ତ୍ରାଂଶ ମଧ୍ୟ ଚୋରି ହୋଇଗଲାଣି।

## ୧୩୪ ବର୍ଷ ବିଦ୍ୟାଳୟର ନାହିଁ ନିଜସ୍ୱ ଜମି

# ବିଶ୍ୱନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବ, ନାହାନ୍ତି ବିଜ୍ଞାନ ଶିକ୍ଷକ

**ବାଲିପାଟଣା, ନ୍ୟୁଜ୍ ବ୍ୟୁରୋ**

ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକର ବିଶ୍ୱନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୮୯୨ ମସିହାରେ ପ୍ରତିଷ୍ଠା ହୋଇଥିବାବେଳେ ଚଳିତବର୍ଷ ୧୩୪ ବର୍ଷରେ ପଦାର୍ପଣ କରିଛି। ଏହି ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ୭୨ଜଣ ବିଦ୍ୟାର୍ଥୀ ଏହି ବିଦ୍ୟାଳୟରେ ପଢୁଥିବାବେଳେ ୯ଟି ଶ୍ରେଣୀ ପାଇଁ ମାତ୍ର ୪ଟି ଶ୍ରେଣୀ ଗୃହ ରହିଛି। ଦୀର୍ଘ ଏକ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ଅଞ୍ଚଳର ଅନେକ ପିଢ଼ିଙ୍କୁ ଶିକ୍ଷିତ କରି ଆସିଛି ଏହି ବିଦ୍ୟାଳୟ। ହେଲେ ଏହି ପୁରାତନ ଶିକ୍ଷାନୁଷ୍ଠାନ ଏବେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ବିଦ୍ୟାଳୟର ନିଜସ୍ୱ ଜମି ନାହିଁ। ସ୍କୁଲକୁ ଯାତାୟାତ ପାଇଁ ଭଲ ରାସ୍ତା ନ ଥିବା ବେଳେ ବିଜ୍ଞାନ ଶିକ୍ଷକଙ୍କ ଅଭାବ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ପ୍ରଭାବିତ କରୁଛି।

ସୂଚନା ଅନୁଯାୟୀ, ଶତାବ୍ଦୀ ପୁରୁଣା ଏହି ବିଦ୍ୟାଳୟରେ ଅନେକ ପିଲା ଶିକ୍ଷା ଅଧ୍ୟୟନ କରିଆସୁଥିଲେ ମଧ୍ୟ ଏଯାଏ ଏହାର ନିଜସ୍ୱ ଜମି ନାହିଁ। ଏପରି କି ବିଦ୍ୟାଳୟକୁ ଯିବା ପାଇଁ





ଉପଯୁକ୍ତ ରାସ୍ତା ନାହିଁ। ବର୍ଷାଦିନେ ରାସ୍ତା ପାଣି କାଦୁଅ ହେଉଥିବାରୁ ବିଦ୍ୟାର୍ଥୀଙ୍କ ସମେତ ଶିକ୍ଷକମାନେ ମଧ୍ୟ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଏଭଳି ସ୍ଥିତିରେ ପିଲାଙ୍କ ନିୟମିତ ପାଠପଢ଼ା ଓ ଯାତାୟାତର ସୁବିଧାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ପିଲାଙ୍କ ସଂଖ୍ୟାକୁ ଦେଖିଲେ ଏଠାରେ ୫ ଜଣ ଶିକ୍ଷକ ରହିଛନ୍ତି। ହେଲେ ବିଜ୍ଞାନ ଶିକ୍ଷକ ନାହାନ୍ତି। ବର୍ତ୍ତମାନ ଯୁଗରେ ବିଜ୍ଞାନ ଶିକ୍ଷାର ଗୁରୁତ୍ୱ ବଢ଼ିଥିବାବେଳେ ଏହି ବିଷୟର ଶିକ୍ଷକ ଅଭାବ ପିଲାଙ୍କ ଶିକ୍ଷାକୁ ପ୍ରଭାବିତ କରିବା ଆଶଙ୍କା ରହିଛି। ଆର୍ଟ ଶିକ୍ଷକ ଅନ୍ୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଥିଲେ ବି ଏ ସ୍କୁଲରେ ନାହାନ୍ତି। ଏହି ବିଦ୍ୟାଳୟକୁ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟକୁ ରୂପାନ୍ତରଣ କରିବାର ଯୋଜନା ରହିଛି, ହେଲେ ନିଜସ୍ୱ ଜାଗା ନ ଥିବାରୁ ଉକ୍ତ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି। ପିଲାଙ୍କ ସଂଖ୍ୟା ଅନୁସାରେ ଦୁଇଟି ଶୌଚାଳୟ ଯଥେଷ୍ଟ ନୁହେଁ। ପ୍ରଧାନ ଶିକ୍ଷକ ବିଭିନ୍ନ ସରକାରୀ କାମ ଓ ସ୍କୁଲ ମଧ୍ୟାହ୍ନଭୋଜନ କାମରେ ଅନେକ ସମୟରେ ବ୍ୟସ୍ତ ରୁହନ୍ତି। ଏହି ଶିକ୍ଷାନୁଷ୍ଠାନର ସମସ୍ୟା ସମାଧାନ ଦିଗରେ ପ୍ରଶାସନ ଓ ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ବିଦ୍ୟାଳୟକୁ ନିଜସ୍ୱ ଜମି, ଯାତାୟାତ ପାଇଁ ପକ୍କା ରାସ୍ତା ଏବଂ ଆବଶ୍ୟକ ଶିକ୍ଷକ ଯୋଗାଇ ଦିଆଗଲେ ଏହି ପୁରାତନ ଶିକ୍ଷାନୁଷ୍ଠାନର ଗୌରବ ବଜାୟ ରହିବା ସହ ବିଦ୍ୟାର୍ଥୀଙ୍କ ଶିକ୍ଷାଦାନ ମଧ୍ୟ ସୁଦୃଢ଼ ହୋଇପାରିବ ବୋଲି ମତପ୍ରକାଶ ପାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଦନ ଭୋଇ କହିଛନ୍ତି, ବିଜ୍ଞାନ ଶିକ୍ଷକ ନିଯୁକ୍ତି ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗପତ୍ର ଦିଆଯାଇଛି, ହେଲେ ଏପର୍ଯ୍ୟନ୍ତ ସୁଫଳ ମିଳିନାହିଁ। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ସ୍କୁଲ ପରିସରରେ ପାଣି ଜମୁଛି। ସେହିପରି ଖେଳପଡ଼ିଆ ନ ଥିବାରୁ ପିଲାମାନେ ଖେଳକୁଦରୁ ବଞ୍ଚିତ ହେଉଛନ୍ତି। ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ସହ ଶିକ୍ଷକ ପ୍ରଭାତ କୁମାର ସାହୁ କହିଛନ୍ତି, ଏଠାରେ ଜଣେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ଆବଶ୍ୟକ। ବିଦ୍ୟାଳୟ ବର୍ଜ୍ୟବସ୍ତୁ ବାହାରକୁ ନେବାକୁ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ କହିଛନ୍ତି, ଗାରେଡ଼ିପାଞ୍ଚଣ ପଞ୍ଚାୟତକୁ କହି ବର୍ଜ୍ୟବସ୍ତୁ ନେବାର ବ୍ୟବସ୍ଥା କରାଯିବ। ସେହିପରି ବାଲିପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସ କହିଛନ୍ତି, ଏଠାକୁ ମାସେ ହେବ ସେ ଆସିଛନ୍ତି, ଗାଇଡ୍‌ଲାଇନ ଅନୁଯାୟୀ ସମସ୍ତ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ପୁଣି ଭାଲୁ ଆତଙ୍କ : ଲୋକେ ଭୟଭୀତ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ରେଞ୍ଜ ସର୍ଗୀଗଡ଼ା ଗାଁଭିତରେ ପୁଣି ବୁଲିଲା ଭାଲୁ। ଗାଁ ନିକଟରେ ଜଙ୍ଗଲ ଥିବାରୁ ଜଙ୍ଗଲ ଦେଇ ଗାଁକୁ ଭାଲୁ ଆସିଥିବା କୁହାଯାଉଛି। ଗାଁ ଭିତରେ ଭାଲୁ ବୁଲୁଥିବା ଦେଖିବା ପରେ ଗାଁଲୋକେ ଏବେ ଭୟଭୀତ ଅଛନ୍ତି। ପୂର୍ବରୁ ମୁରିବାହାଲ ଓ କଣ୍ଟାବାଞ୍ଜି ରେଞ୍ଜରେ ବୁଲୁଥିଲେ ଦୁଇଟି ଭାଲୁ। କିଛିଦିନ ତଳେ ଭାଲୁ ଆକ୍ରମଣରେ ଜଣେ ମୃତ୍ୟୁବରଣ କରିଥିଲା। ମୁରିବାହାଲ ଅଞ୍ଚଳରେ ବୁଲୁଥିବା ଭାଲୁକୁ କନ୍ଧବାହାଲ ଗାଁ ନିକଟରେ କଣ୍ଟାବାଞ୍ଜି ବନ ବିଭାଗ କାବୁ କରି ହରିଶଙ୍କରକୁ ନେଇଥିଲା। କିନ୍ତୁ ଆଉ ଗୋଟିଏ ଭାଲୁ ଏବେ ପୁଣି ବୁଲୁଥିବା ଲୋକେ ଦେଖିବାକୁ ପାଇଲେଣି। କିଛିଦିନ ତଳେ ଭାଲୁ ଜଣଙ୍କର ଜୀବନ ନେଇଥିବା ବେଳେ ଆଉ ଗୋଟାଏ ଭାଲୁ ବୁଲୁଥିବା ଦେଖି ଗାଁରେ ଲୋକେ ଭୟଭୀତ ଅଛନ୍ତି। ଭାଲୁଟି ସର୍ଗୀଗୁଡ଼ା ଗାଁରେ ଥିବା ବେଳେ ରାତି ହେଲେ ପୁଞ୍ଜିପଥର ଜଙ୍ଗଲରେ ଘୂରି ବୁଲୁଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଭାଲୁକୁ ଧରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପୂର୍ବରୁ ଜଙ୍ଗଲ ବିଭାଗ ବୁଲୁଥିବା ଭାଲୁକୁ ଯେମିତି ଧରିଥିଲା ସେହିପରି ବନବିଭାଗ ପୁଣି ଥରେ ଭାଲୁକୁ ଧରିବାକୁ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି। ଭାଲୁ ଆଖୁ ଚାଷକୁ ନଷ୍ଟ କରୁଥିବାରୁ ଚାଷୀମାନେ କ୍ଷତିପୂରଣ ଦାବି କରିଛନ୍ତି।

# ଖାଲଖମା ଭର୍ତ୍ତି ଭେଡେନ ବ୍ରିଜ୍ ରାସ୍ତା : ତୁରନ୍ତ ମରାମତି ପାଇଁ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ରାସ୍ତା ଅଛି, ବ୍ରିଜ୍ ଅଛି, ହେଲେ ଯାତାୟାତ କରିବା ଏବେ ଯନ୍ତ୍ରଣାଦାୟକ ହୋଇପଡ଼ିଛି। ସାମାନ୍ୟ ଅସାବଧାନତା ଯେ କେତେବେଳେ ବଡ଼ ଦୁର୍ଘଟଣାର କାରଣ ହେବ, ସେହି ଆଶଙ୍କା ମଧ୍ୟରେ ଯାତାୟାତ କରୁଛନ୍ତି ଶତାଧିକ ଲୋକ। ଏଭଳି ଦୁରବସ୍ଥା ଦେଖିବାକୁ ମିଳିଛି ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ଅନ୍ତର୍ଗତ ସୋଡ଼ାମାଲ ଭେଡେନ ବ୍ରିଜ୍‌ରୁ ରାଞ୍ଚି ଅଭିମୁଖେ ସଂଯୋଗ କରୁଥିବା ରାସ୍ତାରେ।

ବିଶେଷ କରି ବ୍ରିଜ୍ ଉପରେ ଥିବା ପ୍ରାୟ ୩୦୦ ମିଟର ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ରାସ୍ତାସାରା ଛୋଟବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଯାନବାହନ ଚଳାଚଳ ସମୟରେ ଚାଳକମାନଙ୍କୁ ବେଶ୍ ସତର୍କ ରହିବାକୁ ପଡୁଛି। ଦୁଇଚକିଆ ଯାନରେ ଯାଉଥିବା ଲୋକଙ୍କ ଅସୁବିଧା ଆହୁରି ବଢ଼ିଯାଇଛି। ଖାଲରେ ପଡ଼ି ଗାଡ଼ି ଭାରସାମ୍ୟ ହରାଇବା ସହ ଯାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି।

ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ, ଶ୍ରମଜୀବୀ, ଚାକିରିଜୀବୀଙ୍କ ସମେତ ବହୁ ସଂଖ୍ୟକ ଲୋକ ଯାତାୟାତ କରନ୍ତି। ତେଣୁ ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଦୈନନ୍ଦିନ ଯାତ୍ରା ଏକ ପ୍ରକାର ଦୁର୍ଭୋଗରେ ପରିଣତ ହୋଇଛି। ବ୍ରିଜ୍ ଉପରେ ଯେକୌଣସି ସମୟରେ ଦୁର୍ଘଟଣା ଘଟି ନିରୀହ ଲୋକଙ୍କ ଜୀବନହାନି ହେବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ଏହାର ସମାଧାନ କରିବା ଜରୁରୀ ବୋଲି ସ୍ଥାନୀୟ ଲୋକେ ମତପ୍ରକାଶ କରିଛନ୍ତି।

ଏନେଇ ସ୍ଥାନୀୟ ଅଞ୍ଚଳର ପ୍ରେମ ସାଗର ଧୂରୁଆ, ଛାତ୍ର ସାମ୍ମୁଖ୍ୟର ଜିତେନ୍ଦ୍ରିୟ ଧୂରୁଆ ଓ ସମ୍ପିତ ନାଏକ ପ୍ରମୁଖ ତୁରନ୍ତ ବ୍ରିଜ୍ ସମେତ ସଂଯୋଗକାରୀ ରାସ୍ତାର ମରାମତି କରିବାକୁ ଦାବି କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଜେ.କେ. ମେହେରଙ୍କ ମତାମତ ନେବା ପାଇଁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ଜନ ସାଧାରଣଙ୍କ ଦୈନନ୍ଦିନ ଯାତାୟାତ ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ପ୍ରଶାସନ ତୁରନ୍ତ ଏହି ରାସ୍ତାର ମରାମତି ପାଇଁ ପଦକ୍ଷେପ ନେଉ ବୋଲି ଦାବି ଜୋର୍ ଧରିଛି।

# ଦୀର୍ଘ ବର୍ଷ ପରେ ବି ଗାଁକୁ ଛୁଇଁପାରିନି ବିକାଶ : ମୌଳିକ ସୁବିଧା ସାତ ସପନ





**ରେଢ଼ାଖୋଲ, ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଗାଁକୁ ଛୁଇଁପାରିନି ବିକାଶର ଆଲୋକ। ମୌଳିକ ସୁବିଧା ସାତ ସପନ। ନାହିଁ ରାସ୍ତା, ନାହିଁ ପାନୀୟ ଜଳ, ନାହିଁ ମୋବାଇଲ ନେଟୱାର୍କ। ସ୍ୱାସ୍ଥ୍ୟ, ଶିକ୍ଷା ସବୁ ଅପହଞ୍ଚ। ଏ ହେଉଛି ଦୁର୍ଗମ ଗାଁର ବାସ୍ତବ ଚିତ୍ର। ବିକାଶର ଡିଣ୍ଡିମ ପିଟୁଛନ୍ତି ସରକାର। ଗାଁକୁ ଗାଁ ରାସ୍ତା, ଘରକୁ ଘର ପାନୀୟ ଜଳ ଯୋଗାଇବା ପାଇଁ ହେଉଛି ଅନେକ ଯୋଜନା। ଏ ସବୁ କେବଳ ବାହାସ୍ଫଟ। ଯାହାର ଜ୍ୱଳନ୍ତ ଉଦାହରଣ ଏ ଚିତ୍ର। ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ତାଳବ ଗାଁ ନିକଟସ୍ଥ କେଛବିଲ ସାହି। ଚାରିପଟେ ଘଞ୍ଚ ଜଙ୍ଗଲ ଓ ପାହାଡ଼। ଯିବା ଆସିବା ପାଇଁ ଉପଯୁକ୍ତ ରାସ୍ତା ନାହିଁ। ଯାତାୟତ ପାଇଁ ଭରସା ୪ କିମି ଜଙ୍ଗଲିଆ ରାସ୍ତା। ରାସନ ଚାଉଳ ଆଣିବାକୁ ପ୍ରଥମେ ଜଙ୍ଗଲ ପାହାଡ଼ ଦେଇ ୪ କିମି ଚାଲି ତାଳବ ଗାଁକୁ ଆସିବାକୁ ପଡ଼େ। ସେଠାରୁ ଶହେ ଟଙ୍କା ଅଟୋ ଭଡ଼ା କରି ୨୫ କିମି ଦୂର ପାଣିମୁରା ପଞ୍ଚାୟତକୁ ଯାଆନ୍ତି ଲୋକେ। ଗରିବ ଲୋକ ନିଜ ପେଟରୁ କାଟି ମାଗଣା ଚାଉଳ ବିକି ଯାତାୟାତ ଖର୍ଚ୍ଚ ଭରଣା କରୁଥିବା ଦୁଃଖରେ କହିଛନ୍ତି। ସ୍ୱାସ୍ଥ୍ୟସେବାର ଚିତ୍ର ଆହୁରି ସଙ୍ଗୀନ। ୪ କିମି ଖଟିଆରେ ବୋହି ରୋଗୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡ଼େ। ଜଙ୍ଗଲୀ ରାସ୍ତା ଦେଇ ସ୍କୁଲ୍ ଯାଆନ୍ତି ପିଲା। ସେପଟେ ଜଙ୍ଗଲରୁ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିବା ଲୋକଙ୍କୁ ବିକ୍ରିବଟା ପାଇଁ ପ୍ରାୟ ୫୦ କିମି ଦୂରକୁ ଯିବାକୁ ପଡୁଛି। ହେଲେ ଗାଁ ଲୋକଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି। ନିର୍ବାଚନ ଆସିଲେ ଗାଁରେ ନେତାଙ୍କ ପାଦ ପଡ଼େ। ଅନେକ ପ୍ରତିଶ୍ରୁତି ମିଳେ। ନିର୍ବାଚନ ସରିଗଲେ ସମସ୍ୟା ଯେଉଁଠିକୁ ସେଇଠି। ଏପରିକି ସ୍ଥାନୀୟ ବିଧାୟକ କିଏ, ତାହା ମଧ୍ୟ ଅନେକଙ୍କୁ ଜଣାନାହିଁ। ସରକାରଙ୍କ ବିକାଶ ଯୋଜନା କେବେ ଏହି ଦୁର୍ଗମ ଗାଁରେ ପହଞ୍ଚିବ ? କେବେ ମିଳିବ କେଛବିଲ ସାହିବାସୀଙ୍କୁ ରାସ୍ତା, ପାଣି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ? ନା ପ୍ରତିଶ୍ରୁତିରେ ହିଁ ସୀମିତ ରହିଯିବ ବିକାଶ ? ଏମିତି ଅନେକ ପ୍ରଶ୍ନ ଉଠିଛି।

## ବାଉଁଶ କାରିଗରୀ ଦେଖାଇଲା ରୋଜଗାରର ବାଟ

# କୋରାପୁଟ ଧଳପୁରରେ ସ୍ୱାବଲମ୍ବୀ ହେଉଛନ୍ତି ଗ୍ରାମାଞ୍ଚଳ ମହିଳା

**ବୈପାରିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ବାଉଁଶରୁ ଫୁଟୁଛି କଳା, ଆଉ ସେହି କଳା ଗ୍ରାମାଞ୍ଚଳର ମହିଳା ଓ ଯୁବତୀଙ୍କୁ ଦେଖାଇଛି ଆତ୍ମନିର୍ଭରଶୀଳତାର ନୂଆ ବାଟ। ଘରୋଇ ଉପକରଣଠାରୁ ଆରମ୍ଭ କରି ଚିତ୍ତାକର୍ଷକ ହସ୍ତଶିଳ୍ପ ସାମଗ୍ରୀ ତିଆରି କରି ଏବେ ନିଜ ଗୋଡ଼ରେ ନିଜେ ଠିଆ ହେବା ସହ ପରିବାରର ଆର୍ଥିକ ମେରୁଦଣ୍ଡ ସାଜିଛନ୍ତି କୋରାପୁଟର ମହିଳା। ବଜାରରେ ଏହି ପରିବେଶ ଅନୁକୂଳ ସାମଗ୍ରୀର ଚାହିଦା ବଢୁଥିବାରୁ ଏହା ଏବେ ନାରୀ ସଶକ୍ତୀକରଣର ଏକ ନିଆରା ଉଦାହରଣ ପାଲଟିଛି।

ଦୀର୍ଘ ବର୍ଷ ଧରି ତାଲା ପଡ଼ି ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା କୋରାପୁଟ ଜିଲ୍ଲା ବୈପାରିଗୁଡ଼ା ବ୍ଲକ ଧଳପୁର ସ୍ଥିତ 'ବାଉଁଶ ପ୍ରକ୍ରିୟାକରଣ



ଓ ତାଲିମ କେନ୍ଦ୍ର'। ସ୍ଥାନୀୟ ସ୍ୱେଚ୍ଛାସେବୀ ମମତା ମିଶ୍ରଙ୍କ ଅକ୍ଳାନ୍ତ ଉଦ୍ୟମ, ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ତଥା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି କେନ୍ଦ୍ରଟି ପୁନର୍ବାର କାର୍ଯ୍ୟକ୍ଷମ ହୋଇଛି। କନ୍ଧମାଳ ଜିଲ୍ଲାରୁ ଆସିଥିବା ଦକ୍ଷ ପ୍ରଶିକ୍ଷକମାନେ ଏଠାରେ ଗ୍ରାମୀଣ ମହିଳା ଓ ଯୁବତୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ନିଜ ଘରର ରୋଷେଇବାସ ଓ ପାରିବାରିକ ଦାୟିତ୍ୱ ସାରି ମହିଳାମାନେ ଏଠାକୁ ଆସି କାରିଗରି ଶିଖୁଛନ୍ତି। ତାଲିମ ନେବା ସମୟରେ ସେମାନଙ୍କୁ ମାସିକ ୨ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ମଧ୍ୟ ମିଳୁଛି।

ଏହି କାରିଗରମାନେ ନିଜ ହାତରେ ନିଖୁଣ ଭାବେ ତିଆରି କରୁଛନ୍ତି ଆକର୍ଷଣୀୟ ଫୁଲତୋଡ଼ା, ପେନ୍ ଷ୍ଟାଣ୍ଡ, ଲାଇଟ୍ ଷ୍ଟାଣ୍ଡ, ଗହଣା ବାକ୍ସ ଏବଂ ପ୍ରଭୁ ଜଗନ୍ନାଥଙ୍କ ଅତି ସୁନ୍ଦର କାଠ-ବାଉଁଶ ମୂର୍ତ୍ତି। ବାଉଁଶ ସାମଗ୍ରୀ ଯେପରି ଶୀଘ୍ର ନଷ୍ଟ ନହୁଏ କିମ୍ବା ସେଥିରେ ଶିଉଳି ନଲାଗେ, ସେଥିପାଇଁ ଏକ ସ୍ୱତନ୍ତ୍ର ପଦ୍ଧତି ଆପଣାଯାଉଛି। କଞ୍ଚା ବାଉଁଶକୁ ପ୍ରଥମେ ପ୍ରାୟ ୧୫ ଦିନ ପର୍ଯ୍ୟନ୍ତ ପାଣିରେ ବତୁରାଇ ରଖାଯାଏ ଏବଂ ପରେ ତାହାକୁ କଡ଼ା ଖରାରେ ଶୁଖାଯାଏ। ଏହାପରେ ଶୁଖିଲା ବାଉଁଶକୁ କାଟି ବିଭିନ୍ନ କଳାକୃତିର ରୂପ ଦିଆଯାଏ। ଏହି କେନ୍ଦ୍ରରେ ତିଆରି ସାମଗ୍ରୀ ଐତିହାସିକ କଟକ ବାଲିଯାତ୍ରା, କୋରାପୁଟର ବିଶ୍ୱପ୍ରସିଦ୍ଧ 'ପରବ', ମାଲକାନଗିରିର 'ମାଲ୍ୟବନ୍ତ ମହୋତ୍ସବ' ଏବଂ ନବରଙ୍ଗପୁରର 'ମଣ୍ଡେଇ' ଭଳି ବଡ଼ ବଡ଼ ରାଜ୍ୟସ୍ତରୀୟ ମହୋତ୍ସବରେ ବିକ୍ରି ହୋଇ ବେଶ୍ ଆଦୃତି ଲାଭ କରୁଛି।

କେନ୍ଦ୍ରଟି ପୁଣିଥରେ ଆରମ୍ଭ ହୋଇଥିଲେ ହେଁ ଏଠାରେ କିଛି ଭିତ୍ତିଭୂମିଗତ ସମସ୍ୟା ରହିଛି। ବହୁ ବର୍ଷ ଧରି ବନ୍ଦ ଥିବା କାରଣରୁ ବାଉଁଶ ପ୍ରକ୍ରିୟାକରଣ ପାଇଁ ଥିବା ବହୁ ମୂଲ୍ୟବାନ ଆଧୁନିକ ମେସିନ୍ ଏବେ ଅଚଳ ହୋଇ ପଡ଼ିରହିଛି। ଯଦି ସରକାରୀ ସ୍ତରରେ ତୁରନ୍ତ ଏହି ଯନ୍ତ୍ରପାତିଗୁଡ଼ିକର ମରାମତି କରାଯାଏ, ତେବେ କେନ୍ଦ୍ରଟି ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟକ୍ଷମ ହୋଇପାରିବ ଏବଂ ଅଞ୍ଚଳର ଆହୁରି ଶହ ଶହ ମହିଳା ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହୋଇପାରିବେ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

32 YEARS
# ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ନଭେମ୍ବର ୨୦୨୬ ଶନିବାର




## ମହିଳାଙ୍କ ବେକରୁ ସୁନା ଚେନ୍ ଲୁଟ୍:ପୋଲିସ ପାଟ୍ରୋଲିଂ କଡ଼ାକଡ଼ି ପାଇଁ ଦାବି

କଟକ, ନ୍ୟୁଜ୍ ବ୍ୟୁରୋ



କଟକ ସହରରେ ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ନେଇ ପୁଣି ଉଦ୍‌ବେଗ ପ୍ରକାଶ ପାଇଛି। ଶିଖରପୁର ଏଣ୍ଟ୍ରାନ୍ସ ନିକଟସ୍ଥ ପ୍ରଧାନ ଟ୍ରାନ୍ସପୋର୍ଟ ଅଫିସ୍ ସମ୍ମୁଖରେ ମହାନଦୀ ବିହାର ସେକ୍ଟର-୧ର ଜଣେ ବରିଷ୍ଠ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନା ଚେନ୍ ଛିନ୍ତାଇ କରି ଫେରାର୍ ହୋଇଯାଇଛନ୍ତି। ଏହି ଘଟଣାରେ ଆହତ ମହିଳାଙ୍କୁ ପୋଲିସର ସହଯୋଗରେ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ସେ ମହାନଦୀ ବିହାରର ପ୍ଲଟ୍ ନମ୍ବର ୧୩୯ର ବାସିନ୍ଦା ବୋଲି ଜଣାପଡ଼ିଛି। ଏହି ଘଟଣା ପରେ ମହାନଦୀ ବିହାର ଅଞ୍ଚଳରେ ପୋଲିସ ସୁରକ୍ଷା ଓ ନିୟମିତ ପାଟ୍ରୋଲିଂ ବ୍ୟବସ୍ଥାକୁ ନେଇ ମହାନଦୀ ବିହାର ଡେଭଲପମେଣ୍ଟ ଆସୋସିଏସନ୍ ପକ୍ଷରୁ କମିଶନରେଟ୍ ପୋଲିସ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି। ମହାନଦୀ ବିହାର ଓ ଶିଖରପୁର ଏଣ୍ଟ୍ରାନ୍ସ ଅଞ୍ଚଳରେ ନିୟମିତ ଏବଂ ଘନଘନ ପୋଲିସ ପାଟ୍ରୋଲିଂ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ସଂଘ ଦାବି କରିଛି। ଏଥିସହ ମହାନଦୀ ବିହାରରେ ସ୍ଥାପିତ ପୋଲିସ ଫାଣ୍ଡିକୁ ଅଧିକ କାର୍ଯ୍ୟକ୍ଷମ କରିବା ସହ ଜଣେ ଉପନିରୀକ୍ଷକ ପାହ୍ୟାର ଅଧିକାରୀଙ୍କୁ ସ୍ୱତନ୍ତ୍ର ଦାୟିତ୍ୱ ଦେବାକୁ ଦାବି କରାଯାଇଛି। ଚାଉଳିଆଗଞ୍ଜ ଥାନାର ଅନ୍ୟାନ୍ୟ ଅତିରିକ୍ତ ଦାୟିତ୍ୱରୁ ଏହି ଅଧିକାରୀଙ୍କୁ ଯଥାସମ୍ଭବ ମୁକ୍ତ ରଖି ମହାନଦୀ ବିହାର ଅଞ୍ଚଳର ଆଇନ୍‌ଶୃଙ୍ଖଳା ଓ ନାଗରିକଙ୍କ ସୁରକ୍ଷା ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ମହାନଦୀ ବିହାର ଡେଭଲପ୍‌ମେଣ୍ଟ ଆସୋସିଏସନ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ବିଶେଷକରି ମହିଳା ଓ ବରିଷ୍ଠ ନାଗରିକଙ୍କ ସୁରକ୍ଷାକୁ ସ୍ୱତନ୍ତ୍ର ପ୍ରାଥମିକତା ଦେବା ସହ ପୋଲିସ ଓ ମହାନଦୀ ବିହାର ଡେଭଲପ୍‌ମେଣ୍ଟ ଆସୋସିଏସନ୍‌ର ମିଳିତ ସହଯୋଗରେ ନିୟମିତ ପୋଲିସ-ଜନସାଧାରଣ ସମନ୍ୱୟ ବୈଠକ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ ଦାବି ହୋଇଛି। ପୋଲିସ ପ୍ରଶାସନର କାର୍ଯ୍ୟ ଓ ସହଯୋଗକୁ ସମ୍ମାନ ଜଣାଇ ସଂଘ ପକ୍ଷରୁ କୁହାଯାଇଛି ଯେ, ସୀମିତ କର୍ମଚାରୀ ଓ ଅଧିକ କାର୍ଯ୍ୟଭାର ସତ୍ତ୍ୱେ ପୋଲିସ ନିଜ ଦାୟିତ୍ୱ ତୁଲାଉଛି। ତେବେ ଏକ ବୃହତ୍ ଆବାସିକ ଅଞ୍ଚଳର ସୁରକ୍ଷା ପାଇଁ ସ୍ୱତନ୍ତ୍ର ନଜରଦାରୀ, କାର୍ଯ୍ୟକ୍ଷମ ପୋଲିସ ଫାଣ୍ଡି ଓ ନିୟମିତ ପାଟ୍ରୋଲିଂ ଅତ୍ୟନ୍ତ ଆବଶ୍ୟକ। ଅନ୍ୟପକ୍ଷରେ ଅଞ୍ଚଳବାସୀଙ୍କୁ ନିଜେ ସତର୍କ ରହିବା, ବରିଷ୍ଠ ନାଗରିକଙ୍କ ପ୍ରତି ଯତ୍ନବାନ ହେବା ଏବଂ କୌଣସି ସନ୍ଦେହଜନକ ଗତିବିଧି ଦେଖିଲେ ତୁରନ୍ତ ପୋଲିସକୁ ଜଣାଇବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଆହତ ବରିଷ୍ଠ ମହିଳାଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ମହାନଦୀ ବିହାର ଡେଭଲପ୍‌ମେଣ୍ଟ ଆସୋସିଏସନ୍‌ର ସଭାପତି ସଞ୍ଜୟ କୁମାର ଜେନା। ସୁରକ୍ଷିତ ମହାନଦୀ ବିହାର ଗଠନ ପାଇଁ ପୋଲିସ ଓ ଜନସାଧାରଣଙ୍କ ମିଳିତ ସହଯୋଗ ଅପରିହାର୍ଯ୍ୟ ବୋଲି ସେ ମତ ଦେଇଛନ୍ତି।

## ଅନ୍ତରାଜ୍ୟ କୋଇଲା ବୋଝେଇ ଗାଡ଼ି ଜବତ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ସନ୍ଧ୍ୟା କାଳୀନ ଯାନବାହାନ ତନଖି ସମୟରେ ଛତିଶଗଡ଼ ରାଜ୍ୟର ପଞ୍ଜିକୃତ ଏକ ଟିପ୍ ଟ୍ରେଲର ଭାରୀଯାନକୁ ଅନ୍ତରାଜ୍ୟ କୋଇଲା ଚାଲାଣ କରୁଥିବା ସମୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ସୁବର୍ଣ୍ଣପୁରର କନିଷ୍ଠ ମୋଟର ଯାନ ନିରୀକ୍ଷକ ରାଜେଶ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାହାଜପିଟା ନିକଟରେ କାର୍ଯ୍ୟାଳୟର ପ୍ରବର୍ତ୍ତନ ଦଳ ଦ୍ୱାରା ଗାଡ଼ିଟିକୁ ଯାଞ୍ଚ କରାଯାଇଥିଲା ଏବଂ ମୋଟର ଯାନ ଆଇନ୍ ଅନୁଯାୟୀ ଧାରା ୧୯୨(A),OMVT-3Act ରେ ଗାଡି ଉପରେ ୩,୬୦,୦୦୦/- ଟଙ୍କାର ଚାଲାଣ କାଟିବା ସହ ଗାଡ଼ିଟିକୁ ଜବତ କରି ଡ୍ରାଇଭର ଓ ମାଲିକଙ୍କୁ ଜରିମାନା ପୈଠ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯୋଉ ଗାଡିର କି ଓଡ଼ିଶା ଟ୍ୟାକ୍ସ ପୈଠ ହୋଇନାହିଁ କି ଓଡ଼ିଶାର ପରମିଟ୍ ମଧ୍ୟ ନାହିଁ ଓ ଏହି ଗାଡ଼ିଟି ପୂର୍ବରୁ ମଧ୍ୟ ଓଡ଼ିଶାରେ ଚଳପ୍ରଚଳ ହେଉଥିଲା ଏବଂ ବାହାନ ଡାଟାବେସ ହିସାବରେ ଗାଡିର ଚାଲାଣ ବକେୟା ଥିବାର ନଜର ଆସିଛି, ଏଭଳି ତନଖି କାର୍ଯ୍ୟକୁ ଜିଲ୍ଲାର ଜନସାଧାରଣଙ୍କ ସହ ବୁଦ୍ଧିଜୀବୀ ମହଲ ତରଫରୁ ସାଧୁବାଦ ଦିଆଯାଉଛି।





## ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣା:୧୪ ଆହତ, ୪ ଗୁରୁତର

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ବଡ଼ଚଣା ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ବଡ଼ଚଣା ଓଭର୍ ବ୍ରିଜ୍ ଉପରେ ପଶ୍ଚିମବଙ୍ଗରୁ ପୁରୀ ଅଭିମୁଖେ ଯାଉଥିବା ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଭୋର୍ ସମୟରେ ପଶ୍ଚିମବଙ୍ଗ ମିଦାନପୁର ଅଞ୍ଚଳରୁ ତୀର୍ଥ ଯାତ୍ରୀ ପଦ୍ମା ନାମକ ବସ୍‌ରେ ପୁରୀ ଯାଉଥିବା ବେଳେ ବଡ଼ଚଣା ଓଭର୍ ବ୍ରିଜ୍ ଉପରେ ଛିଡାହୋଇଥିବା ଡମ୍ପର ପଛରେ ଜୋର୍ ଧକ୍କା ଦେଇଥିଲା। ଫଳରେ ବସ୍‌ର ଆଗ ପାଟ ସମ୍ପୂର୍ଣ୍ଣ ଭାଙ୍ଗି ରୁଜି ଯାଇଛି। ପୋଲିସ ଆହତ ତୀର୍ଥଯାତ୍ରୀଙ୍କୁ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି । ବଡ଼ଚଣା ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ରହି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଛି ଓ ତଦନ୍ତ ଜାରି ରଖିଛି।

## ନିଖୋଜ ଦୁଇ ପୋଲିସଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର

ଶ୍ରୀନଗର, ନ୍ୟୁଜ୍ ବ୍ୟୁରୋ

ଜମ୍ମୁ କଶ୍ମୀରର କିସ୍ତୱାଡ଼ ଜିଲ୍ଲାର ମାରୱାଡ଼ ଜଙ୍ଗଲରୁ ନିଖୋଜ ଥିବା ଦୁଇ ପୋଲିସ ସ୍ୱତନ୍ତ୍ର ଅଧିକାରୀ (ଏସ୍‌ପିଓ)ଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର ହୋଇଛି। ଉଭୟଙ୍କ ଶରୀରରେ ଏକାଧିକ ଗୁଳିମାଡ ଚିହ୍ନ ରହିଥିବାବେଳେ ସେମାନଙ୍କ ଅସ୍ତ୍ରଶସ୍ତ୍ର ମଧ୍ୟ ନିଖୋଜ ଅଛି। ମୃତକ ଦ୍ୱୟ ହେଲେ ରାଶପାଲ କୁମାର ଓ ବାବି ଚାନ୍ଦ। ସେମାନେ ସେବା ସହ ଜଙ୍ଗଲରେ ଚାଲିଥିବା ତଲାସୀ ଅଭିଯାନରେ ସାମିଲ ହୋଇଥିଲେ। ଏହି ସମୟରେ ଜଙ୍ଗଲରୁ ଗୁଳି ଶବ୍ଦ ଶୁଣାଯାଇଥିଲା। ସେମାନେ ନିଖୋଜ ହେବା ସମୟରେ ଅଞ୍ଚଳରେ ଏୟାରବେଲ୍ ମୋବାଇଲ ନେଟ୍‌ୱର୍କ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ଖବର ମିଳିଛି। ଉଲ୍ଲେଖଯୋଗ୍ୟ ଗତ ଅକ୍ଟୋବର ୧୫ରେ କିସ୍ତୱାଡର ଡ୍ରିଗାମ ପୋଲିସ୍ ପୋଷ୍ଟରୁ ଏସ୍‌ପିଓ ବଶୀର ଅହମ୍ମଦ ନିଜ ସର୍ଭିସ୍ ରାଇଫଲ୍ ସହ ନିଖୋଜ ହୋଇଥିଲେ। ପରଦିନ ଜଙ୍ଗଲର ଏକ ନାଳ ନିକଟରୁ ତାଙ୍କ ମୃତ ଦେହ ମିଳିଥିଲା। ଅନ୍ୟପକ୍ଷରେ ବାରାମୁଲା ଜିଲ୍ଲାର ଡଙ୍ଗମାର୍ଗ ଜଙ୍ଗଲରୁ ଦୁଇଟି ହାତବୋମା ଜବତ କରାଯାଇଛି। ଏହି ଘଟଣାରେ ଗୁଲାମ ଜିଲାନି ରେଶି ନାମକ ଜଣେ ସନ୍ଦିଗ୍ଧଙ୍କୁ ପୋଲିସ୍ ଗିରଫ କରିଛି। ସେହିପରି କୁଲଗାମ ଜିଲ୍ଲାର ଅଖରାନ ଶିବିର ନିକଟରେ ବୁଧବାର ମୋଟର ସାଇକେଲରେ ଆସିଥିବା ଆକ୍ରମଣକାରୀଙ୍କ ଗୁଳିମାଡରେ ୩ ଜଣ ସିଆରପିଏଫ୍ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଅନନ୍ତନାଗ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ସୁରକ୍ଷା ବାହିନୀ ପକ୍ଷରୁ ତଲାସୀ ଅଭିଯାନ ଜାରି ରହିଛି।

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଅଙ୍ଗନୱାଡ଼ି କର୍ମୀ



ବାରିପଦା, ନ୍ୟୁଜ୍ ବ୍ୟୁରୋ

ନଭେମ୍ବର ୧୪ ତାରିଖରେ ହେବାକୁ ଥିବା କୋଟିଏ ହସ କାର୍ଯ୍ୟକ୍ରମ ପୂର୍ବରୁ ମୟୂରଭଞ୍ଜ ଜିଲ୍ଲାର ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ। ପିଲାଙ୍କ ପାଇଁ ନିଜସ୍ୱ ଖର୍ଚ୍ଚରେ ସ୍ୱେଟର ଓ ଜୋତା କିଣିଥିଲେ ମଧ୍ୟ ଏଯାଏଁ ଏ ବାବଦ ଅର୍ଥ ବ୍ୟାଙ୍କ ପାସ୍‌ବୁକ୍‌ରେ ଜମା ହୋଇନାହିଁ। ଏହାର ପ୍ରତିବାଦରେ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ, ମୟୂରଭଞ୍ଜ ଶାଖା ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଂଘର ଜିଲ୍ଲା ସଭାନେତ୍ରୀ ସୌଭାଗ୍ୟ ମଞ୍ଜରୀ କରଣଙ୍କ କହିବା ଅନୁଯାୟୀ, ପ୍ରତିବର୍ଷ କାର୍ଯ୍ୟକ୍ରମ ପୂର୍ବରୁ ସ୍ୱିଟର କିଣିବା ପାଇଁ ଅର୍ଥ ମିଳୁଥିବା ବେଳେ ଚଳିତ ବର୍ଷ ଏଯାଏଁ ଟଙ୍କା ମିଳିନାହିଁ। ଫଳରେ କର୍ମୀମାନେ ନିଜ ପକେଟରୁ ଖର୍ଚ୍ଚ କରିଛନ୍ତି। ତେଣୁ ସିଡିପିଓଙ୍କ ମାଧ୍ୟମରେ ତୁରନ୍ତ ସ୍ୱିଟର ଓ ଜୋତା କିଣା ବାବଦ ଅର୍ଥ ପାସ୍‌ବୁକ୍‌ରେ ଜମା କରିବାକୁ ସଂଘ ଦାବି କରିଛି। ଆୟୋଜିତ ପ୍ରତିବାଦ ଏବଂ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶହ ଶହ ଅଙ୍ଗନୱାଡ଼ି କର୍ମୀ ଯୋଗଦେଇଥିଲେ ।

## ରାଜନଗର ବିଧାନସଭା କ୍ଷେତ୍ରର ବିକାଶ କାର୍ଯ୍ୟ ସମୀକ୍ଷା

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜନଗର ବିଧାନ ସଭାମଣ୍ଡଳୀର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ରାଜନଗର ବିଧାୟକ ଧ୍ରୁବଚରଣ ସାହୁଙ୍କ ଅଧ୍ୟକ୍ଷତାରେ ସମୀକ୍ଷା କରାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଳିତା ଦାସ, ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍ , ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ରକୁମାର ମଲ୍ଲିକ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ରାଜନଗର ବ୍ଲକ ଅଧ୍ୟକ୍ଷ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ, ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷଙ୍କ ସମେତ ଜିଲ୍ଲାର ପୂର୍ତ୍ତବିଭାଗ, ଆରଡ଼ି, ବିଦ୍ୟୁତ୍, ଗ୍ରାମୀଣ ପାନୀୟ ଜଳ ଯୋଗାଣ, ଅଧିକ୍ଷଣ ଯନ୍ତ୍ରୀଙ୍କ ସମେତ ସମସ୍ତ ଏ.ଇ, ଜେ.ଇ ପ୍ରମୁଖ ଉପସ୍ଥିତ ରହି ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ଏଥିରେ ପାନୀୟ ଜଳ, ରାସ୍ତା, ବିଦ୍ୟୁତ୍, ଚାଉଳ, ଭତ୍ତା ବଣ୍ଟନ, ଅଙ୍ଗନୱାଡ଼ି କେନ୍ଦ୍ରରେ ଛତୁଆ ବଣ୍ଟନ, ସ୍ୱାସ୍ଥ୍ୟ, ଶିକ୍ଷା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଆବଶ୍ୟକ ଜାଗା ଯୋଗାଇବା ପାଇଁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ କୁମ୍ଭୀର ଉପଦ୍ରବ୍ୟରୁ ରକ୍ଷା ପାଇଁ ଶହେରୁ ଉର୍ଦ୍ଧ୍ୱ ଜାଗାରେ ତାରବାଡ ଦେବାକୁ ବିଧାୟକ ଶ୍ରୀ ସାହୁ ବୈଠକରେ ଗୁରୁତ୍ୱ ଦେଇଥିଲେ। ବିକଶିତ ଓଡ଼ିଶା ବିକଶିତ ଗ୍ରାମର ସମୀକ୍ଷା କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିର ବିନିଯୋଗ, ବିଧାୟକ ପାଣ୍ଠିର ବିନିଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ବିଧାୟକ ଶ୍ରୀ ସାହୁ ତାଙ୍କ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ପ୍ରକଳ୍ପଗୁଡ଼ିକୁ ସମୟସୀମା ଭିତରେ ସମାପ୍ତ କରି ଜନସାଧାରଣଙ୍କ ହିତରେ ଲଗାଇବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



## ମଧୁବାବୁ ପେନ୍‌ସନ୍ ଯୋଜନାରେ ବରଗଡ଼ ଜିଲ୍ଲାରେ ୧୫,୨୭୭ ନୂତନ ହିତାଧିକାରୀ ସାମିଲ




ବରଗଡ଼, ନ୍ୟୁଜ୍ ବ୍ୟୁରୋ

ବରଗଡ଼ କର୍କଟ ଚିକିତ୍ସାଳୟ ପରିସରରେ ୬୦ ଶଯ୍ୟା ବିଶିଷ୍ଟ ସହାୟକ ବିଶ୍ରାମ ଗୃହ ସହିତ ଅନ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ସ୍ଥାନୀୟ ଯଦୁମଣି ଅଡିଟୋରିଅମ୍ ହଲ୍ ଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଧୁବାବୁ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ବରଗଡ଼ ଜିଲ୍ଲାରେ ମୋଟ୍ ୧୫,୨୭୭ ଜଣ ନୂତନ ବ୍ୟକ୍ତିଙ୍କୁ ଏହି ଯୋଜନାରେ ସାମିଲ୍ କରାଯାଇଛି। ଭତ୍ତା ପ୍ରଦାନ ପରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ କରକମଳରେ ଆଭାସୀ ମାଧ୍ୟମରେ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହା ମଧ୍ୟରେ ବରଗଡ଼ କର୍କଟ ଚିକିତ୍ସାଳୟ ପରିସରରେ ୬୦ ଶଯ୍ୟା ବିଶିଷ୍ଟ ସହାୟକ ବିଶ୍ରାମ ଗୃହ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଡଭା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତାଲପାଲି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭଟଲି ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅତାବିରାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡତିଆ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବରଗଡ଼ ପୌରପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ସାଂସଦ ପ୍ରତିନିଧି ଲିପ୍ସିତ୍ ମିଶ୍ର, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅମ୍ବୁଜାକ୍ଷର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖିଯୋଗ୍ୟ ଯେ, ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟାରେ ଏଣିକି କୌଣସି ପ୍ରତୀକ୍ଷା ତାଲିକା କିମ୍ବା ଖାଲି ପଦବୀ/ସୀମା ଉପରେ ପ୍ରତିବନ୍ଧକ ନରହି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଯୋଗ୍ୟ ହିତାଧିକାରୀମାନେ UPMP ୱେବ୍‌ସାଇଟ୍ (http://upmp.odisha.gov.in), ଆପ୍ କିମ୍ବା ନିକଟସ୍ଥ ମୋ ସେବା କେନ୍ଦ୍ର ଓ କମନ୍ ସର୍ଭିସ୍ ସେଣ୍ଟର (CSC) ମାଧ୍ୟମରେ ସମ୍ପୂର୍ଣ୍ଣ ମାଗଣାରେ ସିଧାସଳଖ ଆବେଦନ କରିପାରିବେ ଏବଂ ଆବେଦନ ଯାଞ୍ଚ ହେବାର ଏକ ମାସ ପରେ ପେନ୍‌ସନ୍ ମଞ୍ଜୁରୀ କରାଯିବ। ଅଧିକ ସୂଚନା ପାଇଁ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ବିଡିଓ କିମ୍ବା ଜିଲ୍ଲା ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ନିଃଶୁଳ୍କ ସହାୟତା ନମ୍ବର ୧୮୦୦-୩୪୫-୭୭୭୦ କିମ୍ବା ୧୫୫୩୩୫ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।



## ଭୁବନେଶ୍ୱର ରେଳ ଷ୍ଟେସନ୍‌ର ପୁନଃବିକାଶ:ନବୀକରଣ କାର୍ଯ୍ୟ ପାଇଁ ୧ ନମ୍ବର ପ୍ଲାଟ୍‌ଫର୍ମ ୩୦ ଦିନ ପାଇଁ ବନ୍ଦ ରହିବ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ରେଳ ଷ୍ଟେସନ୍‌ରେ ଚାଲୁ ରହିଥିବା ପୁନଃବିକାଶ କାର୍ଯ୍ୟର ଅଂଶବିଶେଷ ଭାବେ ଯାତ୍ରୀ ସୁବିଧାରେ ଉନ୍ନତି ଆଣିବା ଏବଂ ରେଳ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ଲାଟଫର୍ମର ନବୀକରଣ କାର୍ଯ୍ୟ କରାଯାଉଛି। ଏହି କ୍ରମରେ, ଷ୍ଟେସନ୍ ପରିସରରେ ପ୍ଲାଟ୍‌ଫର୍ମ ନବୀକରଣ କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ୧୨.୧୧.୨୦୨୬ ତାରିଖ ଠାରୁ ୧୧.୧୨.୨୦୨୬ ତାରିଖ ପର୍ଯ୍ୟନ୍ତ ୩୦ ଦିନ ଧରି ପ୍ଲାଟ୍‌ଫର୍ମ ନମ୍ବର ୧ରେ ରେଳ ଚଳାଚଳ ବନ୍ଦ ରହିବ। ଏହି ସମୟ ମଧ୍ୟରେ ପ୍ଲାଟ୍‌ଫର୍ମ ନମ୍ବର ୧କୁ ଯାତ୍ରୀମାନଙ୍କ ଯାତାୟାତ ଓ ପ୍ରବେଶ ସମ୍ପୂର୍ଣ୍ଣ ନିଷେଧ ରହିବ। ଏହି ଅତ୍ୟାବଶ୍ୟକ ଉନ୍ନୟନମୂଳକ କାର୍ଯ୍ୟ ସମୟରେ ରେଳ ପ୍ରଶାସନକୁ ସହଯୋଗ କରିବା ସହିତ ଯାତ୍ରୀମାନେ ଅନ୍ୟ ପ୍ଲାଟ୍‌ଫର୍ମ ବ୍ୟବହାର କରିବାକୁ ଅନୁରୋଧ କରାଯାଉଛି। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ, ପୂର୍ବତଟ ରେଳପଥ ସର୍ବଦା ଯାତ୍ରୀମାନଙ୍କୁ ସୁରକ୍ଷିତ, ନିରାପଦ ଓ ଉନ୍ନତ ରେଳ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ। ଯାତ୍ରୀଙ୍କ ସୁରକ୍ଷା ବୃଦ୍ଧି, ରେଳ ଚଳାଚଳକୁ ଅଧିକ ସୁଗମ କରିବା ଏବଂ ଯାତ୍ରୀମାନଙ୍କୁ ଆରାମଦାୟକ ଓ ସୁବିଧାଜନକ ଯାତ୍ରାର ଅନୁଭୂତି ପ୍ରଦାନ କରିବା ଦିଗରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

## ପାର୍କିଂରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ, ନ୍ୟୁଜ୍ ବ୍ୟୁରୋ

ଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥିତ ମଲ୍ଟିଲେଭେଲ୍ କାର୍ ପାର୍କିଂର ତଳ ମହଲାରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପ୍ରାୟ ୩୫ ବର୍ଷୀୟ ବ୍ୟକ୍ତି ଅଚେତ ଅବସ୍ଥାରେ ଶୋଇ ରହିଥିବା ଏବଂ ତାଙ୍କ ନାକରୁ ରକ୍ତସ୍ରାବ ହେଉଥିବା ଟାଉନ୍ ଥାନା ପୋଲିସକୁ ସୂଚନା ମିଳିଥିଲା। ସଙ୍ଗେ ସଙ୍ଗେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପକ୍ଷରୁ ତାଙ୍କ ବ୍ୟବହୃତ ବ୍ୟାଗ୍ ଯାଞ୍ଚ ସମୟରେ ସେଥିରୁ ଏକ ପ୍ରେସ୍‌କ୍ରିପ୍‌ସନ୍ ମିଳିଥିଲା। ଗତ ସେପ୍ଟେମ୍ବର ୫ ତାରିଖର ଏହି ପ୍ରେସ୍‌କ୍ରିପ୍‌ସନ୍‌ରେ ତାଙ୍କ ନାମ ସଞ୍ଜୟ ପଣ୍ଡା ଏବଂ ନରେନ୍ଦ୍ରକୋଣ ବୋଲି ଉଲ୍ଲେଖ ରହିଛି। ସେଥିରେ ଡିସପେପ୍ସିଆ ଓ ଆଲକୋହଲ ଉଲ୍ଲେଖ ରହିଥିଲା। ତେବେ ସ୍ଥାନୀୟ ବ୍ୟକ୍ତିଙ୍କ ସୂଚନା ଅନୁସାରେ ତାଙ୍କର ପ୍ରକୃତ ଘର ଗଞ୍ଜାମ ଜିଲ୍ଲାରେ। ସେ ନିକଟସ୍ଥ ମଙ୍ଗଳା ସାହିରେ ଏବଂ ନିୟମିତ ଭାବେ ପାର୍କିଂରେ ଲାଗୁଥିବା ଗାଡିରେ ଫୁଲପାଣି ଦେଇ ଅର୍ଥ ଉପାର୍ଜନ କରିଥାନ୍ତି। ସେହି ପାର୍କିଂରେ ହିଁ ରାତ୍ରୀଯାପନ କରନ୍ତି। ଗୁରୁବାର ସକାଳେ ଅଚେତ ଅବସ୍ଥାରେ ଶୋଇଥିବା ଏବଂ ନାକରୁ ରକ୍ତସ୍ରାବ ହେଉଥିବା ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇ ସଂରକ୍ଷିତ ରଖାଯାଇଛି। ତାଙ୍କର ସଠିକ୍ ଠିକଣା ଏବଂ ପରିବାର ସଦସ୍ୟଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ପୋଲିସ୍ ପକ୍ଷରୁ ଉଦ୍ୟମ ଜାରି ରହିଛି। ପରିବାର ଲୋକଙ୍କ ବିଷୟରେ ଜାଣିବା ପାଇଁ ଗଞ୍ଜାମ ପୋଲିସ ଯୋଗାଯୋଗ କରିଛି। ଏନେଇ ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଆଠଗଡ଼ରେ ବିଜେପିର 'ସମ୍ବିଧାନ ବଞ୍ଚାଅ, ଅରାଜକତା ହଟାଅ' ପଦଯାତ୍ରା

ଆଠଗଡ଼, ନ୍ୟୁଜ୍ ବ୍ୟୁରୋ



ଦେଶରେ ସୃଷ୍ଟି ହେଉଥିବା ଅରାଜକତା ବିରୁଦ୍ଧରେ ସାଧାରଣ ଲୋକଙ୍କ ସଚେତନତା ପାଇଁ ବିଜେପି ଦଳ ପକ୍ଷରୁ ସମ୍ବିଧାନ ବଞ୍ଚାଅ ଅରାଜକତା ହଟାଅ ପଦଯାତ୍ରା କାର୍ଯ୍ୟକ୍ରମ ଜାରି ରହିଛି। ଏହି ପରିପ୍ରେକ୍ଷିରେ ଆଠଗଡ ବିଜେପି ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଗ୍ରାମୀଣ ସଭାପତି ରାମ ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏବଂ ଯୁବନେତା ଅଭୟ ବାରିକଙ୍କ ନେତୃତ୍ୱ ତଥା ତାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ବିଶାଳ ପଦଯାତ୍ରା ରଥଗଡା ସ୍ଥିତ ସାପୁଆ ନଦୀ କୂଳରେ ଥିବା ବିଜେପି କାର୍ଯ୍ୟାଳୟ ଠାରୁ ବାହାରି ସହର ପରିକ୍ରମା କରି ମହୋତ୍ସବ ପଡିଆକୁ ଆସିଥିଲା। ଏହି ପଦଯାତ୍ରାରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହେବା ସହିତ ହଜାର ହଜାର ଦଳୀୟ କର୍ମୀଙ୍କ ଗହଣରେ ମହୋତ୍ସବ ପଡିଆ ସଭା ସ୍ଥଳକୁ ଆସିଥିଲେ। ସାଂସଦ ଶ୍ରୀ ପ୍ରଧାନ ଦେଶର ବିକାଶକୁ ସହିନପାରି ବିରୋଧୀ ଗୋଷ୍ଠୀମାନେ ମେଳି ବାନ୍ଧୁଛନ୍ତି ଯାହାକି ସେମାନେ ଦେଶର ବିକାଶରେ ମେଳି ବାନ୍ଧୁଛନ୍ତି ବୋଲି ପ୍ରକାଶ କରିବା ସହିତ କଂଗ୍ରେସ ବାରମ୍ବାର ହାରୁଥିବା ଫଳରେ ଦେବାଳିଆ ହେବା ସହ ସେମାନଙ୍କର ମତିଭ୍ରମ ହେବାରେ ଲାଗିଛି ଯେଉଁଠି ସେମାନେ ଜିତିଛନ୍ତି ସେଠାରେ ଚାନ୍ଦିନୀ ରାତି ଏବଂ ଯେଉଁଠି ହାରୁଛନ୍ତି ସେଠାରେ ଅମାବାସ୍ୟା କହି କଂଗ୍ରେସ ଓ ତାର ସହଯୋଗୀ ଦଳକୁ କଟାକ୍ଷ କରିଥିଲେ। ଗଣତନ୍ତ୍ର ବଳରେ ଜଣେ ଚା ବିକାଳି ପୁଅ ପ୍ରଧାନମନ୍ତ୍ରୀ ଏବଂ ଜଣେ ଅନୁସୂଚିତ ଜାତି ମହିଳା ରାଷ୍ଟ୍ରପତି ହୋଇଛନ୍ତି ଏହାଠାରୁ ସୁସ୍ଥ ଗଣତନ୍ତ୍ରର କଣ ଉଦାହରଣ ହୋଇପାରେ ବୋଲି ପ୍ରକାଶ କରିଥିଲେ। ସଭାର ପ୍ରାରମ୍ଭରେ ଯୁବନେତା ଶ୍ରୀ ବାରିକ ରାଜ୍ୟରେ ସଫଳତାର ସହିତ ଶେଷ ହୋଇଥିବା ଏସ୍‌ଆଇଆର୍‌କୁ ନେଇ କଂଗ୍ରେସ ଏବଂ ସ୍ଥାନୀୟ ବିଧାୟକ ଯେଉଁ ଚୋରି କଥା କହୁଛନ୍ତି ଆଠଗଡ ନିର୍ବାଚନ ମଣ୍ଡଳୀରେ ଭଟର ତାଲିକାରୁ ନା କଟିଯାଇଥିବା ନେଇ କୌଣସି ଅଭିଯୋଗପତ୍ର ଉପଜିଲ୍ଲାପାଳ ଅଥବା କୌଣସି ଅଧିକାରୀ ମାନଙ୍କ ପାଖରେ ପହଞ୍ଚି ପରିନାହିଁ ଅନ୍ୟପକ୍ଷରେ ନିଜେ ବିଧାୟକ ତାଙ୍କ ପୁଅଙ୍କର ନାମ ଦୁଇଟି ନିର୍ବାଚନ ମଣ୍ଡଳୀରେ ରହିଛି। ଏଭଳି କରି ପକ୍ତରେ ଅରାଜକତା କିଏ ସୃଷ୍ଟି କରୁଥିଲା ବୋଲି ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ସହର ସଭାପତି ସୁକାନ୍ତ ବିଶ୍ୱାଳ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜେନ୍ଦ୍ର ରାୟ, ବାଙ୍କୀ ନିର୍ବାଚନ ମଣ୍ଡଳୀ ବିଜେପି ବିଧାୟକ ପାର୍ଥ ତୁଷାର ଚକ୍ରବର୍ତ୍ତୀ କଟକ ବିଜେପି ଯୁବ ନେତା ଗଗନ ଓଝା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ କଟକ ସଂସଦଙ୍କ ପ୍ରତିନିଧି ସରୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କଟକ ଜିଲ୍ଲାରେ ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲର ଶୁଭାରମ୍ଭ

କଟକ, ନ୍ୟୁଜ୍ ବ୍ୟୁରୋ




କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କଟକ ସ୍ଥିତ ଶହୀଦ ଭବନ ଠାରେ ମଧୁବାବୁ ପେନ୍‌ସନ୍ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ ଏବଂ "ଏକୀକୃତ ପେନ୍‌ସନ୍ ପରିଚାଳନା ପୋର୍ଟାଲ (ୟୁପିଏମପି)"ର ଶୁଭାରମ୍ଭ ହୋଇଛି। ରାଜ୍ୟରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ କଟକ ଜିଲ୍ଲାରେ ୩୬ ହଜାର ୫୦ ଜଣ ହିତାଧିକାରୀ ଏହି ଭତ୍ତା ପ୍ରଦାନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିବା ସହ ସମାଜର ଅସହାୟ, ନିରାଶ୍ରୟ ଓ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଲୋକମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବାରେ ଏହି ଯୋଜନାର ଗୁରୁତ୍ୱ ରହିଥିବା ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ୟୁନିଫାଏଡ୍ ପେନ୍‌ସନ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍ (UPMP) ସମ୍ପର୍କରେ ବିଶେଷ ଭାବେ ଆଲୋକପାତ କରିଥିଲେ। ଏହି ପୋର୍ଟାଲ୍ ମାଧ୍ୟମରେ ପେନ୍‌ସନ୍ ପ୍ରଦାନ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ, ସରଳ ଓ ସ୍ୱଚ୍ଛ କରାଯାଇପାରିବ ବୋଲି ସେ କହିଥିଲେ। ପୂର୍ବରୁ ପେନ୍‌ସନ୍ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ବା ଟାର୍ଗେଟ୍ ଅନୁଯାୟୀ ହିତାଧିକାରୀଙ୍କୁ ଅପେକ୍ଷା କରିବାକୁ ପଡୁଥିଲା। ମାତ୍ର ନୂତନ ବ୍ୟବସ୍ଥାରେ ଏହି ସମସ୍ୟା ଦୂର ହେବ। ଏଣିକି ପ୍ରତି ମାସରେ ଯୋଗ୍ୟତା ଆଧାରରେ ନୂତନ ହିତାଧିକାରୀଙ୍କୁ ପେନ୍‌ସନ୍ ମଞ୍ଜୁର କରାଯାଇପାରିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହାଦ୍ୱାରା ଯୋଗ୍ୟ ବ୍ୟକ୍ତିମାନେ ଅଯଥା ବିଳମ୍ବର ସମ୍ମୁଖୀନ ନହୋଇ ସରକାରୀ ସହାୟତା ପାଇପାରିବେ। ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ କାର୍ଯ୍ୟାଳୟ ଦ୍ୱାରା ପ୍ରସ୍ତୁତ "ମଧୁବାବୁ ପେନ୍‌ସନ୍ ଯୋଜନା" ସଚେତନତା ରଥକୁ ମଧ୍ୟ ମନ୍ତ୍ରୀ ଉଦ୍ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାଂସଦ, ଲୋକସଭା କଟକ ଶ୍ରୀ ଭର୍ତ୍ତୃହରି ମହତାବ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ନିଆଳି ଛବି ମଲ୍ଲିକ, ବିଧାୟକ ଚୌଦ୍ୱାର-କଟକ ସୌଭିକ ବିଶ୍ୱାଳ, ବିଧାୟକ ବାରବାଟୀ-କଟକ, ଇଂ. ସୋଫିଆ ଫିରୋଦୋସ, ବିଧାୟକ କଟକ ସଦର ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ମାହାଙ୍ଗା ସାରଦା ପ୍ରସାଦ ପ୍ରଧାନ, ମେୟର ସୁବାସ ଚନ୍ଦ୍ର ସିଂହ, ସାଂସଦ କେନ୍ଦ୍ରାପଡାଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଜିଲ୍ଲାର ୫୫୭ ଜଣଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବାକୁ ଥିବାବେଳେ, ୬୦ ପ୍ରତିଶତରୁ ଉର୍ଦ୍ଧ ଭିନ୍ନକ୍ଷମ ଥିବା ୫୭୩ ଜଣଙ୍କୁ ୧୨୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଡଃ ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜିଲ୍ଲାର ୧୪ଟି ବ୍ଲକର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଆଜିର ଭଲମନ୍ଦ




ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର






ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
**ତା୧୪।୧୧।୨୦୨୬, କାର୍ତ୍ତିକ ଦ୨୯ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୫।୫୬।୨୮ ଚନ୍ଦ୍ରୋଦୟ- ଦିଘ୧୦।୦୬।୫୮**

ପଞ୍ଚମୀ ରାଘ ୧୧।୨୬ ପର୍ଯ୍ୟନ୍ତ। ପୂର୍ବାଷାଢ଼ା ନକ୍ଷତ୍ର ରାଘ ୮।୨୭ ପର୍ଯ୍ୟନ୍ତ । ଧନୁ ଚନ୍ଦ୍ର ରାଘ ୩।୧୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର। ରାଘ ୩।୧୩ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ରାଘ ୩।୧୩ ଗତେ ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଓ ପଣସ ରାଘ ୧୧।୨୬ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୨୮ ଗତେ ଦିଘ ୮।୪୫ ମଧ୍ୟେ । ଦିଘ ୧୧।୫୫ ଗତେ ଦିଘ ୧୨।୫୬ ମଧ୍ୟେ। **ପର୍ବୋତ୍ସବ-** ନାଗ ପଞ୍ଚମୀ, ଶିଶୁ ଦିବସ।


**ମେଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ଆର୍ଥିକ ସ୍ଥିତି ମଧ୍ୟମ ଧରଣର ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ବନ୍ଧୁଙ୍କ ସହଯୋଗ ପ୍ରାପ୍ତ ହୋଇପାରେ।



**ବୃଷ:** ସାମାଜିକ ସ୍ତରରେ ମାନ ସମ୍ମାନ ବୃଦ୍ଧି ହେବ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ଘରେ ଶାନ୍ତିର ବାତାବରଣ ରହିବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ।


**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ। ଘରେ ଦ୍ୱନ୍ଦ୍ୱ ଦେଖାଦେବ।


**କର୍କଟ:** ଶତ୍ରୁ ନାଶ ହେବେ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ସ୍ଥିର ରହିବ। ପାରିବାରିକ ଜୀବନରେ ସୁଖ ଶାନ୍ତି ଅବ୍ୟାହତ ରହିବ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦ ଲାଗିପାରେ।


**ସିଂହ:** ଦେବ ଦର୍ଶନ ସହ ସେବା ପୂଜାର ସୁଯୋଗ ଜୁଟିପାରେ। ଶୁଭ କାର୍ଯ୍ୟ ମଧ୍ୟ କରିପାରନ୍ତି। କଚେରି ମାମଲାରେ ଶୁଣାଣି ଆପଣଙ୍କ ସାପେକ୍ଷ ଜନିତ ହୋଇପାରେ। ରୋଜଗାର ଭଲ ହେବ। ମନ ଭଲ ରହିବ।


**କନ୍ୟା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ପାଇ ଉପକୃତ ହେବେ। ମହିଳାମାନେ ସୁଖୀ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ପରୋପକାରୀ ହେବେ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଦେହ ଭଲ ରହିବ।


**ତୁଳା:** ସାମାଜିକ ସ୍ତରରେ ପ୍ରତିଷ୍ଠିତ ହୋଇପାରନ୍ତି। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଆୟ ଓ ବ୍ୟୟ ସମାନ ରହିବ। ପିଲାମାନେ ପଢ଼ାପଢ଼ିରେ ଆଗେଇବେ। ଗୃହେ ଆନନ୍ଦ ଲାଭ ହେବ ।


**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତିକ୍ତତା ଦେଖାଦେଇପାରେ। ରୋଜଗାର ସ୍ଥିର ରହିବ। ଦେହ ଓ ମନ ଭଲ ରହିବ। ଘରେ ସୁଖ ଶାନ୍ତି ଲାଭ ହେବ। ବନ୍ଧୁ ଦର୍ଶନ ସୁଯୋଗ ଜୁଟିପାରେ ।


**ଧନୁ:** ଧର୍ମ ମାର୍ଗରେ ମନ ଦେବେ। କର୍ମକ୍ଷେତ୍ରରେ ସହକର୍ମୀ ସହଯୋଗ ପ୍ରାପ୍ତ ହେବ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅଟକି ରହିଥିବା କାମଟି ସମ୍ପୂର୍ଣ୍ଣ ହୋଇପାରେ ।


**ମକର:** ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହୋଇପାରନ୍ତି। ବେପାର ବାଣିଜ୍ୟ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ। ଖର୍ଚ୍ଚର ପରିମାଣ ବଢ଼ିବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେବ। ମନ ଅସ୍ଥିର ରହିବ ।


**କୁମ୍ଭ:** ଆଜି ଆପଣଙ୍କର ଦିନଟି ଭଲରେ କଟବ। ଦେହ ଭଲ ରହିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଘରେ ଶାନ୍ତି ଲାଭ। ଆୟର ପରିମାଣ ବଢ଼ିବ।


**ମୀନ:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବନାହିଁ। ଏଣୁ ସାବଧାନତା ଶ୍ରେୟସ୍କର। ଆୟ ଠାରୁ ବ୍ୟୟର ମାତ୍ରା ବୃଦ୍ଧି ହେବ। ପାରିବାରିକ ଅଶାନ୍ତି ଓ କଳହ ଦେଖାଦେବ। ମହିଳାମାନେ ଗର୍ବୀ ହେବେ।



## ଘରେ ଘରେ ଶ୍ରୀଜଗନ୍ନାଥ ମହାମନ୍ତ୍ର, ତ୍ରିସନ୍ଧ୍ୟା ଭଜନ ଓ ଜଗନ୍ନାଥ ସହସ୍ର ନାମ ପଠନ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସନ୍ଧ୍ୟା ୬ଟାରେ ସଦସ୍ୟ ତାପସ କୁମାର ପଣ୍ଡା, ପ୍ଲଟ୍ ନମ୍ବର ଘ୬/୨୩୮, ଆଇ.ଆର୍.ସି ଭିଲେଜ୍, ଜୟଦେବ ବିହାର, ଭୁବନେଶ୍ୱର ଘରେ ଜଗନ୍ନାଥ ମହାମନ୍ତ୍ର, ଶ୍ରୀ ଜଗନ୍ନାଥ ସହସ୍ର ନାମ ପଠନ ଓ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ଼. ନାରାୟଣ ମହାପାତ୍ର, ସୁରେଶ କୁମାର ମିଶ୍ର, ବଂଶୀଧର ନାୟକ, ତ୍ରିଲୋଚନ ନାୟକ, ବିଜୟ ମୋହନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଖପାଖ ଅଞ୍ଚଳରେ ଗାଡ଼ି ସହିତ ଚତୁର୍ଦ୍ଧା ମୂର୍ତ୍ତି ସହିତ ସଂକୀର୍ତ୍ତନ କରାଯାଇଥିଲା । ତତ୍ପରେ ମହାମନ୍ତ୍ର, ଭଜନ, ଜଗନ୍ନାଥ ସହସ୍ରନାମ ପଠନ କରାଯାଇଥିଲା। ଏହି ସତ୍‌ସଙ୍ଗରେ ସ୍ୱର୍ଣ୍ଣଲତା ପାଣି, କେ. ଲକ୍ଷ୍ମଣ ରାଓ, ଅନୁପମା ମିଶ୍ର, ତାପସ ପଣ୍ଡା ବହୁତ ସୁନ୍ଦର ଭଜନ ପରିବେଷଣ କରିଥିଲେ। ଦୁଷ୍ମନ୍ତ କୁମାର ଧୀର, ଶ୍ରୀନିବାସ ରାଓ, ଶରତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ମହାନ କାର୍ଯ୍ୟକ୍ରମ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଇଣ୍ଡିଆ ଓ ବିଶ୍ୱ ସନାତନ ସେବା ଟ୍ରଷ୍ଟର ମିଳିତ ସହଯୋଗରେ କରାଯାଇଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ
**ତା୧୫।୧୧।୨୦୨୬, କାର୍ତ୍ତିକ ଦ୩୦ନ, ରବିବାର**
**ସୂର୍ଯ୍ୟୋଦୟ- ଘ ୫।୫୫।୦୩ ଚନ୍ଦ୍ରୋଦୟ- ଦିଘ୧୦।୪୮।୧୧**

ଷଷ୍ଠୀ ରାଘ୨।୦୩ ପର୍ଯ୍ୟନ୍ତ। ଉତ୍ତରାଷାଢ଼ା ନକ୍ଷତ୍ର ରାଘ୧୧।୩୨ ପର୍ଯ୍ୟନ୍ତ । ମକର ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ସିଂହ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ରାଘ୨।୦୩ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ୬।୪୫ ଗତେ ଦିଘ୮।୫୮ ମଧ୍ୟେ । ଦିଘ୧ ୨।୫୬ ଗତେ ଦିଘ୨।୫୨ ମଧ୍ୟେ। **ପର୍ବୋତ୍ସବ-** ମାସାନ୍ତ, ସୂର୍ଯ୍ୟ ଷଷ୍ଠୀ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# କ୍ଷୀରର ଅଭାବ ନଥିବା ସତ୍ତ୍ୱେ ଘିଅ ମୂଲ୍ୟରେ ଅସମ୍ଭବ ବୃଦ୍ଧି

ଘରେ ଘରେ ଖାଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି ପୂଜାପର୍ବ, ମିଠା ଓ ପିଠାପଣା ପର୍ଯ୍ୟନ୍ତ ସବୁଠି ଘିଅର ବ୍ୟବହାର ରହିଛି । କିନ୍ତୁ ଏବେ ଘିଅ କିଣିବାକୁ ଗଲେ ଗ୍ରାହକଙ୍କ ପକେଟ୍‌କୁ ବାଧୁଛି ଦର । କେବଳ ଘିଅ ନୁହେଁ, ବଟର ଭଳି ଦୁଗ୍ଧଜାତ ଦ୍ରବ୍ୟର ଦାମ୍ ମଧ୍ୟ ବଢ଼ିବାରେ ଲାଗିଛି । ତେବେ ପ୍ରଶ୍ନ ଉଠୁଛି, ଦେଶରେ କ୍ଷୀର ଉତ୍ପାଦନ ହେଉଥିବା ସତ୍ତ୍ୱେ ଘିଅର ଦାମ୍ କାହିଁକି ବଢୁଛି ? ଏହା ପଛରେ ରହିଛି ଭାରତୀୟ ଡାଏରୀ ଶିଳ୍ପର ଏକ ବଡ଼ ସମସ୍ୟା । ତାହା ହେଉଛି କ୍ଷୀରରେ ଫ୍ୟାଟ୍ ବା ଚର୍ବିର ଅଭାବ ।

କ୍ଷୀର ଅଛି, ହେଲେ ଫ୍ୟାଟ୍ କମ୍ । କ୍ଷୀରରେ ମୁଖ୍ୟତଃ ଦୁଇ ପ୍ରକାରର ଉପାଦାନ ରହିଥାଏ । ଗୋଟିଏ ହେଉଛି ଫ୍ୟାଟ୍ ଏବଂ ଅନ୍ୟଟି ହେଉଛି SNF (Solids Not Fat) । ଏଥିରେ ପ୍ରୋଟିନ୍, ଲାକ୍ଟୋଜ୍ ଓ ଖଣିଜ ପଦାର୍ଥ ରହିଥାଏ । ଘିଅ ଓ ବଟର ପ୍ରସ୍ତୁତି ପାଇଁ କ୍ଷୀରରେ ଅଧିକ ଫ୍ୟାଟ୍ ରହିବା ଜରୁରୀ । କିନ୍ତୁ ବର୍ତ୍ତମାନ ଡାଏରୀ କମ୍ପାନୀଗୁଡ଼ିକ କ୍ଷୀରରୁ ଆବଶ୍ୟକ ପରିମାଣର ଫ୍ୟାଟ୍ ସଂଗ୍ରହ କରିବାରେ ସମସ୍ୟା ଭୋଗୁଛନ୍ତି । ଏବେ ପ୍ରଶ୍ନ ଉଠୁଛି କାହିଁକି ବଢୁଛି ଫ୍ୟାଟ୍‌ର ଦାମ୍ ? ଏହା ପଛରେ ରହିଛି ଏକାଧିକ କାରଣ । ପ୍ରଥମତଃ, ଘିଅ, ବଟର, ପନିର ଆଇସ୍‌କ୍ରିମ୍ ଭଳି ଫ୍ୟାଟ୍ ଯୁକ୍ତ ଖାଦ୍ୟର ଚାହିଦା ବଢ଼ିଛି । ୨୦୨୫ ସେପ୍ଟେମ୍ବରରୁ ଏହିସବୁ ଦୁଗ୍ଧଜାତ ସାମଗ୍ରୀ ଉପରେ GST ହ୍ରାସ ହେବା ପରେ ଚାହିଦା ଆହୁରି ବଢ଼ିଛି । ଅପମିଶ୍ରିତ ଘିଅ ଓ ନକଲି ଦୁଗ୍ଧଜାତ ସାମଗ୍ରୀ ବିରୋଧରେ FSSAI ଏବଂ ବିଭିନ୍ନ ରାଜ୍ୟର ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ ଜୋରଦାର ହୋଇଛି । ଫଳରେ ଶୁଦ୍ଧ କ୍ଷୀର ଓ ଅଧିକ ଫ୍ୟାଟ୍ ଥିବା କ୍ଷୀରର ଚାହିଦା ବଢ଼ିଛି । ଏହାବ୍ୟତୀତ ଭାରତରୁ ବିଦେଶକୁ ଘିଅ, ବଟର ଓ ଅନ୍ୟାନ୍ୟ ମିଲ୍କ ଫ୍ୟାଟ୍ ରପ୍ତାନି ମଧ୍ୟ ଘରୋଇ ବଜାରରେ ଫ୍ୟାଟ୍‌ର ଉପଲବ୍ଧତାକୁ ପ୍ରଭାବିତ କରିଛି । ଅକ୍ଟୋବର ୨୦୨୩ରେ ଡାଏରୀ ସ୍ତରରେ ବଟରର ହାରାହାରି ଦାମ୍ କିଲୋ ପିଛା ୩୪୮ ଟଙ୍କା ଥିବାବେଳେ ଅକ୍ଟୋବର ୨୦୨୬ରେ ଏହା ୫୩୭ ଟଙ୍କାରେ ପହଞ୍ଚିଛି । ଅର୍ଥାତ୍ ପ୍ରାୟ ୫୪.୩ ପ୍ରତିଶତ ବୃଦ୍ଧି ହୋଇଛି । ଅକ୍ଟୋବର ୨୦୨୩ରେ ଡାଏରୀ ସ୍ତରରେ ବଟରର ହାରାହାରି ଦାମ୍ କିଲୋ ପିଛା ୩୪୮ ଟଙ୍କା ଥିବାବେଳେ ଅକ୍ଟୋବର ୨୦୨୬ରେ ଏହା ୫୩୭ ଟଙ୍କାରେ ପହଞ୍ଚିଛି । ଅର୍ଥାତ୍ ପ୍ରାୟ ୫୪.୩ ପ୍ରତିଶତ ବୃଦ୍ଧି ହୋଇଛି । ସେହିପରି ଅମୁଲ୍ ନଭେମ୍ବର ୨ ତାରିଖରୁ ଏକ ଲିଟର ଘିଅ ପାଉଚ୍‌ର ଦାମ୍ ୬୯୫ ଟଙ୍କାରୁ ବଢ଼ାଇ ୭୩୫ ଟଙ୍କା କରିଛି । ଟେବୁଲ୍ ବଟରର ୫୦୦ ଗ୍ରାମ୍ ପ୍ୟାକେଟ୍‌ର ଦାମ୍ ମଧ୍ୟ ୩୧୦ ଟଙ୍କାରୁ ୩୨୫ ଟଙ୍କା ହୋଇଛି । ଏହାସହ କ୍ଷୀର ଉତ୍ପାଦନର ଗତି ଧୀମା ହେବା ଏବଂ ପଶୁମାନଙ୍କ ପାଇଁ ଗୋଖାଦ୍ୟ ଓ ଚାରାର ଅଭାବ ମଧ୍ୟ ଡାଏରୀ ଶିଳ୍ପ ପାଇଁ ଚିନ୍ତାର କାରଣ ପାଲଟିଛି । ଏଲ୍‌ନିନୋ ପ୍ରଭାବରେ କେତେକ ଅଞ୍ଚଳରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଲେ ଭବିଷ୍ୟତରେ କ୍ଷୀର ଉତ୍ପାଦନ ଆହୁରି ପ୍ରଭାବିତ ହୋଇପାରେ ।

# ଚାଚା ନେହେରୁ



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫.

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ । ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି । ଏତ ପୋକ ମାଛିର ଜୀବନ । ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ । ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ । ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରୁପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା । ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ । ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର । 'ଆନନ୍ଦ ଭବନ' ରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ । ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି । ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା । ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ । ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢ଼ା ପଢ଼ିରେ ମନ ଲଗାଇ ଦେଲେ । ହ୍ୟାରୋ ସ୍କୁଲରେ ପାଠ ପଢ଼ା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ । ସେଠି ସେ ବିଜ୍ଞାନ ପଢ଼ିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ । ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ । ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା । ସେ ଝରଣା ସ୍ରୋତରେ ଭାସିଗଲେ । ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠେଇଲେ । ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ । ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତୀର୍ଣ୍ଣ ହେଲେ । ଭାରତକୁ ଫେରି ବମ୍ବେ ବନ୍ଦରରେ ପହଞ୍ଚିଲେ । ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ । ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ । ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ 'ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ' ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର । ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳାକୁ ପୁତ୍ରବଧୂ କରିବାକୁ ସ୍ଥିର କଲେ । ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ । ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା । ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା । ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା । ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା । କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା । ଯାର ନାମ ଦିଆଗଲା ଇନ୍ଦିରା । ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ । ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ । ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ । ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା । ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ । ଡ଼ାୟାର ସାହେବ ପଞ୍ଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ । ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା ।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ । ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା । କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ । ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ । ଜେନେଭା ଠାରେ କିଛି ଦିନ ରହିଲେ । ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ । ରଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ରଷ୍ ଅଭିମୁଖେ ରେଳ ଯାତ୍ରା କଲେ । ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା । ତଥାପି ସେମାନେ ରଷ୍‌ରେ ଋରି ଦିନ ରହିଗଲେ । କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ ।

ପଞ୍ଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ । ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ । ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ । ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା । ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ । ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଋରି ଆଡେ ପ୍ରଋରିତ ହୋଇଗଲା । ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ । ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ । ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ । ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା । ଏହାକୁ ସୁଭାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ । କଂଗ୍ରେସର କଲିକତା ଅଧିବେସନରେ ଏକ ସୁତ୍ର ବାହାରିଲା । କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ୍ତ ଦାବି କରାଯିବ । ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁଭାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ । ମୋତିଲାଲ ସ୍ୱରାଜ ଦଳ ଗଠନ କଲେ । ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ । ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା । ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ । କଂଗ୍ରେସ ଲାହୋର ଅଧିବେସନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ୍ତ ଆନ୍ଦୋଳନ ଆରମ୍ଭ କରିଦେଲେ । ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖକୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ । ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର । ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା ।

ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ । ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା । ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ । କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ । ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ । ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜରିମାନା, ଏହା ଥିଲା ତାଙ୍କର ପଞ୍ଚମ ଜେଲଦଣ୍ଡ । ୧୯୩୦ ନଭେମ୍ବର ୧୪ ତାରିଖରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା । ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ । ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା ।

କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ । ବେତ୍ରାଘାତ ସ୍ଥଗିତ ହେଲା । ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ । ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା । କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ । ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ । ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା । ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା । ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ । ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା । ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ । କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ । ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ । ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ । ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ । ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା । ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା । ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା । ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା । ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ । ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା । ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ । ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ । ରାଷ୍ଟ୍ରର ଶାନ୍ତି ପାଇଁ ସେ ପଞ୍ଚଶୀଳ ନୀତିକୁ ଗ୍ରହଣ କରିଥିଲେ । ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି । ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ । ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା । ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ ।

# ଶର୍କରା ନିୟନ୍ତ୍ରଣ କରନ୍ତୁ, ପାଦ ସୁରକ୍ଷିତ ରଖନ୍ତୁ ଓ ଅଙ୍ଗଚ୍ଛେଦନରୁ ବଞ୍ଚନ୍ତୁ : ମଧୁମେହ ରୋଗରେ ପାଦର ଯତ୍ନ



ଡାକ୍ତର ଅଶୋକ କୁମାର ମହାନ୍ତି
ମାଟିମଣ୍ଡପ ସାହି, ପାଟଣା ଲେନ୍, ପୁରୀ ଟାଉନ୍

ଡାଏବେଟିସ୍ (ମଧୁମେହ) ରୋଗୀମାନଙ୍କ ପାଇଁ ପ୍ରତିଦିନ ପାଦର ଯତ୍ନ ନେବା ଅତ୍ୟନ୍ତ ଜରୁରୀ, ଯାହା ଦ୍ୱାରା ଗମ୍ଭୀର ସଂକ୍ରମଣ ଓ ପାଦ ଘା' (Diabetic Foot Ulcer) ରୋକାଯାଇପାରିବ । କାରଣ ରକ୍ତରେ ଶର୍କରା (sugar)ର ମାତ୍ରା ଅଧିକ ହେଲେ ଏହା ସ୍ନାୟୁକୁ କ୍ଷତି ପହଞ୍ଚାଇପାରେ, ରକ୍ତନଳୀଗୁଡ଼ିକ ସଂକୀର୍ଣ୍ଣ ଓ କଠିନ ହୋଇଯାଏ, ଫଳସ୍ୱରୂପ ପାଦକୁ ରକ୍ତ ସଞ୍ଚାଳନ କମାଇଦେଇପାରେ । ଏହା ଫଳରେ ପାଦରେ କ୍ଷତ କିମ୍ବା ଅଲସର୍ଥା ସଂକ୍ରମଣହେବାର ଆଶଙ୍କା ବଢ଼ିଯାଏ ଏବଂ ଗୁରୁତର ସଂକ୍ରମଣର ରୂପ ନେଇପାରେ ଏବଂ ପାଦ କାଟିବା ପରି ପରିସ୍ଥିତି ସୃଷ୍ଟି କରିପାରେ, ତଥାପି ନିଜ ପାଦକୁ ସୁରକ୍ଷିତ ରଖିବା ପାଇଁ ଆପଣ କିଛି ପଦକ୍ଷେପ ନେଇପାରିବେ । ମଧୁମେହ ଓ ନ୍ୟୁରୋପାଥି (ସ୍ନାୟୁଜନିତ ସମସ୍ୟା) ସହିତ ଜୀବନଯାପନ କରୁଥିବା ସମୟରେ ପାଦରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା କମାଇବା ଏବଂ ଆଘାତରୁ ରକ୍ଷା ପାଇବା ପାଇଁ ଏହି ପରାମର୍ଶଗୁଡ଼ିକୁ ଅନୁସରଣ କରନ୍ତୁ ।

ପ୍ରତିଦିନ ପାଦର ଯତ୍ନ:

ପ୍ରତିଦିନ ନିଜ ପାଦକୁ ଭଲ ଭାବରେ ଯାଞ୍ଚ କରନ୍ତୁ—କୌଣସି କଟା ଦାଗ, ଘା', ଫୋଟକା,ଫୁଲା, ଫାଟ, ନାଲି ପଡ଼ିବା କିମ୍ବା ରଙ୍ଗ ବଦଳିବା ଭଳି ଲକ୍ଷଣ ଅଛି କି ନାହିଁ ଦେଖନ୍ତୁ । ପାଦର ତଳ ଭାଗ ଦେଖିବା ପାଇଁ ଏକ ଦର୍ପଣ ବ୍ୟବହାର କରନ୍ତୁ କିମ୍ବା ଅନ୍ୟ କାହାର ସାହାଯ୍ୟ ନିଅନ୍ତୁ ।

ଉଷୁମ (ଅତ୍ୟଧିକ ଗରମ ନୁହେଁ) ପାଣି ଏବଂ ହାଲୁକା ସାବୁନ୍ ବ୍ୟବହାର କରି ପାଦକୁ ଆସ୍ତେ ଆସ୍ତେ ଧୋଇ ଦିଅନ୍ତୁ । ପାଣିର ତାପମାତ୍ରା ପରୀକ୍ଷା କରିବା ପାଇଁ ନିଜ କହୁଣିକୁ ବ୍ୟବହାର କରନ୍ତୁ; କାରଣ ସ୍ନାୟୁଗତ କ୍ଷତି (nerve damage)ହୋଇଥିଲେ ଆପଣ ଅତ୍ୟଧିକ ଗରମ ଅନୁଭବ କରିପାରିବେ ନାହିଁ ।

ପାଦକୁ ଅଧିକ ସମୟ ପାଣିରେ ଭିଜାଇ ରଖନ୍ତୁ ନାହିଁ,କାରଣ ଏହା ଚର୍ମକୁ ଶୁଷ୍କ କରିଦିଏ ।

ଧୋଇବା ପରେ ପାଦକୁ ନରମ କପଡ଼ାରେ ଭଲ ଭାବରେ ପୋଛି ଶୁଖାନ୍ତୁ,କିନ୍ତୁ ବିଶେଷକରି ପାଦ ଆଙ୍ଗୁଠିଗୁଡ଼ିକର ମଝି ଭାଗକୁ ଭଲ ଭାବରେ ଶୁଖାନ୍ତୁ ।

ଚର୍ମ ଫାଟିବା ରୋକିବା ପାଇଁ ଶୁଷ୍କ ଚର୍ମରେ ମଶ୍ଚରାଇଜର୍ (moistur-izer) ଲଗାନ୍ତୁ, କିନ୍ତୁ ପାଦ ଆଙ୍ଗୁଠିଗୁଡ଼ିକର ମଝିରେ କେବେବି ଲୋସନ୍ ଲଗାନ୍ତୁ ନାହିଁ ।

ପାଦ ନଖଗୁଡ଼ିକୁ ସିଧା ଭାବରେ କାଟନ୍ତୁ (ଅତ୍ୟଧିକ ଗଭୀରକୁ କାଟନ୍ତୁ ନାହିଁ) ଏବଂ ନଖର ଧାରଗୁଡ଼ିକୁ ଫାଇଲ୍ (file)କରି ସମତଳ କରନ୍ତୁ ଯେପରି ଚର୍ମ କାଟି ହୋଇ ନ ଯାଏ ।

ବ୍ଲେଡ୍, ଅନ୍ୟ କୌଣସି ଧାରୁଆ ଜିନିଷ କିମ୍ବା ରାସାୟନିକ ପଦାର୍ଥ ବ୍ୟବହାର କରି ନିଜେ corns କିମ୍ବା calluses - କଠିନ ଚର୍ମ କାଟନ୍ତୁ ନାହିଁ । ସର୍ବଦା ପରିଷ୍କାର,ନରମ ଏବଂ ଠିକ୍ ମାପର ଜୋତା ଓ ମୋଜା , ଚପଲ ପିନ୍ଧି ନିଜ ପାଦକୁ ସୁରକ୍ଷିତ ରଖନ୍ତୁ । ମୋଟା ମୋଜା ପିନ୍ଧନ୍ତୁ । ଜୋତା ପିନ୍ଧିବା ପୂର୍ବରୁ ଭିତରେ କିଛି ଛୋଟ ଜିନିଷ ଅଛି କି ନାହିଁ, ତାହା ଯାଞ୍ଚ କରି ନିଅନ୍ତୁ । ଅତ୍ୟଧିକ tight କିମ୍ବା ଚିରିଯାଇଥିବା ମୋଜା ପିନ୍ଧନ୍ତୁ ନାହିଁ । ଘର ଭିତରେ ଥିଲେ ମଧ୍ୟ କେବେବି ଖାଲି ପାଦରେ ଚାଲନ୍ତୁ ନାହିଁ, ଯାହାଦ୍ୱାରା ଅଜାଣତରେ ହେଉଥିବା ଆଘାତରୁ ରକ୍ଷା ପାଇପାରିବେ । ଅତ୍ୟଧିକ ଗରମ କିମ୍ବା ଥଣ୍ଡାରୁ ଦୂରେଇ ରୁହନ୍ତୁ । ନିଜ ଗୋଡ଼ରେ ଗରମ ପାଣି ବୋତଲ କିମ୍ବା 'ହିଟିଂ ପ୍ୟାଡ୍' (heating pads) ବ୍ୟବହାର କରନ୍ତୁ ନାହିଁ;କାରଣ ସ୍ନାୟୁ କ୍ଷତିଗ୍ରସ୍ତ ହୋଇଥିଲେ, ଆପଣ ଜାଣିବା ପୂର୍ବରୁ ହିଁ ଆପଣଙ୍କ ଚର୍ମ ପୋଡ଼ି ଯାଇପାରେ । ଧୂମପାନ ଏବଂ ତମାଖୁ ଜାତୀୟ ଦ୍ରବ୍ୟଠାରୁ ଦୂରେଇ ରୁହନ୍ତୁ ।

**ସାମଗ୍ରିକ ସ୍ୱାସ୍ଥ୍ୟ:**

ଆପଣଙ୍କ ସ୍ନାୟୁ ଏବଂ ରକ୍ତନଳୀଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ରକ୍ତ ଶର୍କରା (blood sugar), ରକ୍ତଚାପ (blood pressure)ଏବଂ କୋଲୋଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖନ୍ତୁ । ଧୂମପାନ ତ୍ୟାଗ କରନ୍ତୁ, କାରଣ ଏହା ଗୋଡ଼ ଏବଂ ପାଦକୁ ରକ୍ତ ପ୍ରବାହ କମାଇ ଦେଇଥାଏ । ବର୍ଷକୁ ଅନ୍ତତଃ ଥରେ ବିଶେଷଜ୍ଞଙ୍କ ଦ୍ୱାରା ନିଜ ପାଦର ସମ୍ବେଦନଶକ୍ତି (feeling)ଏବଂ ରକ୍ତ ସଞ୍ଚାଳନର ଯାଞ୍ଚ କରାନ୍ତୁ ।

ସତର୍କ ସୂଚକ ଲକ୍ଷଣ:

ଯେତେବେଳେ ଆପଣଙ୍କ ପାଦ କୌଣସି ଗରମ ଜିନିଷ ସଂସ୍ପର୍ଶରେ ଆସେ, ସେତେବେଳେ ସତର୍କ ରୁହନ୍ତୁ । ଆପଣ ଜାଣିବା ପୂର୍ବରୁ ହିଁ ପାଦ ପୋଡ଼ି ଯାଇପାରେ (ଆପଣଙ୍କୁ ଯନ୍ତ୍ରଣା ଅନୁଭବ ହୋଇନପାରେ) । ପାଦ ଲାଲ୍ ପଡ଼ିଯିବା,ଗରମ ଲାଗିବା,ଅସ୍ୱାଭାବିକ ଗନ୍ଧ ଆସିବା କିମ୍ବା ପାଦରୁ କୌଣସି ପ୍ରକାରର ସ୍ରାବ ବାହାରିବା, ଯନ୍ତ୍ରଣା ବଢ଼ିବା , ପାଦରେ ଘା' କିମ୍ବା ଫୋଟକା ସୃଷ୍ଟି ହେବା, ଯାହା ୧-୨ ଦିନ ମଧ୍ୟରେ ଭଲ ହେବା ଆରମ୍ଭ କରେ ନାହିଁ । ଚର୍ମ କଳା କିମ୍ବା ନୀଳ ରଙ୍ଗର ହୋଇଯିବା । ପାଦରେ ଘା' ସହିତ ଜ୍ୱର ଆସିବା । ପାଦର କୌଣସି ଅଂଶ କିମ୍ବା ସମ୍ପୂର୍ଣ୍ଣ ପାଦ ଫୁଲିଯିବା ।

ନିୟମିତ ଯାଞ୍ଚ:

ଡାଇବେଟିକ୍ ପାଦ ଘା' ହେଉଛି ଦୀର୍ଘକାଳୀନ ମଧୁମେହର ଏକ ଗମ୍ଭୀର ଜଟିଳତା, ଯାହା ନ୍ୟୁରୋପାଥି, ଇସ୍କେମିଆ ଏବଂ ସଂକ୍ରମଣର ତ୍ରିକୋଣର ପରିଣାମ ସ୍ୱରୂପ । ବର୍ଷକୁ ଅତି କମରେ ଥରେ କିମ୍ବା ଯଦି ଆପଣଙ୍କର ନ୍ୟୁରୋପାଥି, ଖରାପ ରକ୍ତ ସଞ୍ଚାଳନ, କିମ୍ବାପାଦ ଘା'ର ଇତିହାସ ଅଛି, ତେବେ ଅଧିକ ଥର ଆପଣଙ୍କ ପାଦ ପରୀକ୍ଷା କରନ୍ତୁ । ଭଲ ପାଦ ଯତ୍ନ ସହିତ ନିୟନ୍ତ୍ରିତ ରକ୍ତ ଶର୍କରା ମଧୁମେହ ରୋଗୀଙ୍କ ମଧ୍ୟରେ ଗୁରୁତର ପାଦ ଜଟିଳତାର ବିପଦକୁ ବହୁ ପରିମାଣରେ ହ୍ରାସକରିପାରିବ ।

ମନେରଖନ୍ତୁ, ମଧୁମେହରେ,ଏକ ଛୋଟ କ୍ଷତ କେବେବି ଛୋଟ ନୁହେଁ । ଛୋଟ କ୍ଷତ, ବଡ଼ ବିପଦ – ମଧୁମେହ ପାଦକୁ ଅଣଦେଖା କରନ୍ତୁ ନାହିଁ । ପ୍ରାରମ୍ଭିକ ଯତ୍ନ ଅଙ୍ଗଛେଦକୁ ରୋକିଥାଏ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଧନ

ଶ୍ରଦ୍ଧେୟ ଭକ୍ତବୃନ୍ଦ ପ୍ରକୃତ ଧନ ହେଉଛି ଆତ୍ମଜ୍ଞାନ,ଆତ୍ମାକୁ ବୁଝିବା,ଆତ୍ମାକୁ ଜାଣିବା,ଆତ୍ମାର ଗତିକୁ ବୁଝିବା ଏହାହିଁ ଭକ୍ତର ପ୍ରକୃତ ଧନ,ବିନା ଧନରେ(ଟଙ୍କା ପଇସା)ନଥାଇ ଯେଉଁ ଭକ୍ତ ଆତ୍ମଜ୍ଞାନ ପ୍ରାପ୍ତ କରିଥାଏ ଏ ପୃଥିବୀର ଯେ କୌଣସି ସ୍ଥାନକୁ ଅନ୍ୟାୟସରେ ଯାଇପାରିବେ ଏବଂ ସକଳ ସ୍ଥାନରୁ ତାକୁ ଖାଦ୍ୟ,ପେୟ,ବସ୍ତ୍ର,ଧନ,ରହିବା ପାଇଁ ସ୍ଥାନ ସବୁ ମିଳିପାରିବ । ତେଣୁ ବସ୍ତୁବାଦ ଜଗତକୁ ଲକ୍ଷ୍ୟ ଦେଇ ଯେ କୋଠା, ବାଡି,ଧନ,ସମ୍ପଦରେ ଅନ୍ଧ ହୋଇଥାଏ ସେ ଏହି ବିଶାଳ ପୃଥିବୀରେ ଯେତେ ଟଙ୍କା ରୋଜଗାର କଲେ ବି ତାକୁ ଅଣ୍ଟିବ ନାହିଁ । କି ତା ମନରେ ଶାନ୍ତି ମିଳିପାରିବ ନାହିଁ । ସେ ସବୁବେଳେ ମାୟାରୂପକ ଜାଲରେ ଆପେ ଆପେ ଛନ୍ଦି ହୋଇ ଯାଉଥିବ । ଏହାହିଁ ସତ୍ୟ,ଏହାହିଁ ସରଳତା,ପ୍ରକୃତରେ ସରଳତା ହିଁ ଚତୁରତାର ଚାବିକାଠି । ଏହି ସରଳ ମାର୍ଗରେ ଯିବାପାଇଁ ଆମକୁ ସତର୍କତାର କୌଶଳ ତାକୁ ଅବଲମ୍ବନ କରିବାକୁ ପଡିଥାଏ । ଭାଗବତରେ ଅଛି ସରଳ ମନେ କଲେ ଧାନ ନିଷ୍ଟେ ଭେଟିବେ ଭଗବାନ । ହରି ଓଁ ।

# ମଧୁମେହ ଉପରେ ଆଗୁଆ ପଦକ୍ଷେପ



ଡା. ବିଜୟ କେତନ ଦାସ
ଏମ୍.ଡ଼ି.ଏମ୍,
(ଏଣ୍ଡୋକ୍ରାଇନୋଲୋଜି),
ବିଶେଷଜ୍ଞ ଅନ୍ତଃସ୍ରାବୀ ରୋଗ
(ହରମୋନ) ଚିକିତ୍ସକ
ସହକାରୀ ପ୍ରଫେସର,
ଅନ୍ତଃସ୍ରାବୀ ରୋଗ ବିଭାଗ,
କିମ୍ସ ପିବିଏମ୍ ଏଚ ଏବଂ ଏସ୍,
ମୋ : ୮୭୬୩୬୮୪୩୮୩

ମଧୁମେହ ବା ଡାଇବେଟିସ ଆଜି କେବଳ ଏକ ରୋଗ ନୁହେଁ, ଏହା ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ସମସ୍ୟାରେ ପରିଣତ ହୋଇଛି । ସମଗ୍ର ବିଶ୍ୱ ସହ ଭାରତରେ ମଧ୍ୟ ଏହି ରୋଗର ପ୍ରକୋପ ଦ୍ରୁତଗତିରେ ବଢ଼ି ଚାଲିଛି । ଦିନେ ଯେଉଁ ରୋଗକୁ ବୟସ୍କ ଲୋକଙ୍କ ରୋଗ ବୋଲି ବିଚାର କରାଯାଉଥିଲା, ଆଜି ତାହା ଯୁବକ ଯୁବତୀ ଏପରିକି କିଶୋର କିଶୋରୀଙ୍କୁ ମଧ୍ୟ ଆକ୍ରାନ୍ତ କରୁଛି । ଆହୁରି ଚିନ୍ତାଜନକ ବିଷୟ ହେଉଛି, ଅନେକ ଲୋକ ନିଜେ ମଧୁମେହରେ ଆକ୍ରାନ୍ତ ବୋଲି ଜାଣିପାରନ୍ତି ନାହିଁ । ନଭେମ୍ବର ୧୪ ତାରିଖ ବିଶ୍ୱ ମଧୁମେହ ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ହେଉଛି 'ମଧୁମେହ ଉପରେ ଆଗୁଆ ପଦକ୍ଷେପ' (Early Action on Diabetes) ଏହାର ମୂଳ ଉଦ୍ଦେଶ୍ୟ ହେଉଛି ରୋଗକୁ ଶୀଘ୍ର ଚିହ୍ନଟ କରିବା, ଏହାର ଆଶଙ୍କା କମାଇବା ଏବଂ ଜଟିଳତାକୁ ହ୍ରାସ କରିବା ।

ଶରୀରରେ ଇନସୁଲିନ ନାମକ ହରମୋନର ଅଭାବ ହେଲେ କିମ୍ବା ଶରୀର ଏହାକୁ ଠିକ ଭାବରେ ବ୍ୟବହାର କରିପାରି ନଥିଲେ ରକ୍ତରେ ଶର୍କରାର ପରିମାଣ ବଢ଼ିଯାଏ । ଏହି ଅବସ୍ଥାକୁ ମଧୁମେହ କୁହାଯାଏ । ମଧୁମେହ ମୁଖ୍ୟତଃ ତିନି ପ୍ରକାରର । ଟାଇପ-୧ ମଧୁମେହରେ ଶରୀରର ରୋଗ ପ୍ରତିରୋଧକ ବ୍ୟବସ୍ଥା ଅଗ୍ନାଶୟର ଇନସୁଲିନ ଉତ୍ପାଦନକାରୀ କୋଷଗୁଡ଼ିକୁ ନଷ୍ଟ କରିଦିଏ । ଏଥିରେ ଆଜୀବନ ଇନସୁଲିନ ନେବା ଆବଶ୍ୟକ ହୁଏ । ଟାଇପ-୨ ମଧୁମେହ ସବୁଠାରୁ ଅଧିକ ଦେଖାଯାଏ । ଏଥିରେ ଇନସୁଲିନର କାର୍ଯ୍ୟକ୍ଷମତା କମିବା ସହ ଧୀରେ ଧୀରେ ଇନସୁଲିନ ଉତ୍ପାଦନ ମଧ୍ୟ ହ୍ରାସ ପାଏ । ଗର୍ଭାବସ୍ଥାରେ ଦେଖା ଦେଉଥିବା ମଧୁମେହ ଗର୍ଭାବସ୍ଥାଜନିତ ମଧୁମେହ କୁହାଯାଏ । ଏହା ମାଆ ଓ ଶିଶୁ ଉଭୟଙ୍କ ସ୍ୱାସ୍ଥ୍ୟପ୍ରତି ବିପଦ ସୃଷ୍ଟି କରିପାରେ ଏହା ବ୍ୟତୀତ ବଂଶଗତ କାରଣ, ଅଗ୍ନାଶୟର ରୋଗ, ହରମୋନ ଜନିତ ସମସ୍ୟା ଓ କେତେକ ଔଷଧ ଯୋଗୁଁ ମଧ୍ୟ ମଧୁମେହ ହୋଇପାରେ ।

ମଧୁମେହ ହେବା ପଛରେ ବଂଶଗତ କାରଣ ସହ ଜୀବନଶୈଳୀ ମଧ୍ୟ ବଡ଼ ଭୂମିକା ରହିଛି । ପରିବାରରେ ମଧୁମେହର ଇତିହାସ, ମୋଟାପଣ, ବିଶେଷକରି ପେଟରେ ଚର୍ବି ଜମିବା, ବ୍ୟାୟାମର ଅଭାବ, ଅସନ୍ତୁଳିତ ଖାଦ୍ୟାଭ୍ୟାସ, ଉଚ୍ଚରକ୍ତଚାପ ଓ ରକ୍ତରେ କୋଲେଷ୍ଟେରଲର ଅସ୍ୱାଭାବିକତା ଏହି ରୋଗର ଆଶଙ୍କା ବଢ଼ାଏ । ଭାରତୀୟ ଏବଂ ଅନ୍ୟ ଦକ୍ଷିଣ ଏସୀୟ ଲୋକଙ୍କ ଠାରେ ଅପେକ୍ଷାକୃତ କମ ବୟସରେ ଓ କମ ଓଜନରେ ମଧ୍ୟ ମଧୁମେହ ଦେଖାଯାଉଛି । ଆମର ବଦଳୁଥିବା ଖାଦ୍ୟାଭ୍ୟାସ, ଅତ୍ୟଧିକ ଚିନି ଓ ପ୍ରକ୍ରିୟାକୃତ ଖାଦ୍ୟର ସେବନ, ଶାରୀରିକ ପରିଶ୍ରମର ଅଭାବ ଏହି ସମସ୍ୟାକୁ ଆହୁରି ବଢ଼ାଉଛି । ଅନେକ ସମୟରେ ଏହି ରୋଗର କୌଣସି ସ୍ପଷ୍ଟ ଲକ୍ଷଣ ନଥାଏ । ଅତ୍ୟଧିକ ଶୋଷ, ବାରମ୍ବାର ପରିସ୍ରା, ଅସ୍ୱାଭାବିକ ଓଜନ ହ୍ରାସ, ଥକ୍କାପଣ ଓ ଦୃଷ୍ଟିଶକ୍ତି ଧୂସର ହେବା ଭଳି ଲକ୍ଷଣକୁ ଅଣଦେଖା କରିବା ଉଚିତ ନୁହେଁ । ଲକ୍ଷଣ ନଥିଲେ ମଧ୍ୟ ବିପଦ ଥିବପା ବ୍ୟକ୍ତିମାନେ ନିୟମିତ ରକ୍ତ ଶର୍କରା ପରୀକ୍ଷା କରାଇବା ଆବଶ୍ୟକ ।

ଟାଇପ-୨ ମଧୁମେହକୁ ଅନେକ କ୍ଷେତ୍ରରେ ଉପଯୁକ୍ତ ଜୀବନଶୈଳୀ ରୋକାଯାଇପାରେ କିମ୍ବା ବିଳମ୍ବିତ କରାଯାଇପାରେ । ଏଥିପାଇଁ ଆମକୁ ନିଜ ଦୈନନ୍ଦିନ ଜୀବନରେ କିଛି ପରିବର୍ତ୍ତନ ଆଣିବାକୁ ପଡ଼ିବ । ସନ୍ତୁଳିତ ଖାଦ୍ୟ, ପନିପରିବା, ଡାଲି, ଶସ୍ୟ ଜାତୀୟ ଖାଦ୍ୟ ଓ ପର୍ଯ୍ୟାପ୍ତ ପ୍ରୋଟିନ ଗ୍ରହଣ କରିବା ସହ ଅତ୍ୟଧିକ ମିଠା, ଚିନିଯୁକ୍ତ ପାନୀୟ ଓ ପ୍ରକ୍ରିୟାକୃତ ଖାଦ୍ୟ କମାଇବା ଦରକାର । ଏଥିପାଇଁ ଭାତକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଆବଶ୍ୟକ ନୁହେଁ, ବରଂ ଖାଦ୍ୟର ପରିମାଣ ଓ ସନ୍ତୁଳନ ଉପରେ ଧ୍ୟାନ ଦେବା ଜରୁରୀ । ସପ୍ତାହକୁ ଅତି କମରେ ୧୫୦ ମିନିଟ ଦ୍ରୁତଗତିରେ ଚାଲିବା, ସାଇକେଲ ଚଳାଇବା କିମ୍ବା ପହଁରିବା ଭଳି ବ୍ୟାୟାମ କରିବା ଉଚିତ । ଶରୀରର ଓଜନ ନିୟନ୍ତ୍ରଣ ପର୍ଯ୍ୟାପ୍ତ ନିଦ୍ରା, ମାନସିକ ଚାପ ନିୟନ୍ତ୍ରଣ ଓ ତମାଖୁ ବର୍ଜନ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ତେବେ ଟାଇପ-୧ ମଧୁମେହ ଏକ ଅଟୋଇମ୍ୟୁନ ରୋଗ ହୋଇଥିବାରୁ ଏହାକୁ ଜୀବନଶୈଳୀ ପରିବର୍ତ୍ତନ ଦ୍ୱାରା ରୋକାଯାଇପାରିବ ନାହିଁ ।

ମଧୁମେହ ସବୁଠାରୁ ବଡ଼ ବିପଦ ହେଉଛି ଏହାର ଦୀର୍ଘକାଳୀନ ଜଟିଳତା । ଦୀର୍ଘଦିନ ଧରି ରକ୍ତରେ ଶର୍କରା ଅଧିକ ରହିଲେ ହୃଦ୍ ରୋଗ, ହୃଦଘାତ ଓ ମସ୍ତିଷ୍କାଘାତର ଆଶଙ୍କା ବଢ଼େ । ବୃକ୍କ ନଷ୍ଟ ହୋଇ ଶେଷରେ ଡାଏଲିସିସ୍‌ର ଆବଶ୍ୟକତା ପଡ଼ିପାରେ । ଆଖିର ରେଟିନା ପ୍ରଭାବିତ ହୋଇ ଦୃଷ୍ଟି ଶକ୍ତି ନଷ୍ଟ ହୋଇପାରେ । ସ୍ନାୟୁ କ୍ଷତି ଯୋଗୁଁ ପାଦରେ ସମ୍ବେଦନଶୀଳତା କମିଯାଏ, ଯାହାଫଳରେ ଘା, ସଂକ୍ରମଣ ଓ ଗୁରୁତର ଅବସ୍ଥାରେ ଗୋଡ଼ କାଟିବା ପର୍ଯ୍ୟନ୍ତ ପରିସ୍ଥିତି ଉପୁଜିପାରେ । କିନ୍ତୁ ନିୟମିତ ପରୀକ୍ଷା, ରକ୍ତଶର୍କରା ନିୟନ୍ତ୍ରଣ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏହି ଜଟିଳତାଗୁଡ଼ିକୁ ଅନେକାଂଶରେ ରୋକାଯାଇପାରେ । ମଧୁମେହର ଚିକିତ୍ସା କେବଳ ରକ୍ତଶର୍କରା କମାଇବାରେ ସୀମିତ ନୁହେଁ । ରକ୍ତଚାପ, କୋଲେଷ୍ଟେରଲ, ବୃକକର କାର୍ଯ୍ୟକ୍ଷମତା, ହୃଦ ସ୍ୱାସ୍ଥ୍ୟ, ଚକ୍ଷୁ ଓ ପାଦର ନିୟମିତ ଯାଞ୍ଚ ମଧ୍ୟ ଆବଶ୍ୟକ । ଏ କ୍ଷେତ୍ରରେ ଏଣ୍ଡୋକ୍ରାଇନୋଲୋଜିଷ୍ଟ ବା ହରମୋନ ଓ ମେଟାବୋଲିକ ରୋଗ ବିଶେଷଜ୍ଞଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଜଟିଳ ମଧୁମେହ, ନିୟନ୍ତ୍ରଣରେ ରହୁ ନଥିବା ରକ୍ତ ଶର୍କରା, ଇନସୁଲିନ ଚିକିତ୍ସା ଓ ଅସାଧାରଣ ପ୍ରକାରର ମଧୁମେହ କ୍ଷେତ୍ରରେ ଏହି ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଉପଯୋଗୀ । ରୋଗୀମାନେ ଯୋଗ୍ୟ ଡାକ୍ତରଙ୍କ ପରାମର୍ଶ ନେବା ସହ ଆବଶ୍ୟକ ସ୍ଥଳେ ଏଣ୍ଡୋକ୍ରୋଇନୋଲୋଜିଷ୍ଟଙ୍କ ସହାୟତା ନେବା ଉଚିତ । ଅଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ କିମ୍ବା ଅପ୍ରମାଣିତ ଔଷଧ ଉପରେ ଭରସା କରିବା ବିପଜ୍ଜନକ ।

ମଧୁମେହ ବିରୋଧରେ ଲଢ଼େଇ କେବଳ ଡାକ୍ତରଙ୍କ ଦାୟିତ୍ୱ ନୁହେଁ । ପରିବାର, ବିଦ୍ୟାଳୟ, କାର୍ଯ୍ୟସ୍ଥଳୀ ଓ ସମାଜ ସମସ୍ତଙ୍କର ଏଥିରେ ଭୂମିକା ରହିଛି । ପିଲାଦିନରୁ ସୁସ୍ଥ ଖାଦ୍ୟାଭ୍ୟାସ ଓ ଶାରୀରିକ ପରିଶ୍ରମର ଅଭ୍ୟାସ ଗଢ଼ିବା ଆବଶ୍ୟକ । ରୋଗର ଲକ୍ଷଣ ଦେଖାଦେବା ପରେ ନୁହେଁ, ବରଂ ରୋଗ ହେବାର ଆଶଙ୍କା ଥିବା ସମୟରୁ ସଚେତନ ହେବା ଜରୁରୀ । ଏହି ବିଶ୍ୱ ମଧୁମେହ ଦିବସରେ ଆସନ୍ତୁ, କେବଳ ରକ୍ତଶର୍କରା ପରୀକ୍ଷାରେ ସଚେତନତାକୁ ସୀମିତ ନ ରଖି ଏକ ସୁସ୍ଥ ଜୀବନଶୈଳୀ ଆପଣାଇବାକୁ ସଂକଳ୍ପ ନେବା । ନିଜର ବିପଦକୁ ଜାଣିବା, ନିୟମିତ ପରୀକ୍ଷା କରାଇବା ଓ ସମୟୋଚିତ ଚିକିତ୍ସା ନେବା ହେଉଛି ଏହି ରୋଗ ବିରୋଧରେ ସବୁଠାରୁ ବଡ଼ ଅସ୍ତ୍ର । ମଧୁମେହ ହୁଏତ ଆଜୀବନ ରହିପାରେ, କିନ୍ତୁ ଏହାର ଜଟିଳତା ଅନିବାର୍ଯ୍ୟ ନୁହେଁ । ଆଗୁଆ ସଚେତନତା, ସଠିକ ଚିକିତ୍ସା ଓ ନିୟମିତ ଜୀବନଶୈଳୀ ପରିବର୍ତ୍ତନ ହିଁ ଆମ୍ଭୁ ଏକ ସୁସ୍ଥ ଭବିଷ୍ୟତ ଦେଇପାରେ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଅମୂଲ୍ୟ ସମ୍ପଦ

***ଅଂଶୁମାନ କର***

କଳ କଳ ହୋଇ ବୋହୁଥିଲା ସେତ ପୃଥିବୀ ପୃଷ୍ଠକୁ ଆଦରି,
ସ୍ରୋତରେ ତାହାର ଅନେକ ବାଧା ହେଲେ ମାଡି ଚାଲେ କାହାକୁ ନ ଡରି,
ସୁଦୂର ପାହାଡ଼ରୁ ବୋହି ଆସି ନିଜ ଶବ୍ଦରେ ମୋହିନିଏ ସମସ୍ତଙ୍କ ମନ,
କିଏ କେଉଁ ବାଟେ ବ୍ୟବହାର କରେ ହେଲେ ନୀରବ ରହି ଦିଏ ନିଜର ବଳିଦାନ,
ଯିବ ଜନ୍ତୁ ବ୍ୟକ୍ତି ବିଶେଷ ସମସ୍ତେ ତା ପାଇଁ ନିଜର,
ହେଲେ ତା କଥା ଟିକିଏ ମନେ ରଖିଥିବ କେବେ କରିବନି ତାକୁ ପର,
ସ୍ରୋତେ ତାହାର ଛୁଆଁ ପାଇ ପୁଷ୍ପ ବି ମନଭରି ଖେଳେ,
ହୃଦୟସ୍ପର୍ଶୀ ଲାଗେ ତା ଝଲକ ଯେବେ ଯାତ୍ରା କରେ ମୁଁ ରେଳେ,
ଶୀତଳ ତାର ସ୍ୱର୍ଶ ମୁଖେ ମୋର ବାଜିଲେ ଲାଗେ ଅପୂର୍ବ ଆନନ୍ଦ,
ସମୁଦ୍ର କୂଳରେ ଠିଆ ହୋଇଗଲେ କି ଶ୍ରୁତିମଧୁର ଲାଗେ ତା ଛନ୍ଦ,
ମୀନ ବି ଉଛୁଳି ଉଠେ, ହଂସ ବି ଉଛୁଳି ଉଠେ, ପାଇ ତାର ଦିବ୍ୟ ଦର୍ଶନ,
ହେଲେ କୋଳେ ସୃଷ୍ଟି ହେଲେ ଅବପାତ ତାର, ମାରେ ସେ ହୁଙ୍କାର ଓ ଗର୍ଜନ,
ଓଠେ ହସ ଫୁଟାଏ ସେ ଯେ ଦେଶେ ଥାଏ ମରୁଡ଼ିର ଆବାସ,
ବ୍ୟବହାର କରି ତାର ସଜାଡ଼ି ଦିଅନ୍ତି ଓ ଠିଆ କରନ୍ତି ନିଜ ଆଶାର ଉଆସ,
ବୋହୁଥିବ ସେ ଚିର ଦିନ ପାଇଁ ଯଦି ନହୁଏ ତା ସହ କୌଣସି ଦୁର୍ବ୍ୟବହାର,
ଛାଡ଼ିଦିଅ ତାକୁ ତା ବାଟରେ ଯିବାକୁ କର ନାହିଁ ତ ସହ ତୁଚ୍ଛା ପରିହାସ ଆଉ ପ୍ରହାର,
ସମ୍ପଦ ସେ ଆମର ସାଇତି ରଖିବା ତାକୁ ନିଜର ସମ୍ପତ୍ତି ପରି,
ଖାଲି ଦେଇ ଜାଣିଛି ସେ ମାଗୁନାହି କିଛି, କିଏ ବା ହବ ଆଉ ତା ସରି ।

***ସୋରାନା ସୋହମ୍, ଥୁବର୍ହାଲି, ବେଙ୍ଗାଲୁରୁ***
***ମୋ-୮୯୦୪୪୫୯୨୧୪***



## ତୁ ଆସିଲେ

***ଡ. ଚନ୍ଦ୍ରକଳା ନାୟକ***

ତୁ ପାଖେଇ ଆସିଲେ
କୋଳରେ ମୁଣ୍ଡ ଥୋଇବାକୁ ଇଛାହୁଏ
ସାରା ପରିବେଶଟା ହସିଉଠେ
ତୁ କାଳେ ଅନ୍ଧାର ହଟାଇ
ସ୍ନାୟୁରେ ଆଲୋକ ଭରିଦେଉ ।
ଚଉଁରା ମୂଳରେ ପାଦଥାପି
ପିତୃ ପୁରୁଷଙ୍କୁ ଆଶିଷ ଢାଳୁ
ଖୋଲିଦେଉ ଅତି ସନ୍ତର୍ପଣେ
ଆମ ମନରୁ ଅହଂକାରର ପେଡିକୁ ।
ହାତରେ କାଉଁରିଆ କାଠି ଜଳିଲେ
ନିର୍ଲିପ୍ତ କଲୁଷ ସବୁ ଧୋଇଯାଏ
ଦଲକାଏ ଅଦୃଶ୍ୟ ପବନ ଜଣାଇ ଦିଏ
ଆମ ପୂର୍ବପୁରୁଷଙ୍କ ଦମ୍ଭର ସ୍ୱୀକୃତିକୁ ।
ସଭିଙ୍କର ଭାବନା ରାଜ୍ୟରେ
କୁଜେଇ ଯାଏ ସେହି ଆଲୋକ
ପେଣ୍ଟା ପେଣ୍ଟା କାମନାକୁ କରେ
ଅନ୍ତରରୁ ପୁଣି ସତ୍ତାରୁମୁକୁଳିତ ।
ତା' ରଙ୍ଗୀନ ଆତସବାଜୀରେ
ଗରୀବର କୁଡିଆ ହୁଏ ଆଲୋରମୟ
ଅଝଟ ପକ୍ଷୀଟିଏ ପରି,
ସାରା ଜଗତ ଭିଜା ସ୍ୱରରେ ଗାଏ
ରାବଣ ଉପରେ ରାମଙ୍କ ବିଜୟର
ସୁଗମ ଓ ମନଲୋଭା ସଙ୍ଗୀତ ।
ତୁ ଦୀପଟିଏ ହୋଇ ଚେତାଇ ଦେଉ
ମନର ସବୁ ରାବଣତ୍ୱକୁ ସଂହାରକରି
ଶାନ୍ତିର ବାର୍ତ୍ତାଟିଏ ଆଣିବାକୁ
ପ୍ରତିବର୍ଷତୁ ଆସୁ –
ଚେତନାର ମହ୍ଲାର ନେଇ ।

***ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର***
***ମୋ-୯୪୩୭୯୫୭୬୧୭***



## ମନୋରଥ

***ଶରତ ଦାଶ***

ମୋ ମନରଥରେ କେବେ ବିରାଜିବ
ରାଜୀବଲୋଚନ କାହ୍ନା
ପୁରୁଷୋତ୍ତମରେ ରତନବେଦୀରେ
ବସିଛ ଉଡ଼ାଇ ବାନା ।।
ଜାରାଶବରର ଶରାଘାତେ ସିନା
ତୁଟାଇଲ ଭବଲୀଳା
ହୋଇ ଦାରୁବ୍ରହ୍ମ ମହୋଦଧି କୂଳେ
ଉଭାହେଲ ନନ୍ଦବଳା ।।
ଇନ୍ଦ୍ରଦ୍ୟୁମ୍ନ ରାଜା ରୁଦ୍ଧ ପ୍ରକୋଷ୍ଠରେ
ଗଢ଼ାଇଲେ ମୂର୍ତ୍ତି ତିନି
ଗୁଣ୍ଡିଚାରାଣୀଙ୍କ କରୁଣା କାରଣେ
ଅଧାଗଢ଼ା ଭାଇ ଭଉଣୀ ।।
ପତିତଜନଙ୍କୁ ଉଦ୍ଧାରିବା ପାଇଁ
ଜଗନ୍ନାଥ ରୂପ ନେଲ
ମନ୍ଦିରୁ ବାହାରି ରଥରେ ବିରାଜି
ଦେଲ ଦରଶନ ଭଲ ।।
ହେ କୃଷ୍ଣମୁରାରୀ ନାହିଁ ତୁମପରି
ଆଉ କେହି ଦେବ ଆନ
ସତ୍ୟରେ ଶ୍ରୀହରି ତ୍ରେତୟାରେ ରାମ
ଦ୍ୱାପରରେ ନାମ କୃଷ୍ଣ ।।
କଳିଯୁଗେ ଜଗନ୍ନାଥ ନାମ ବହି
ବସିଛ ଶିରୀମନ୍ଦିରେ
ଦର୍ଶନ ମାତ୍ରକେ ସବୁ ପାପ ତାପ
ନାଶ ଯାଏ ନିମିଷରେ ।।
କେବେ ଏ କଳିର ସରିବ ଆୟୁଷ
କଲ୍କୀ ଅବତାରେ ହରି
ପୁଣ୍ୟ ଧର୍ମ ସତ୍ୟ କରି ସଂସ୍ଥାପିତ
ଯିବ ଚଳି ନିଜ ପୁରୀ ।।
କଲ୍କୀ ଅବତାର ଥିଲେ ଥାଉ ଦୂର
ବିରାଜ ମୋ ହୃଦୟରେ
ଜୀବନକୁ ଧନ୍ୟ କର ମହାବାହୁ
ତୁମ ପବିତ୍ର ସ୍ୱର୍ଶରେ ।।

***ଭୁବନେଶ୍ୱର***

## ନିଜ କଥା

***ଦେବାଶିଷ ମହାପାତ୍ର***



କେତେ କବିତା ଲେଖିଲି
ଦେଶ, ଭାଷା, ପ୍ରେମିକା
ସାନିଆ, ପାରଳାଖେମୁଣ୍ଡି ପାନିଆ
ମା ପାଇଁ ପୁଅର ଭୂମିକା
ଆଜି ଭାବୁଛି ଲେଖିବି ମୋ ଉପରେ କବିତା
ହେ ମୁଁ ଏମିତି ଗୋଟେ କଣ ଯେ
ପୁଣି ମୋ ଉପରେ କବିତା
ମୁଁ ତ ମୋ ଦୁନିଆରେ ଥାଏ ସବୁବେଳେ
ନିଜ କଥା ଭାବୁଥାଏ, ହସୁଥାଏ
ହଁ ଅବଶ୍ୟ ସିନେମାରେ ହାତୀ ମରିଗଲେ
ମୋ ଆଖିରେ ଲୁହ ଭରେ
ହଁଅବଶ୍ୟକାହାଦୁଃଖଦେଖିଲେ ଛାତିବତୁରେ
ହଁ ଅବଶ୍ୟ ଅନ୍ୟ ପାଇଁ
ଲୁହକୁ ଲୁଚେଇ କାନ୍ଦେ ବି ବେଳେବେଳେ
ହଁ ଅବଶ୍ୟ ମଦ ତ ଦୂରକଥା
ଛୁଇଁ ପାରିଲିନି ଗୁଣ୍ଡି, ଗୁଡାଖୁ କି ଗୁଟ୍‌ଖା
ଟାଣି ପାରିଲିନି ସିଗାରେଟ୍ କି ରଖିପାରିଲିନି
ପକେଟ୍‌ରେ ବିଡି କଠା
ହେଲେ ଏସବୁ ତ ନିଜ କଥା
ଭଲପାଇଲି ସବୁବେଳେ ସାଧୁତା ଓ ସରଳତା
ହେଲେ ଏସବୁ ବି ନିଜ କଥା
ଏସବୁକୁ ନେଇ ହେଇ ନପାରେ ସେମିତି କବିତା
ଭାବୁଛି ଆଉ କେବେ ପୁଣି ଲେଖିବି ମୋ ଉପରେ କବିତା
ଯାହା ହେଇପାରେ କେବଳ କବିତା, ନୁହେଁ ନିଜ କଥା

***ବିଜୟ ଭବନ, କେଉଟ ସାହି, ଭୁବନେଶ୍ୱର***

## ଶିଶୁ ହସିଲେ ହସେ ଦୁନିଆ

***ଶ୍ୟାମା ପ୍ରସାଦ ମିଶ୍ର***

କୋମଳ କମଳ କଳି ପରା ଶିଶୁ ତା ହସେ ହସେ ଏ ଧରା,
ଶିଶୁ ଦିବସରେ ସୁନ୍ଦର ବାର୍ତ୍ତାରେ ହସେ ଭାରତଟା ସାରା ।୧
ନଭେମ୍ବର ମାସ ଚଉଦ ତାରିଖ ଅତି ଆନନ୍ଦର ଦିନ,
ଶିଶୁଙ୍କ ନାମରେ ଏ ଦିବସ ଆଣେ ଖୁସିର ଧାରା ନବୀନ ।୨
ଆମରି ଦେଶର ସ୍ୱାଧୀନତା-ପର ପ୍ରଧାନମନ୍ତ୍ରୀ ପ୍ରଥମ,
ପଣ୍ଡିତ ନେହେରୁ ଜବାହରଲାଲ କରିଲେ କର୍ମ ଉତ୍ତମ ।୩
ଚାଚା ନେହେରୁଙ୍କ ମନଗହନର ଅତି ପ୍ରିୟ ଥିଲେ ଶିଶୁ ,
ତାଙ୍କ ସ୍ନେହ ସ୍ମୃତି ଉଜ୍ଜୀବିତ ହୋଇ ଆଜି ଏହି ବିଶ୍ୱ ହସୁ ।୪
ଶିଶୁଙ୍କ କୋମଳ ହୃଦୟରେ ଧିରେ ଫୁଟୁ ସ୍ୱପ୍ନର ସମ୍ଭାର,
ଆଜିର ଶିଶୁ ହିଁ କାଲିକି ଗଢ଼ିବେ ଆଗାମୀ ନୂଆ ସଂସାର ।୫
ଦୂର କରି ନିଜ ମନରୁ କଲୁଷ ହଟାଇବାକୁ ଅଜ୍ଞାନ,
ଶିକ୍ଷାର ଆଲୋକେ ଆଲୋକିତ ତାଙ୍କ ହେଉ ଜୀବନ ମହାନ ।୬
ଜାତି ଧର୍ମ ବର୍ଣ୍ଣ ଭେଦଭାବ ଭୁଲି ଆମେ ସବୁ ଏକ ହେବା,
ସତ୍ୟ ଓ ନ୍ୟାୟର ପଥେ ଅଗ୍ରସରି ଦେଶକୁ ଆଗେଇ ନେବା ।୭
ଶିଶୁଙ୍କ ନୀରିହ ନିଷ୍ପାପ ହସରେ ଭରିଯାଉ ଏ ଜଗତ,
ଶିଶୁଙ୍କ ସୁରକ୍ଷା ସଙ୍କଳପ ଆମ ସବୁରି ହେଉରେ ବ୍ରତ ।୮
ଭାରତରେ ପରା ପ୍ରତିଟି ଶିଶୁକୁ ମିଳେ ଶିକ୍ଷା ଅଧିକାର,
ସ୍ନେହ ସମ୍ମାନରେ ପୁଲକିତ ହୋଇ ହେଉ ଜୀବନ ସାକାର ।୯
ଆସ ଆଜି ଆମେ ବିଶ୍ୱ ବାସୀ ମିଳି ନେବା ପବିତ୍ର ଶପଥ,
ଶିଶୁଙ୍କ ମୁହଁରେ ଫୁଟାଇବା ହସ ଗଢ଼ି ତାଙ୍କ ଭବିଷ୍ୟତ ।୧୦
ନେହେରୁଙ୍କ ଜନ୍ମ ଦିବସେ ଦେବାରେ ଶିଶୁଙ୍କୁ ସୁଉପହାର,
ସେମାନେ ଗଢିବେ ନବଭାରତର ଭବିଷ୍ୟତର ଆଧାର ।୧୧

***ଶିକ୍ଷକ, ପିଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ***
***ଭ୍ରାମ୍ୟଭାଷ:୯୦୯୦୫୦୭୯୫୫***

## ଗୁଣ୍ଡିଚା ଘାଗିର ଗୁଞ୍ଜନ

***ଡ. ସନ୍ତୋଷ କୁମାର ପଣ୍ଡା***

କେନ୍ଦୁଝରର ସବୁଜ ବନାନୀ ଛାତିରେ
ଘଟଗାଁର ପ୍ରାକୃତିକ ଶୋଭାରାଶି ମଧ୍ୟରେ,
କିଏ ଯେପରି ଆଙ୍କିଦେଇଛି
ପ୍ରକୃତିର ଏକ ଅପୂର୍ବ ଜଳରଙ୍ଗ ଚିତ୍ର-
ସେଇ ତ ଗୁଣ୍ଡିଚା ଘାଗି !
ପାହାଡ଼ର ପଥୁରିଆ ଛାତି ଚିରି
ଅସରନ୍ତି ଆବେଗରେ ଧାଇଁ ଆସୁଛି ଜଳଧାରା,
ଶିଳାଖଣ୍ଡର ବୁକୁରେ ମୁଣ୍ଡ ପିଟି
ସୃଷ୍ଟି କରୁଛି ଅପୂର୍ବ ସଙ୍ଗୀତର ମୂର୍ଚ୍ଛନା ।

ଝରଣାର ସେହି କଳକଳ ନାଦରେ
କେଉଁ ଆଦିମ ଯୁଗର କାହାଣୀ ଶୁଣାଯାଏ,
କେଉଁ ଅଜଣା କବିର କବିତା
ପ୍ରତିଧ୍ୱନିତ ହୁଏ ପାହାଡ଼ରୁ ପାହାଡ଼କୁ ।
ଚାରିପଟେ ସବୁଜିମାର ମଖମଲି ଚାଦର,
ବୃକ୍ଷଲତାଙ୍କ ନିରବ ଆଲିଙ୍ଗନ,
ପତ୍ର ଉହାଡ଼ରୁ ଝରି ଆସୁଥିବା
ସୂର୍ଯ୍ୟକିରଣର ସୁନେଲି ଚୁମ୍ବନ ।

ପବନର ମୃଦୁ ମନ୍ଦ ଗୁଞ୍ଜନରେ
ପତ୍ରମାନେ ଯେବେ ନୃତ୍ୟ କରନ୍ତି,
ମନେହୁଏ, ପ୍ରକୃତିର ଅଦୃଶ୍ୟ ମଞ୍ଚରେ
ବସନ୍ତ ନିଜେ ନୃତ୍ୟଶିଳ୍ପୀ ସାଜିଛି ।
ଏଠି ନାହିଁ ସହରର କୋଳାହଳ,
ନାହିଁ କୃତ୍ରିମ ଆଲୋକର ମିଥ୍ୟା ଆକର୍ଷଣ,
ଅଛି କେବଳ ମାଟିର ମହକ,
ଜଳର ସ୍ୱଚ୍ଛତା ଓ ବନର ନିର୍ମଳ ନିଃଶ୍ୱାସ ।
ଏଠାକୁ ଆସିଲେ ମନେହୁଏ,
ମଣିଷ ଯେତେ ଦୂରକୁ ଧାଇଁଯାଉ
ନିଜକୁ ଖୋଜିବାର ଠିକଣା
ଏଇ ପ୍ରକୃତିର କୋଳରେ ହିଁ ଲୁଚି ରହିଛି ।
ଜଳପ୍ରପାତର ପ୍ରତିଟି ଜଳବିନ୍ଦୁ
କହିଯାଏ ଜୀବନର ଏକ ନୂଆ ଦର୍ଶନ-
ବାଧା ପାଇଲେ ବି ଅଟକି ଯିବା ନୁହେଁ,
ପଥରକୁ ଭେଦି ଆଗକୁ ବଢ଼ିବାର ନାମ ହିଁ ଜୀବନ ।
ଶିଳାର କଠୋରତା ଭିତରେ
ଜଳର କୋମଳତା ଯେପରି ବାଟ ତିଆରି କରେ,
ସେପରି ସ୍ନେହ ଓ ଧୈର୍ଯ୍ୟର ସ୍ୱର୍ଶରେ
ଜୀବନର ସବୁ ପ୍ରତିବନ୍ଧକ ହାର ମାନେ ।

ହେ ଗୁଣ୍ଡିଚା ଘାଗି !
ତୁମେ କେବଳ ଏକ ଜଳପ୍ରପାତ ନୁହଁ,
ତୁମେ ଏକ ନିରବ ଅନୁଭବ,
ଏକ ଅବ୍ୟକ୍ତ ଆବେଗ,
ଏକ ଅନନ୍ତ ସୌନ୍ଦର୍ଯ୍ୟର ଅମଳିନ ଠିକଣା ।
ତୁମ କୋଳରେ କିଛି କ୍ଷଣ ବିତାଇଦେଲେ
ମନର ସବୁ ଅବସାଦ ଧୋଇ ହୋଇଯାଏ,
ଆତ୍ମାର ଗଭୀରତାରେ ଜାଗିଉଠେ
ପ୍ରକୃତି ପ୍ରତି ଅସୀମ ଭଲପାଇବା ।

ତୁମେ ବହିଚାଲିଥାଅ ଏମିତି ଅନବରତ,
ପାହାଡ଼, ପଥର ଆଉ ସବୁଜ ବନର ସାକ୍ଷୀ ହୋଇ ।
କାଳ ବଦଳିବ, ପିଢ଼ି ବଦଳିବ,
ହେଲେ ତୁମର ଏହି ଚିରନ୍ତନ ଜଳସଙ୍ଗୀତ
ମଣିଷର ହୃଦୟରେ ଗାଉଥିବ
ପ୍ରକୃତିର ଅମର ବନ୍ଦନା ।
ତୁମେ ପ୍ରକୃତିର ଏକ ଅନାବିଷ୍କୃତ କବିତା,
ଯାହାକୁ ପଢ଼ିହୁଏ ଆଖିରେ,
ଅନୁଭବ କରିହୁଏ ହୃଦୟରେ,
କିନ୍ତୁ ଶବ୍ଦରେ କେବେ ବି ସମ୍ପୂର୍ଣ୍ଣ କରିହୁଏ ନାହିଁ ।

***କଟକ***
***ମୋ-୮୨୪୯୦୨୧୪୨୪***

## ନୂଆ ଠିକଣା

***ସିଦ୍ଧେଶ୍ୱର ତ୍ରିପାଠୀ***

ଆଖିରେ ଦେଖିବି ତୁମରି ଚେହେରା
ଛୁଇଁ ପାରିବିନି ଆଉ
ତୁମେ କାଳେ ଏବେ କାହାର ଘରଣୀ
ଆଉ କା ଘରର ବୋହୂ ।

କହି ପାରିବିନି ପଦିଏ କଥା ମୁଁ
ତୁମ ଆଗେ ମନ ଖୋଲି
ତୁମ ହାତ ଧରି ନିରୋଳା ବେଳରେ
ଯାଇ ପାରିବିନି ବୁଲି ।

ମୋ ପାଇଁ କେବେବି ସେଇ ଓଠ ଦେଇ
ଝରିବନି ପ୍ରୀତି ମହୁ
ଆଖିରେ ଦେଖିବି ତୁମରି ଚେହେରା
ଛୁଇଁ ପାରିବିନି ଆଉ ।

କହି ପାରିବିନି ମନ ତଳ କଥା
ତୁମ କୋଳେ ମଥା ରଖି
ତୁମରି ମନରେ ମୋ ପ୍ରେମ ଠିକଣା
ଆଉ ପାରିବିନି ଲେଖି ।

କିଏ ବା ବୁଝିବ ମୋ ଅସହାୟତା
ସମୟ ସାଧିଲା ଦାଉ
ଆଖିରେ ଦେଖିବି ତୁମରି ଚେହେରା
ଛୁଇଁ ପାରିବିନି ଆଉ ।

***କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା***




## ପୂଜା ପତ୍ରିକା ପରିକ୍ରମା-୨୦୨୬

### ସମାରୋହ





ପ୍ରକାଶ ପାଇଛି ପୂଜା ସମାରୋହ । ସୁନ୍ଦର ପ୍ରଚ୍ଛଦ ଥିବା ଏହି ପତ୍ରିକାରେ ରହିଛି ଅନେକ ପ୍ରବୀଣ ଏବଂ ନୂତନ ଲେଖକ/ଲେଖିକାଙ୍କ ମୂଲ୍ୟବାନ ଲେଖାସବୁ । ବିଭାଗ ଅନୁଯାୟୀ ପତ୍ରିକା ପ୍ରଥମରୁ ରହିଛି ପ୍ରବନ୍ଧ । ୧୫ଟି ପ୍ରବନ୍ଧ ଏଥିରେ ସ୍ଥାନ ପାଇଛି । ପ୍ରବନ୍ଧ ଲେଖିଛନ୍ତି-ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ଡ.ଦୋଳଗୋବିନ୍ଦ ବିଶି, ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ, ଶୁଶାନ୍ତ କୁମାର ସ୍ୱାଇଁ, ଡ.ସୁଚେତା ରାଉତ, ବିଜୟଲକ୍ଷ୍ମୀ ସାହୁ, ଡ.ଜୀବନ କୃଷ୍ଣ ମହାପାତ୍ର, ପ୍ରଶାନ୍ତି ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର, ଡ. ସୁଷମା ମିଶ୍ର ଏବଂ ଆହୁରି ଅନେକ । ଏହାପରେ ରହିଛି କଥା ଓ କାହାଣୀ ଯେଉଁଥିରେ ଅଛନ୍ତି-ଶାନ୍ତନୁ ବେଜ୍, ରଞ୍ଜନ ସାହୁ, ବିଷ୍ଣୁ ଚରଣ ଚୌଧୁରୀ, ଡକ୍ଟର ସୁବାସିନୀ ଲେଙ୍କା, କମଳା ପ୍ରସାଦ ମହାପାତ୍ର, ସୁଜାତା ମହାପାତ୍ର, ଦେବହୂତି କର, ପଦ୍ମନାଭ ସାହୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସଂଯୁକ୍ତା ମହାନ୍ତି, ପଦ୍ମାଳୟା ପାଢୀ, ଡ. ବୈଜୟନ୍ତୀ ମିଶ୍ର, ସରୋଜିନୀ ଷଡଙ୍ଗୀ, କମଳିନୀ ମଲ୍ଲିକ୍, ଗାୟତ୍ରୀ ଆର୍ଯ୍ୟ, ଭାନୁମତି ସାହୁ, ଭାସ୍କର ଜେନା, ସୁଷମା ପରିଜା, ରାଜଲକ୍ଷ୍ମୀ ଦାଶ, ଅରବିନ୍ଦ ଦାସ, ସୀମାଞ୍ଚଳ ଦାଶ, ଲଲାଟେନ୍ଦୁ ମିଶ୍ର, ବିଜୟ ପଟ୍ଟନାୟକ, ବୀରେଶ୍ୱର ମହାନ୍ତି ପ୍ରମୁଖ । ଏହାପରେ ରହିଛି ଅନୁବାଦ ଉପନ୍ୟାସ ବିଭାଗ ଯେଉଁଥିରେ ଅଛି ସୁପ୍ରଭା ରାୟଙ୍କ ଅନୁବାଦ ଉପନ୍ୟାସ । କବିତା ବିଭାଗ ଏହାପରେ ରହିଛି ଯେଉଁଥିରେ ଅଛନ୍ତି-ଅମରେଶ ପଟ୍ଟନାୟକ, ଡଃ ଗୋପବନ୍ଧୁ ଦାଶ, ଡ.ନାରାୟଣ ପଣ୍ଡା, ପିନାକୀ ମିଶ୍ର, ମନୋଜ ମହାନ୍ତି, ସଦାଶିବ ଦାଶ, ଅୟସ୍କାନ୍ତ, ରବି ଶତପଥୀ, ସ୍ୱୟଂପ୍ରଭା ରଥ, ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର ବିଶି, ଡକ୍ଟର ଗୌତମ ଜେନା, ଗୌରାଙ୍ଗ ଚନ୍ଦ୍ର ଦାଶ, ସରୋଜ ସାହୁ, ନୀଳକଣ୍ଠ ସାହୁ, ଡକ୍ଟର କମଳା କୃଷ୍ଣ ତ୍ରିପାଠୀ, ଦେବାଶିଷ ଚକ୍ରବର୍ତ୍ତୀ, ଶ୍ରୀହରି ଧଳ, ଭରତ ବେହେରା, ବିଜୟଲକ୍ଷ୍ମୀ ମହାନ୍ତି, ଜଳଧର ସ୍ୱାଇଁ, ଦୁର୍ଗାଚରଣ ଷଡଙ୍ଗୀ, ଭିକାରୀ ଧଳ, ମନୋରଞ୍ଜନ ପାଣିଗ୍ରାହୀ, ବୃନ୍ଦାବନ ଦାସ, ନରହରି ମିଶ୍ର, ଅକ୍ଷୟ ବେହେରା, ଜ୍ୟୋତ୍ସ୍ନା ପାଢୀ, ପ୍ରବୀର ମହାନ୍ତି ପ୍ରମୁଖ । ରମ୍ୟ ରଚନାରେ ଅଛନ୍ତି-ରାଧାଶ୍ୟାମ ରାଉଳ, ସୁପ୍ରିୟା ମଲ୍ଲିକ୍, ପ୍ରଭାତ କୁମାର ମହାପାତ୍ର ଏବଂ ସ୍ନେହା ରଥ । କ୍ଷୀରୋଦ ଦାସଙ୍କ ସଂପୂର୍ଣ୍ଣ ଉପନ୍ୟାସ ଏଥିରେ ସ୍ଥାନ ପାଇଛି । ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଏକାଙ୍କିକା ମଧ୍ୟ ସ୍ଥାନ ପାଇଛି । ଏହା ସହ ନିୟମିତ ସ୍ତମ୍ଭ ତନ୍ମାତ୍ର ଏବଂ ଖେଳ ଓ ଖେଳାଳୀ ସ୍ଥାନ ପାଇଛି । ସଂପାଦିକା ଶୈଳରାଣୀ ମିଶ୍ର ଏବର୍ଷର ପ୍ରାକୃତିକ ବିପର୍ଯ୍ୟୟ ଏବଂ ଯୁଦ୍ଧ ଉପରେ ଆଲୋଚନା କରିଛନ୍ତି । ଏହା ସହ ନିଜ ଲେଖନୀ ଚଳଚଞ୍ଚଳ ହେବାକୁ ମାଆଙ୍କ କରୁଣା ଭିକ୍ଷା କରିଛନ୍ତି ଯାହା ଫଳରେ ସେ ଆଗକୁ ସଂପାଦକୀୟ ବିନା ବାଧାରେ ଲେଖିପାରିବେ । ୩୭୮ ପୃଷ୍ଠାର ଏହି ପତ୍ରିକାର ମୂଲ୍ୟ ରହିଛି ମାତ୍ର ୧ ୨ ୦ ଟଙ୍କା ।

### ଭବ୍ୟପ୍ରୀତା




ପ୍ରଥମ ଥର ପ୍ରକାଶ ପାଇଛି ପୂଜା ପତ୍ରିକା ଭବ୍ୟପ୍ରୀତା । ପ୍ରଥମ ଥର ପ୍ରକାଶ ପାଇ ମଧ୍ୟ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି । ବିଭିନ୍ନ ସାହିତ୍ୟିକଙ୍କ ଲେଖାରେ ଏହା ସମୃଦ୍ଧ ହୋଇଛି । ଏଥିରେ ବିଭିନ୍ନ ବିଭାଗ ମଧ୍ୟରେ ରହିଛି ପ୍ରବନ୍ଧ, ଗଳ୍ପ, ଅଣୁଗଳ୍ପ, କବିତା ଏବଂ ଅନୁବାଦ ଗଳ୍ପ । ପ୍ରବନ୍ଧରେ ଅଛନ୍ତି-ସନ୍ତୋଷ କୁମାର ଦାଶ ଏବଂ ମଦନ ମୋହନ ମିଶ୍ର । ଗଳ୍ପରେ ଅଛନ୍ତି-ମନୋଜ ଦାସ, ମଦନ ମୋହନ ମହାପାତ୍ର, ଡ. ତପସ୍ୱିନୀ କର, ସଚ୍ଚିଦାନନ୍ଦ କର, ମାନସ କୁମାର କର, ତପନ ରଥ, ଶରତ ଚନ୍ଦ୍ର ବାରିକ, ମଧୁସ୍ମିତା ପଣ୍ଡା, ଡ.ନାରାୟଣ ଚନ୍ଦ୍ର ଶତପଥୀ, ବିନୋଦିନୀ ଗନ୍ତାୟତ, ଜଗନ୍ନାଥ ପ୍ରଧାନ, ଆଦ୍ୟାଶା ମହାପାତ୍ର, ସୁନୀତା କର, କେଶବ ଚନ୍ଦ୍ର ନାୟକ ଏବଂ ସୁଶୀଳ କୁମାର ପାଣିଗ୍ରାହୀ । ତିନୋଟି ଅଣୁଗଳ୍ପ ଲେଖିଛନ୍ତି ଘନଶ୍ୟାମ ପଲେଇ । କବିତାରେ ଅଛନ୍ତି ଗିରିଜା ଶଙ୍କର ଦାଶ, ସରୋଜ ମହାପାତ୍ର, କାର୍ତ୍ତିକ ଚନ୍ଦ୍ର ଜେନା, ଡିସେମ୍ବର ମେହେର, ଡ. ଶୁଭ୍ରା ଦାସ, ଶୁଭସ୍ମିତା ଜେନା, ଲକ୍ଷ୍ମୀପ୍ରିୟା ପୃଷ୍ଟି, , ଅବନୀ ଚନ୍ଦ୍ର ଦାସ, ତପନ ମାଝୀ, ଅଖିଳ କୁମାର ମିଶ୍ର, ତାରାପ୍ରସାଦ ଜେନା, ଡକ୍ଟର ମନୋରଞ୍ଜନ ବିଷୋୟୀ, ସଞ୍ଜୀବ କୁମାର ଦାଶ, ଶାଶ୍ୱତୀ ହୋତା, ସତ୍ୟବ୍ରତମହାଳିକ ଏବଂ ଅନ୍ୟମାନେ । ସେହିପରି ଅନୁବାଦ ଗଳ୍ପରେ ଅଛନ୍ତି- ରମେଶ ଚନ୍ଦ୍ର ପାତ୍ର, ଡ.ସୂଚନା ପାଢୀ, ସୂର୍ଯ୍ୟମଣି ଖୁଣ୍ଟିଆ, ଦେବସ୍ମିତା ବେହେରା, ସୁପ୍ରଭା ରାୟ, ଡ. ବାସନ୍ତୀ ରଥ ପ୍ରମୁଖ । ସଂପାଦକୀୟରେ ସଂପାଦିକା ମଧୁସ୍ମିତା ପଣ୍ଡା ସାରା ଦୁନିଆର ମଙ୍ଗଳ ପାଇଁ ଏକ କରୁଣ ପ୍ରାର୍ଥନା କରିଛନ୍ତି । ମାଆ ତାଙ୍କର ଆଶୀର୍ବାଦ, ଶକ୍ତି ଚୈତନ୍ୟ ଆକାରରେ ମଣିଷ ସମାଜକୁ ପ୍ରଦାନ କରିବାକୁ ସେ ବିନତି କରିଛନ୍ତି । ୧୨୪ ପୃଷ୍ଠାର ଏହି ପତ୍ରିକାର ମୂଲ୍ୟ ରହିଛି ମାତ୍ର ୫୦ ଟଙ୍କା ।

## ଅତିଥି ପକ୍ଷୀ



***ଆନନ୍ଦ କୁମାର ମାଇତି***

ନୟନପୁର ଗାଁର ପ୍ରାକୃତିକ ଶୋଭା, ରଘୁନାଥ ମହାନ୍ତିଙ୍କ ଅତିଥି ସତ୍କାର ଏବଂ ସୁନା ବିଲର ଅପୂର୍ବ ଆକର୍ଷଣରେ ପ୍ରତିବର୍ଷ ଦେଶ ବିଦେଶରୁ ଅତିଥି ପକ୍ଷୀମାନେ ଏଠାକୁ ଧାଇଁ ଆସନ୍ତି । ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ସୁଦୂର ସାଇବେରିଆ, ମଙ୍ଗୋଲିଆ, ରୁଷିଆ, ତିବ୍ବତ ଆଦି ନିଜ ନିଜ ଜନ୍ମଭୂମି ଛାଡ଼ି ସେମାନେ ଏହି ଦେଶକୁ ଉଡ଼ି ଆସନ୍ତି । କିଛିଦିନ ରହନ୍ତି, ତା'ପରେ ପୁଣି ଫେରିଯାଆନ୍ତି ନିଜ ଦେଶକୁ । ଏହି ଅତିଥିମାନଙ୍କ ଆଗମନକୁ ଅପେକ୍ଷା କରି ରଘୁନାଥ ବାବୁ ଯେପରି ବର୍ଷସାରା ପ୍ରହର ଗଣୁଥାଆନ୍ତି ।

ପକ୍ଷୀମାନଙ୍କ ପ୍ରତି ରଘୁନାଥ ବାବୁଙ୍କର ଯେଉଁ ଅନାବିଳ ସ୍ନେହ ଓ ଭଲପାଇବା ଥିଲା, ତାହା ଦେଖିଲେ ଲୋକେ ଲଜ୍ଜାରେ ମୁଣ୍ଡ ନୁଆଁଇବ । ସୁନାରବିଲ, ମାଳତୀ ନିବାସ, ପତ୍ନୀଙ୍କ ନାମରେ ଉତ୍ସର୍ଗୀକୃତ ପ୍ରାସାଦ । ରାସ୍ତାଘାଟ, ସ୍କୁଲ, ଅନେକ ସମ୍ପତ୍ତିର ମାଲିକ ଥିଲେ ସେ । ତଥାପି ଧନର ଗର୍ବ ତାଙ୍କୁ କେବେ ଛୁଇଁ ପାରିନଥିଲା । ଖାଉଥିଲେ ଗରିବଙ୍କ ଘରେ, ଶୋଉଥିଲେ ଭଙ୍ଗା ଦଦରା କୁଡ଼ିଆରେ । ଧନ ଥିଲା ପାହାଡ଼ ପ୍ରମାଣ, ହେଲେ ଜୀବନଯାପନ ଥିଲା ଅତି ସାଧାରଣ ।

ଅବଶ୍ୟ ବୟସର ଭାରରେ ତାଙ୍କ ଜୀବନଦୀପ ଏବେ ଧୀରେ ଧୀରେ ଲିଭି ଆସୁଥିଲା କିନ୍ତୁ ଦିନ ଥିଲା ତାଙ୍କର ସଂସାରଟି ଫୁଲରେ ଭରା ବଗିଚା ପରି ଥିଲା । ପତ୍ନୀ ଓ ସନ୍ତାନମାନଙ୍କୁ ନେଇ ସେହି ସଂସାରରେ ହସଖୁସିର ଅଭାବ ନଥିଲା । କିନ୍ତୁ ବିଧାତାଙ୍କ ହିସାବ ଯେ ମଣିଷର ହିସାବ ସହିତ ସବୁବେଳେ ମେଳ ଖାଏନାହିଁ, ସେ କଥା ସଭିଏଁ ଜାଣିଲେ ମଧ୍ୟ କିଏ ବା ମନେ ରଖେ !

ନଭେମ୍ବର ମାସର ଏକ କୁହୁଡ଼ିଆ ଗୁରୁବାର ଦିନ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଆଠ ବର୍ଷର ଝିଅ କୁସୁମ ଓ ପାଞ୍ଚ ବର୍ଷର ପୁଅ ଶୁଭମ ଆରପାରିକୁ ଚାଲିଗଲେ । ଗୁରୁତର ଆହତ ପତ୍ନୀ ମାଳତୀ ଦେବୀଙ୍କୁ ଡାକ୍ତରଖାନାକୁ ନିଆଗଲା । କିନ୍ତୁ ସେଠାରେ ମଧ୍ୟ ଭାଗ୍ୟ ତାଙ୍କ ସହିତ ଭାରି ନିର୍ମମ ଖେଳଟେ ଖେଳିଦେଲା ।

ସେଦିନ ଡାକ୍ତର ଖାନାରେ ରଘୁନାଥ ବାବୁ ପତ୍ନୀଙ୍କ ଶଯ୍ୟା ପାଖରେ ବସି କହିଲେ, "ଦେଖିଲ ତ, ଜୀବନର ଏହି ଅପରାହ୍ନରେ ଏତେ ଧନସମ୍ପତ୍ତି ମୋର କ'ଣ କାମରେ ଆସିଲା ? ସାରା ଜୀବନ ତୁମ ସାଙ୍ଗରେ କାଟିବି ବୋଲି କେତେ ଆଶା ରଖିଥିଲି । ହେଲେ ସେ ଆଶା ଆଉ ପୂରଣ ହେଲାନାହିଁ । ଏଇ ଶେଷ ସମୟରେ ତୁମ ହାତର ଟିକିଏ ଉଷୁମ ସ୍ୱର୍ଶ ନେଇ ଯିବାକୁ ଚାହେଁ । ମୋ ହାତଟିକୁ ଜୋର୍‌ରେ ଧରି ରଖ କହି ସ୍ତ୍ରୀ ହାତକୁ ହାତ ମୁଠାରେ ଜାବୁଡ଼ି ଧରି ଏକ ଅଭିନ୍ନ ତୃପ୍ତିରେ କେତେବେଳେ ଯେ ତାଙ୍କ ଆଖି ଦୁଇଟି ଅଳ୍ପ ସମୟ ପାଇଁ ବନ୍ଦ ହୋଇଯାଇଥିଲା ତାଙ୍କୁ ଠିକ୍ ସେ ଜଣାନଥିଲା । ଆଖି ଖୋଲି ଦେଖିଲେ, ମାଳତୀ ଦେବୀ ଆଖି ପଲକ ନପକାଇ ତାଙ୍କ ଆଡ଼କୁ ଚାହିଁ ରହିଛନ୍ତି । ହାତ ବରଫ ପରି ଥଣ୍ଡା । ଡାକ୍ତର ଆସି ରଘୁନାଥ ବାବୁଙ୍କ କାନ୍ଧରେ ଧୀରେ ହାତ ରଖିଲେ । ରଘୁନାଥ ବାବୁ ଭଙ୍ଗା କଣ୍ଠରେ କହିଲେ, "ଆଉ ଟିକିଏ ବସିବି । ଯେ ଏକୁଟିଆ ରହିବାକୁ ଭାରି ଡରେ ।"

ସେହିଦିନ ଠାରୁ ରଘୁନାଥ ବାବୁଙ୍କ କଣ୍ଠସ୍ୱର ଶୁଖିଯାଇଥିବା ନଈ ପରି ନିରବ ହୋଇଗଲା । ସେ କେତେବେଳେ ନିଜ ପାଟି ଫିଟାନ୍ତି କେହି ଜାଣନ୍ତି ନାହିଁ, କେବଳ, ଯେଉଁଦିନ ପ୍ରାସାଦର ଛାତ ଉପରକୁ ଯାଇ ଗ୍ରାମବାସୀଙ୍କୁ କିଛି କହିବାର ଥାଏ, ତା'ର ଠିକ୍ ପୂର୍ବଦିନ ସେ ନିଜର ଧନସମ୍ପତ୍ତି ଗରିବ ଓ ଅସହାୟମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ଆଉ ଲୋକେ ସେବେ ବୁଝିଯାଉଥିଲେ, ପରଦିନ ବାବୁ କିଛି କହିବେ । ସେଦିନ ଅତି ସକାଳୁ ପ୍ରାସାଦର ଛାତ ଉପରେ ଠିଆ ହୋଇ ସେ ଉଚ୍ଚ ସ୍ୱରରେ କହିଲେ, "ମୋ ଅତିଥିମାନଙ୍କ ଆସିବା ସମୟ ହୋଇଗଲାଣି । ସେମାନଙ୍କର ଆତିଥ୍ୟରେ ଯେପରି କୌଣସି ଅବହେଳା ନ ହୁଏ । ମୁଁ ମରିଗଲେ ମଧ୍ୟ ମୋ ଅତିଥିମାନଙ୍କୁ ଦୟାକରି କେହି ଘଉଡ଼ାଇ ଦେବନାହିଁ ।" ଏତିକି କହି ସେ ପୁଣି ନିରବ ହୋଇଗଲେ । ଯେପରି ବଜ୍ରପାତ ପରେ ଆକାଶ ପୁଣି ଆପଣାର ପୁରୁଣା ନିରବତାକୁ ଫେରିଯାଏ ଠିକ୍ ସେମିତି । ଗାଁ ଲୋକମାନେ ଜାଣିଥିଲେ, ଏହି ସମୟରେ ବିଲ ପାଖକୁ ଯିବା ମନା । ପକ୍ଷୀ ଶିକାର କରିବା ତ ଦୂରର କଥା, ସେମାନଙ୍କୁ ଟିକିଏ ହଇରାଣ କରିବାକୁ ମଧ୍ୟ ରଘୁନାଥ ବାବୁ ଆଦୌ ସହ୍ୟ କରୁନଥିଲେ । କାରଣ ତାଙ୍କର ସମସ୍ତ ସମ୍ପତ୍ତି, ଜମିର ଫସଲ, ପୋଖରୀର ମାଛ ଆଦି ଗାଁ ଲୋକମାନେ ହିଁ ଉପଭୋଗ କରୁଥିଲେ । କେବଳ ଅତିଥି ପକ୍ଷୀମାନେ ରହିଥିବା ସମୟରେ କେହି ସେମାନଙ୍କର କୌଣସି କ୍ଷତି କରିପାରୁନଥିଲେ । ପକ୍ଷୀମାନଙ୍କ ଆଗମନରେ ନୟନପୁର ଗାଁର ଗଛଲତା ସବୁ ହଜାର ହଜାର ପକ୍ଷୀଙ୍କ କାକଳିରେ ଜୀବନ୍ତ ହୋଇଉଠୁଥିଲା । ପ୍ରାୟ ଦେଢ଼ଶହ ବର୍ଷ ଧରି ବିଭିନ୍ନ ଜାତିର ପକ୍ଷୀ ଏହି ଗାଁକୁ ଆସୁଥିଲେ । ସେମାନଙ୍କର ସେବାଯତ୍ନ କରିବାରେ ରଘୁନାଥ ବାବୁ ନିଜର ସମସ୍ତ କ୍ଲାନ୍ତି ଭୁଲିଯାଉଥିଲେ ।

ସୁନାର ବିଲକୁ ସେ ତାଙ୍କ ବାପା ଅମଳରୁ ଚଷିବା ଛାଡ଼ି ଦେଇଥିଲେ, କେବଳ ନଳବଣ, ଚିଲିକା ହ୍ରଦରୁ ଉଠି ଆସୁଥିବା ପକ୍ଷୀମାନଙ୍କ ବୁଲିବା ଚରିବା ପାଇଁ । ଏବେ ପକ୍ଷୀମାନେ ଦଳ ଦଳ ହୋଇ ବିଲରେ ଆସି ବସିଲେ ସେ ହିଡ଼ ମୁଣ୍ଡେ ବସି ସେମାନଙ୍କୁ ଆଖି ପୁରେଇ ଦେଖନ୍ତି । କେଜାଣି କଣ ଦେଖନ୍ତି ହୁଏତ ସେମାନଙ୍କୁ ଦେଖି ନିଜର ହଜିଯାଇଥିବା ପତ୍ନୀ ଓ ସନ୍ତାନମାନେ ପ୍ରତିବର୍ଷ ଏଇ ପକ୍ଷୀ ରୂପରେ ଫେରି ଆସୁଛନ୍ତି ବୋଲି ଭାବନ୍ତି । ପକ୍ଷୀମାନଙ୍କର ଡେଣା ଝାଡ଼ିବାର ଶବ୍ଦ ଓ କିଚିରିମିଚିରି କାକଳି ମଧ୍ୟରେ ସେ ହୁଏତ ଶୁଣିପାରୁଥିଲେ ଦୁଇଟି ଅବୁଝା ଶିଶୁର କିଲିକିଲା ହସ । ସେହି ହସ ତାଙ୍କ ହୃଦୟ ଭିତରେ ଜୁଲୁଜୁଲିଆ ପୋକର ଆଲୁଅ ପରି ଏକ ନିଳାଭ ଭ୍ରମ ସୃଷ୍ଟି କରିଥିଲା ନିଶ୍ଚୟ ।

ଏହିପରି ଭାବରେ ଚାଳିଶଟି ବର୍ଷ ବିତିଗଲା । ନଈର ପାଣି ପରି ସମୟ ମଧ୍ୟ ନିରବରେ ବହିଗଲା । ରଘୁନାଥ ବାବୁ ଏବେ ଅଠସ୍ତରି ବର୍ଷର ଜଣେ ବୃଦ୍ଧ । ଶୀତଦିନର ଖରାରେ ଶୁଖିଯାଇଥିବା ବରଗଛର ପତ୍ର ପରି ତାଙ୍କ ଦେହଟି ଦୁର୍ବଳ ଓ ଭଙ୍ଗୁର ହୋଇଯାଇଥିଲା । ଆଉ ଆଗପରି ଦେହରେ ବଳ ନାହିଁ, ଖାଇବାରେ ରୁଚି ନାହିଁ । ଦିନକୁ ଦିନ ସେ ଦୁର୍ବଳ ହୋଇପଡୁଥିଲେ ।

ସେ ବର୍ଷ ମଧ୍ୟ ଶୀତ ନିଜର ପୁରୁଣା ନିୟମ ଅନୁସାରେ ଆସିଲା । ପକ୍ଷୀମାନେ ମଧ୍ୟ ଦଳ ଦଳ ହୋଇ ଫେରିଲେ । କିନ୍ତୁ ଏଥର ରଘୁନାଥ ବାବୁଙ୍କ ଦେହ ଆଉ ପୂର୍ବପରି ସହଯୋଗ କରୁନଥିଲା । ଦୀର୍ଘଦିନର ପୁରୁଣା ଦଉଡ଼ିଟିଏ ଯେପରି ହଠାତ୍ ଛିଣ୍ଡିଯିବାର ଅବସ୍ଥାକୁ ଆସିଯାଏ, ତାଙ୍କ ଶରୀରର ଅବସ୍ଥା ମଧ୍ୟ ସେହିପରି ହୋଇଥିଲା । ହଠାତ୍ ଦିନେ ଅସୁସ୍ଥ ହୋଇପଡ଼ିଲେ । କେବଳ ଗୋବିନ୍ଦ ଦାସ ତାଙ୍କ ଖବର ରଖୁଥିଲେ । ସେ ଥିଲେ ରଘୁନାଥ ବାବୁଙ୍କ ଏକମାତ୍ର ସହଯୋଗୀ । ଦୁର୍ଭାଗ୍ୟକୁ ସେ ମଧ୍ୟ ମାସେ ତଳେ ଆଖି ବୁଜି ସାରିଥିଲେ ।

ଗଣ୍ଡାଏ ଖାଇବା ପାଇଁ ରଘୁନାଥ ବାବୁ ପ୍ରତିଦିନ ଦୁଇଥର ଗାଁର କାହାରି ନା କାହାରି ଘର ଆଗରେ ଯାଇ ଠିଆ ହେଉଥିଲେ । ଯିଏ ଯାହା ଦେଉଥିଲା, ତାହା ଖାଇ ପୁଣି ନିଜର ଜୀର୍ଣ୍ଣ କୁଡ଼ିଆକୁ ଫେରି ଆସୁଥିଲେ । କିନ୍ତୁ କେହି ଯଦି ତାଙ୍କ ଖାଦ୍ୟ କୁଡ଼ିଆକୁ ନେଇ ଆସୁଥିଲେ, ସେ ତାହା ଖାଉନଥିଲେ ।

ପତ୍ନୀ ଓ ସନ୍ତାନମାନେ ଚାଲିଯିବା ପରଠାରୁ ସେ ଆଉ କେବେ ପ୍ରାସାଦରେ ଶୋଉନଥିଲେ । ଅତିଥି ପକ୍ଷୀମାନେ ଆସିବା ଆରମ୍ଭ କଲେ, ସେ ସୁନା ବିଲର ହିଡରେ ଥିବା ଝଙ୍କାଳିଆ ଜାମୁଗଛ ତଳକୁ ଚାଲିଯାଉଥିଲେ । ସେଠି ଆଣ୍ଠୁ ଛାତିକୁ ଯୋଡ଼ି ବସି ରହୁଥିଲେ ଘଣ୍ଟା ଘଣ୍ଟା ଆଉ ନୀରବରେ ପକ୍ଷୀମାନଙ୍କ ସହିତ ସୁଖଦୁଃଖ ବାଣ୍ଟୁଥିଲେ, ଯେମିତି ଗଛ ଗଛ ସହିତ ଦୁଃଖ ସୁଖ ହୁଏ ଏମିତି ।

ଘଣ୍ଟା ଘଣ୍ଟା ପାଣି ପାଖରେ ସମୟ ବିତାଇବା କାରଣରୁ ତାଙ୍କ ଛାତିରେ କଫ ଜମିଯାଇଥିଲା । ନିଶ୍ୱାସ ନେବାକୁ ମଧ୍ୟ ଭାରି କଷ୍ଟ ହେଉଥିଲା । ତାଙ୍କର ଅସୁସ୍ଥତା ଦେଖି କେତେଜଣ ଲୋକ ତାଙ୍କୁ ଉଠାଇ ନେବାକୁ ଆସିଲେ । କିନ୍ତୁ ସେ ଇସାରାରେ ସମସ୍ତଙ୍କୁ ଅଟକାଇ ଦେଇ କହିଲେ, "ଜୀବନକାଳରେ କ୍ଷୟ ନାହିଁ, ମରଣକାଳରେ ଔଷଧ ନାହିଁ । ମୋର ଫେରିଯିବା ସମୟ ପାଖେଇ ଆସିଲାଣି । ମୋ ଅତିଥିମାନଙ୍କର ଖବର ରଖିବ ।" ଏତିକି କହି ସେ ପୁଣି ଗଛର ଛାଇ ତଳକୁ ଫେରିଗଲେ । ଯେପରି ଦୀପଟିଏ ଲିଭିବା ପୂର୍ବରୁ ଶେଷଥର ପାଇଁ ଟିକିଏ ଜୋର୍‌ରେ ଜଳିଉଠେ, ତାଙ୍କ ଜୀବନର ଆଲୋକ ମଧ୍ୟ ସେହିପରି ଥରେ ଝଲସି ଉଠିଲା ।

ଗୁରୁବାର ସକାଳୁ ଅତିଥି ପକ୍ଷୀମାନଙ୍କର ଫେରିବା ପାଳି ଆରମ୍ଭ ହେଲା । ଗୋଟିଏ ପରେ ଗୋଟିଏ ଦଳ ଆକାଶରେ ମିଳେଇବାକୁ ଲାଗିଲେ । ସନ୍ଧ୍ୟାର ଆଲୁଅ ଯେପରି ଧୀରେ ଧୀରେ ଅନ୍ଧାର ଭିତରେ ହଜିଯାଏ, ପକ୍ଷୀମାନେ ମଧ୍ୟ ସେହିପରି ଆଖି ଆଗରୁ ଅଦୃଶ୍ୟ ହେବାକୁ ଲାଗିଲେ ।

ଗାଁ ଲୋକମାନଙ୍କ ମନରେ ମୁକ୍ତିର ଆନନ୍ଦ ଖେଳିଗଲା । ପକ୍ଷୀମାନେ ଚାଲିଗଲେ ଏଥର ସେମାନେ ପୁଣି ନିଜ ନିଜ କାମରେ ଲାଗିପାରିବେ । ଗୁରୁବାର ଅପରାହ୍ନ ପର୍ଯ୍ୟନ୍ତ କେହି ରଘୁନାଥ ବାବୁଙ୍କୁ ଦେଖିଲେ ନାହିଁ । ଦୁଇଦିନ ହେଲା ସେ କାହା ଘରକୁ ଖାଇବାକୁ ମଧ୍ୟ ଯାଇନଥିଲେ । ଗାଁରେ ତାଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲା । ସେତେବେଳକୁ ପଶ୍ଚିମ ଆକାଶ ରକ୍ତିମ ହୋଇଆସୁଥିଲା । ଅସ୍ତଗାମୀ ସୂର୍ଯ୍ୟର ନାଲି କିରଣ ସୁନାବିଲର ଜଳରାଶି ଉପରେ ଏପରି ଏକ ଅପୂର୍ବ ଚିତ୍ର ଆଙ୍କି ଦେଇଥିଲା ଯେ, ନୟନପୁର ଗାଁଟି ଯେପରି ସ୍ୱର୍ଗର ଏକ ଖଣ୍ଡ ପାଲଟିଯାଇଥିଲା ।

ଏହି ସମୟରେ ହଠାତ୍ ସୁନାବିଲ ଉପରେ ଶହ ଶହ ଅତିଥି ପକ୍ଷୀଙ୍କୁ ଏକାଠି ଉଡ଼ି ଆସୁଥିବାର ଦେଖାଗଲା । ସକାଳେ ଯେଉଁ ପକ୍ଷୀମାନେ ଉଡ଼ି ଚାଲିଯାଇଥିଲେ, ସେମାନେ ପୁଣି ବିଜୁଳି ବେଗରେ ଫେରି ଆସୁଥିଲେ । କୌଣସି ଗୋଟିଏ କାଉ ବିପଦରେ ପଡ଼ିଲେ ଅନ୍ୟ କାଉମାନେ ଯେପରି ତାକୁ ବଞ୍ଚାଇବାକୁ ଧାଇଁ ଆସନ୍ତି, ଦୃଶ୍ୟଟି ଠିକ୍ ସେହିପରି ଥିଲା ।

ହଜାର ହଜାର ପକ୍ଷୀ ଉଚ୍ଚ ସ୍ୱରରେ ଡାକିବାକୁ ଲାଗିଲେ । ଜାମୁଗଛ ଚାରିପାଖରେ ସେମାନେ ଅସ୍ଥିର ଭାବରେ ଉଡ଼ିବାକୁ ଲାଗିଲେ । ଦଳ ଦଳ ହୋଇ ଗାଁ ଉପରେ ଚକ୍କର କାଟୁଥିଲେ । ସେମାନଙ୍କ ଡାକ ଯେପରି କୌଣସି ଜରୁରୀ ସନ୍ଦେଶ ପଠାଉଥିଲା । "ଆସ, ଆସ, ଶୀଘ୍ର ଆସ !" ଠିକ୍ ଏମିତି ।

ଗ୍ରାମବାସୀମାନେ ଆଉ ଘରେ ରହିପାରିଲେ ନାହିଁ । ସମସ୍ତେ ବିଲ ଆଡ଼କୁ ଧାଇଁଲେ । ପକ୍ଷୀମାନଙ୍କ ଭିଡ଼ ଆଡ଼େଇ ଜାମୁଗଛ ମୂଳରେ ପହଞ୍ଚି ଯାହା ଦେଖିଲେ, ସେଥିରେ ସମସ୍ତଙ୍କ ଛାତି ଥରିଉଠିଲା । ରଘୁନାଥ ବାବୁଙ୍କ ନିଥର ଦେହଟି ମାଟି ଉପରେ ପଡ଼ିରହିଛି । ମୁହଁରେ ଅପାର୍ଥିବ ଶାନ୍ତିର ଛାପ । ଯେପରି ଦୀର୍ଘ ଯାତ୍ରାରେ କ୍ଳାନ୍ତ ହୋଇପଡ଼ିଥିବା ଜଣେ ପଥିକ ଶେଷରେ ନିଜ ଘରଟିକୁ ଖୋଜି ପାଇଛି ।

ପକ୍ଷୀମାନେ ଖୁନ୍ଦାଖୁନ୍ଦି ହୋଇ ଜାମୁ ଗଛର ପୁରା ଅଗି ପତ୍ର ଯାଏ ଲଦାଲଦି ହୋଇ ବସିଯାଇଥିଲେ । ଶେଷ ବିଦାୟ ସମୟରେ ସନ୍ତାନଟିଏ ଯେପରି ମାଆର ପଣତକୁ ଜାବୁଡ଼ି ଧରି ରହେ, ପକ୍ଷୀମାନେ ମଧ୍ୟ ସେହିପରି ତାଙ୍କୁ ଅନେଇ ରହିଥିଲେ । ଶେଷରେ ସୁନାବିଲ ହିଡ଼ ପାଖରେ ସେହି ଜାମୁଗଛର ଛାଇ ତଳେ ତାଙ୍କର ଶେଷ କୃତ୍ୟ କରାଗଲା । ଯେଉଁଠି ସେ ଜୀବନର ଶେଷ ଚାଳିଶଟି ବର୍ଷ ଅତିଥି ପକ୍ଷୀମାନଙ୍କ ସହିତ କାଟିଥିଲେ । ମୃତ୍ୟୁର ଠିକ୍ ପୂର୍ବ ମୁହୂର୍ତ୍ତରେ ମଧ୍ୟ ତାଙ୍କ ଆଖି ଆକାଶ ଆଡ଼କୁ ଲାଖି ରହିଥିଲା । ବୋଧହୁଏ ସେ ଦେଖୁଥିଲେ, ତାଙ୍କର ସେହି ଅତିଥି ପକ୍ଷୀମାନେ ଡେଣା ମେଲାଇ ତାଙ୍କ ପାଖକୁ ଓହ୍ଲାଇ ଆସୁଛନ୍ତି । ତାଙ୍କୁ ସାଙ୍ଗରେ ନେଇ କେଉଁ ଏକ ଅଜଣା ଦେଶକୁ ଉଡ଼ିଯିବା ପାଇଁ ଅପେକ୍ଷା କରିଛନ୍ତି । ସେହି ଦେଶରେ ବୋଧହୁଏ ଆଉ କାହାକୁ ହରାଇବାର ଭୟ ନାହିଁ । ସେଠାରେ ନାହିଁ ବିଚ୍ଛେଦ, ନାହିଁ ମୃତ୍ୟୁର ଯନ୍ତ୍ରଣା । ଅଛି କେବଳ ଅନନ୍ତ ମିଳନର ଆନନ୍ଦ ।

***ବଗଡ଼ା, କେନ୍ଦ୍ରାପଡ଼ା***
***ମୋ- ୬୩୭୦୪୧୯୦୫୦***

32 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୧୪ ନଭେମ୍ବର, ଶନିବାର, ୨୦୨୬


## ଏସକେ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ
# ୮ଟି ଦଳକୁ ନେଇ ହେବ ରୋମାଞ୍ଚକର ଲଢ଼େଇ




**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଗ୍ରାମାଞ୍ଚଳରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ଯୁବପିଢ଼ିଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ବୃଦ୍ଧି ଲକ୍ଷ୍ୟରେ ପୋଡ଼ାଡ଼ିହ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଏସକେ ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ନଭେମ୍ବର ୧୪ ତାରିଖ ଶନିବାର ପୋଡ଼ାଡ଼ିହ ସ୍କୁଲ ପଡ଼ିଆରେ ଅପରାହ୍ନ ୫ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ। ପ୍ରଥମ ଦିନରେ ଚାରିଟି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍‌ରେ ବାଲିଅନ୍ତା ଓ ନରସିଂହପୁର ମଧ୍ୟରେ ମୁକାବିଲା ହେବାକୁ ଥିବାବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଇଟାମାଟି ଓ କୁରାଢ଼ିଲୋ, ତୃତୀୟ ମ୍ୟାଚ୍‌ରେ ମେଣ୍ଢାଶାଳ ଓ ପୋଡ଼ାଡ଼ିହ ଏବଂ ଚତୁର୍ଥ ମ୍ୟାଚ୍‌ରେ ରେନବୋ ଓ ଜେନାପଦା ମଧ୍ୟରେ ଟକ୍କର ହେବ। ନଭେମ୍ବର ୧୫ ତାରିଖ ରବିବାର ଦିନ ଦୁଇଟି ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ରୀଡ଼ା ମହୋତ୍ସବକୁ ସଫଳ କରିବା ପାଇଁ ପୋଡ଼ାଡ଼ିହ ସ୍ପୋର୍ଟ୍ସ ଆସୋସିଏସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଅଞ୍ଚଳର କ୍ରୀଡ଼ାପ୍ରେମୀ, ଯୁବକ ଓ ଭଲିବଲ୍ ପ୍ରେମୀଙ୍କୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ଖାତା ଖୋଲିପାରିଲେନି ରୋହିତ-କୋହଲି-ଶ୍ରେୟସ
# ନ୍ୟୁଜିଲାଣ୍ଡ ବିପକ୍ଷ ୪ର୍ଥ ଦିନିକିଆରେ ଟିମ୍ ଇଣ୍ଡିଆର ବଡ଼ ପରାଜୟ

**ମାଉଣ୍ଟ ମାଉଙ୍ଗାନୁଇ**

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ଦିନିକିଆ କ୍ରିକେଟ ସିରିଜର ଚତୁର୍ଥ ମ୍ୟାଚ୍‌ରେ, ଟିମ୍ ଇଣ୍ଡିଆ ବଡ଼ ପରାଜୟ ବରଣ କରିଛି। 'ବେ ଓଭାଲ୍' ଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଦିନିକିଆ ମ୍ୟାଚ୍‌ରେ ଭାରତ ମାତ୍ର ୮୯ ରନ୍ କରି ଅଲଆଉଟ୍ ହୋଇଯାଇଛି। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୩୩୩ ରନ୍ ସଂଗ୍ରହ କରିଥିଲା। ଜିତିବା ପାଇଁ ଭାରତ ସମ୍ମୁଖରେ ୩୩୪ ରନର ଟାର୍ଗେଟ ଥିଲା। କିନ୍ତୁ ସମ୍ପୂର୍ଣ୍ଣ ଟିମ୍ ୨୬.୪ ଓଭରରେ ମାତ୍ର ୮୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ନ୍ୟୁଜିଲାଣ୍ଡ, ଭାରତକୁ ୨୪୪ ରନରେ ପରାସ୍ତ କରିଛି।

୩୩୪ ରନର ଲକ୍ଷ୍ୟକୁ ପିଛା କରୁଥିବା ଭାରତର ଆରମ୍ଭ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଥିଲା। ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ମ୍ୟାଟ୍ ହେନରି ପ୍ରଥମ ଓଭରରେ ଭାରତୀୟ ଟପ୍ ଅର୍ଡରକୁ ନଷ୍ଟ କରି ଦେଇଥିଲେ। ଓପନର ରୋହିତ ଶର୍ମା (୦)ଙ୍କୁ କିଓ୍ୱି ପେସର ପ୍ରଥମ ବଲ୍‌ରେ ଆଉଟ୍ କରି ଏକ ବଡ଼



ଝଟ୍‌କା ଦେଇଥିଲେ। ରୋହିତ ପାଭିଲିୟନ ଫେରିବା ପରେ ବିରାଟ କୋହଲି ପଡ଼ିଆକୁ ଆସିଥିଲେ। କୋହଲି ତିନୋଟି ବଲ୍ ଖେଳିଥିଲେ, କିନ୍ତୁ ହେନରି ତାଙ୍କୁ ମଧ୍ୟ ଓଭରର ପଞ୍ଚମ ବଲ୍‌ରେ ଆଉଟ କରିଦେଇଥିଲେ। ପରେ ହେନରୀ ପ୍ରଥମ ଓଭରର ଶେଷ ବଲରେ ଷ୍ଟାଣ୍ଡ-ଇନ୍ ଅଧିନାୟକ ଶ୍ରେୟସ ଆୟରଙ୍କୁ ଆଉଟ୍ କରିବା ପରେ ଭାରତର ଆଶାକୁ ଏକ ବଡ଼ ଝଟକା ଲାଗିଥିଲା।

ପ୍ରଥମ ଓଭରରେ ହିଁ ରୋହିତ ଶର୍ମା, ବିରାଟ କୋହଲି ଏବଂ ଅଧିନାୟକ ଦାୟିତ୍ୱରେ ଥିବା ଶ୍ରେୟସ ଆୟର ଖାତା ଖୋଲିବା ପୂର୍ବରୁ (୦ ରନରେ) ଆଉଟ୍ ହୋଇଯାଇଥିଲେ। ଭାରତୀୟ ଦଳ ମାତ୍ର ୯ ରନରେ ୪ଟି ଟପ୍ ବ୍ୟାଟ୍‌ସମ୍ୟାନଙ୍କୁ ହରାଇଥିଲା। ଋତୁରାଜ ଗାୟକ୍ୱାଡ ମଧ୍ୟ ବ୍ୟାଟ୍‌ରେ ବିଶେଷ କିଛି କରିପାରି ନଥିଲେ। ସେ ୫ ରନ କରି ଆଉଟ ହୋଇଥିଲେ। ଇଶାନ କିଶାନ ଏବଂ ଅକ୍ଷର ପଟେଲ କିଛି ସମୟ ପାଇଁ ଭାରତୀୟ ଇନିଂସକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ମାଥ୍ୟୁ ଫିସର ଦଳକୁ ୫ମ ଝଟ୍‌କା ଦେଇଥିଲେ। ଦଳର ସ୍କୋର ୫୩ ରନ ଥିବା ବେଳେ, ଅକ୍ଷର ୩୬ ବଲରେ ୨୧ ରନ କରି ଆଉଟ ହୋଇଥିଲେ। ଇଶାନ ମଧ୍ୟ ୫୩ ବଲରେ ୨୭ ରନ କରି ପଡ଼ିଆରୁ ବିଦାୟ ନେଇଥିଲେ।

ନ୍ୟୁଜିଲାଣ୍ଡର ବୋଲିଂ ଏତେ ଶକ୍ତିଶାଳୀ ଥିଲା ଯେ ଭାରତର ଇନିଂସ ୧୦୦ ରନ୍ ମଧ୍ୟ ଅତିକ୍ରମ କରିପାରି ନଥିଲା। ଶେଷ ଚାରିଟି ୱିକେଟ୍ ୨୮ ରନ୍ ମଧ୍ୟରେ ପଡ଼ିଯାଇଥିଲା। ଆକିବ୍ ନବି ଏବଂ କୁଲଦୀପ ଯାଦବ ମଧ୍ୟ ଆଉଟ୍ ହୋଇଥିଲେ। ନମନ ଧୀର ୨୪ ବଲରେ ୨୧ ରନ୍ କରିବା ପରେ ମାଥ୍ୟୁ ଫିଶରଙ୍କ ହାତରେ କ୍ୟାଚ୍ ହୋଇଥିଲେ। ଗୁରନୁର ବ୍ରାର ମାତ୍ର ୨ ରନ୍ କରିପାରିଥିଲେ। ନ୍ୟୁଜିଲାଣ୍ଡ ବୋଲର ମ୍ୟାଟ୍ ହେନରି ୯.୪ ଓଭର ବୋଲିଂ କରି ମାତ୍ର ୨୭ ରନ୍ ଦେଇ ୬ଟି ୱିକେଟ୍ ନେଇଥିଲେ।

ଗତ ୨୬ ବର୍ଷ ମଧ୍ୟରେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଭାରତର ଏହା ସବୁଠାରୁ ଖରାପ ପ୍ରଦର୍ଶନ ଏବଂ ବଡ଼ ପରାଜୟ। ରନ ଦୃଷ୍ଟିରୁ ଏହା ଭାରତର ଦ୍ୱିତୀୟ ସର୍ବବୃହତ ଦିନିକିଆ ପରାଜୟ। ଭାରତର ସର୍ବବୃହତ ପରାଜୟ (୨୫୪) ୨୦୦୦ ମସିହାରେ ସାରଜାହଜରେ ଶ୍ରୀଲଙ୍କା ବିପକ୍ଷରେ ହୋଇଥିଲା। ଭାରତ ଦିନିକିଆ ମ୍ୟାଚ୍‌ର ପ୍ରଥମ ଓଭରରେ ତିନୋଟି ୱିକେଟ ହରାଇବା ପ୍ରଥମ ଘଟଣା।

# ଇଂଲଣ୍ଡକୁ ୭ ୱିକେଟ୍‌ରେ ହରାଇଲା ଅଷ୍ଟ୍ରେଲିଆ

**ପର୍ଥ**

ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଯୁବ ଦ୍ରୁତ ବୋଲର ମାହଲି ବିୟର୍ଡମାନ୍ ଚମତ୍କାର ପଦାର୍ପଣ ବଳରେ ଅଷ୍ଟ୍ରେଲିଆ ୭ ୱିକେଟ୍ ବିଜୟୀ ହୋଇଛି। ୨୧ ବର୍ଷୀୟ ବିୟର୍ଡମାନ୍‌ଙ୍କ ୭.୪-୧-୨୪-୬ ବୋଲିଂ ସଫଳତା ପଦାର୍ପଣରେ ଅଷ୍ଟ୍ରେଲିଆ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ। ତାଙ୍କର ଏହି ଘାତକ ବୋଲିଂରେ ଭ୍ରମଣକାରୀ ଇଂଲଣ୍ଡ ୩୩.୪ ଓଭରରେ ୧୩୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦ୍ୱାଦଶ ଓଭରରେ ବୋଲିଂକୁ ଆସିଥିବା ବିୟର୍ଡମାନ୍ ନିଜର ପ୍ରଥମ ସ୍ପେଲ୍‌ରେ ଅଧିନାୟକ ହ୍ୟାରି ବ୍ରୁକ୍ ଓ ୨୦୦ତମ ଦିନିକିଆ ଖେଳୁଥିବା ଜୋ ରୁଟ୍‌ଙ୍କ ସହ ଜୋର୍ଡାନ କକ୍ସ, ସାମ କରନ୍, ଲିୟମ ଡସନ୍‌ଙ୍କୁ ଆଉଟ କରି ଦେବାରୁ ଇଂଲଣ୍ଡ ୧୭.୪ ଓଭରରେ ୬୦/୭ରେ ସଂଘର୍ଷ କରିଥିଲା। ତେବେ ନବମ ୱିକେଟ୍‌ରେ ୱିଲ୍ ଜାକ୍ସ (୨୫)ଙ୍କ ସହ ୩୭ ଏବଂ ଦଶମ ୱିକେଟ୍‌ରେ ଜୋଫ୍ରା ଆର୍ଚରଙ୍କ ସହ ଗସ୍ ଆଟ୍‌କିନସନ୍ (୨୯*) ୨୯ ରନ୍ ଯୋଡ଼ିବାରୁ ଦଳ ୧୩୧ ରନ୍ କରି ପାରିଥିଲା। ଜବାବରେ ଅଷ୍ଟ୍ରେଲିଆ ମିଚେଲ ମାର୍ସ (୫୦)ଙ୍କ ଅର୍ଦ୍ଧଶତକ, କୁପର କନୋଲି ୨୭, ମ୍ୟାଟ୍ ରେନ୍‌ସ ୨୬* ଓ ଜୋସ୍ ଇଂଲିସ୍ ୨୩* ରନ୍ ବଳରେ ୨୩.୩ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ବିୟର୍ଡମାନ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ଯୁବ ଅଲିମ୍ପିକ୍ସ: ଭାରତକୁ ୨ ସ୍ୱର୍ଣ୍ଣ ସହ ୧୦ ପଦକ

**ଡାକାର**



ସେନେଗାଲର ଡାକାରରେ ଶେଷ ହୋଇଥିବା ଯୁବ ଅଲିମ୍ପିକ୍ସରେ ଭାରତୀୟ ଖେଳାଳିମାନେ ଐତିହାସିକ ସଫଳତା ହାସଲ କରିଛନ୍ତି। ମାତ୍ର ୧୭ ଜଣିଆ ଭାରତୀୟ ଦଳରୁ ୯ ଜଣ ଖେଳାଳି ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ କାଂସ୍ୟ ସହ ମୋଟ ୧୦ ପଦକ ଜିତି ଦେଶ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହା ଯୁବ ଅଲିମ୍ପିକ୍ସରେ ଭାରତର ଦ୍ୱିତୀୟ ଶ୍ରେଷ୍ଠ ପ୍ରଦର୍ଶନ। ୨୦୧୮ରେ ଭାରତ ୪୬ ଜଣିଆ ଦଳ ପଠାଇଥିଲା ବେଳେ ୧୩ ପଦକ ମିଳିଥିଲା। ଏଥର ଛୋଟ ଦଳ ନେଇ ଭାରତ ୧୦ ପଦକ ଜିତିଛି। ଏହି ସଂସ୍କରଣରେ ଅନେକ କ୍ରୀଡ଼ାରେ ଭାରତକୁ ପ୍ରଥମ ପଦକ ମିଳିଥିଲା। ଏଥର ମୁଷ୍ଟିଯୁଦ୍ଧରେ ଭାରତକୁ ପ୍ରଥମ ଥର ୨ ସ୍ୱର୍ଣ୍ଣ ପଦକ ମିଳିଛି। ଏହି ଦୁଇ ସ୍ୱର୍ଣ୍ଣ ଗୁଞ୍ଜନ (ବାଳିକା ୪୮ କେଜି) ଓ ଆମ୍ବେକର ମିତେଇ (ବାଳକ ୫୦ କେଜି) ଜିତିଥିଲେ। ସନ୍ତରଣରେ ଧୀନିଧି ଦେସିଂଘୁ (୧୦୦, ୨୦୦ ମିଟର ଫ୍ରିଷ୍ଟାଇଲ) ୨ କାଂସ୍ୟ ଜିତି ଗୋଟିଏ ସଂସ୍କରଣରେ ଯୁଗଳ ପଦକ ପାଇବାରେ ପ୍ରଥମ ଭାରତୀୟ ହୋଇଥିଲେ। ଓଡ଼ିଆ ଝିଅ ତନ୍ୱୀ ପତ୍ରୀ ମଧ୍ୟ ପ୍ରଥମ ମହିଳା ବ୍ୟାଡମିଣ୍ଟନ ଖେଳାଳି ଭାବେ ଏକକରେ ରୌପ୍ୟ ଜିତିଥିଲେ। ବିଚ୍ କୁସ୍ତିରେ ଭାରତ ପାଇଁ ପ୍ରଥମ ପଦକ ତାନିୟା (ରୌପ୍ୟ) ଜିତିଥିଲେ। ଦୌଡ଼କୁଦରେ ଶୌର୍ଯ୍ୟା ଅମ୍ବୁରେ ମହିଳା ୧୦୦ ମିଟର ବାଧାଦୌଡ଼ରେ କାଂସ୍ୟ ଜିତିବାରେ ପ୍ରଥମ ହୋଇଥିଲେ। ଏହି ପ୍ରତିଯୋଗିତାରେ ୨୦୭ ଦେଶରୁ ୧୫ରୁ ୧୮ ବର୍ଷ ବୟସର ୨୭୦୦ରୁ ଊର୍ଦ୍ଧ୍ୱ ଖେଳାଳି ୨୫ କ୍ରୀଡ଼ା ଶୃଙ୍ଖଳାରେ ଅଂଶଗ୍ରହଣ କରିଥିଲେ।

ପଦକ ବିଜେତା ଭାରତୀୟ : ଆମ୍ବେକର ମିତେଇ, ଗୁଞ୍ଜନ (ସ୍ୱର୍ଣ୍ଣ), ଖୁସବୁ ରଜାକଭାଇ ଦର୍ଜାଦା, ତନ୍ୱୀ ପତ୍ରୀ (ରୌପ୍ୟ), ଧୀନିଧି ଦେସିଂଘୁ (୨), ରାଜକୁମାର ଲଞ୍ଚେନ୍‌ବି ଚାନୁ, ତୀର୍ଥଙ୍କ ପେଗୁ, ତାନିୟା, ଶୌର୍ଯ୍ୟା ଅମ୍ବୁରେ (କାଂସ୍ୟ)।

# ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ସମ୍ମାନଜନକ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରଦାନ କରିଛନ୍ତି। ଏଥର କେହି ଖେଳରନତ୍ ପୁରସ୍କାର ପାଇଁ ମନୋନୀତ ହୋଇ ନାହାନ୍ତି। ଅର୍ଜୁନ ପୁରସ୍କାର ପାଇଥିବା ଷ୍ଟାର ଖେଳାଳିମାନଙ୍କ ମଧ୍ୟରେ ଡେକାଥଲେଟ ତେଜସ୍ୱିନୀ ଶଙ୍କର, ବିଶ୍ୱକପ୍ ବିଜେତା ଚେସ୍ ଖେଳାଳି ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ଓ ଭିଦିତ ଗୁଜରାଠୀ ଅନ୍ୟତମ।

ରାଷ୍ଟ୍ରପତି ଭବନରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରାୟ ୩୬ ମିନିଟ ଧରି ଚାଲିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏବଂ କ୍ରୀଡ଼ା ସଚିବ ହରିରଞ୍ଜନ ରାଓ ଅନ୍ୟତମ ଥିଲେ। ଗତବର୍ଷ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଅରୁଣ କୁମାର ମିଶ୍ରଙ୍କ ଅଧକ୍ଷତାରେ ଗଠିତ ସିଲେକ୍ସନ ପ୍ୟାନେଲ କ୍ରୀଡ଼ାରେ ଉଲ୍ଲେଖନୀୟ ସଫଳତା ପାଇଁ ୧୭ ଜଣ ଖେଳାଳିଙ୍କୁ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ କରିଥିଲେ। ପୁରସ୍କାର ସିଲେକ୍ସନ କମିଟିରେ ସ୍ଥାନ ପାଇଥିବା ଅନ୍ୟମାନଙ୍କ ମଧ୍ୟରେ ଥିଲେ ଆଇଓଏ ଉପସଭାପତି ଗଗନ ନାରଙ୍ଗ, ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି ଅପର୍ଣ୍ଣା ପୋପଟ ଏବଂ ପୂର୍ବତନ ହକି ଖେଳାଳି ଏମ୍.ଏମ୍. ସୋମାୟା। ପୂର୍ବରୁ ଥରେ ୨୦୧୪ରେ କେହି ଖେଳରତ୍ନ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇ ନ ଥିଲେ।

ମହିଳା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲିଙ୍କୁ ମଧ୍ୟ ଅର୍ଜୁନ ପୁରସ୍କାର ମିଳିଛି। ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ବିଜୟୀ ବକ୍ସର ନରେନ୍ଦର ବରୱାଲ (+୯୨କେଜି) ଏବଂ ଯୁବ ବଧିର ରାଇଫଲ ଶୁଟର ଧନୁଶ ଶ୍ରୀକାନ୍ତଙ୍କୁ ମଧ୍ୟ ଏହି ସମ୍ମାନ ମିଳିଛି। ୨୦ ବର୍ଷୀୟା ଦେଶମୁଖ ବିଶ୍ୱକପ୍ ଜିତିବାରେ ପ୍ରଥମ ଭାରତୀୟ ମହିଳା। ଗୁଜରାଠୀ ୨୦୨୪ ଚେସ୍ ଅଲିମ୍ପିଆଡ୍‌ରେ ସ୍ୱର୍ଣ୍ଣ ବିଜୟୀ



ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିଲେ। ତେଜସ୍ୱିନୀ ୨୦୨୩ ଏସିଆନ ଗେମ୍ସରେ ଡେକାଥଲନରେ ଐତିହାସିକ ରୌପ୍ୟ ପଦକ ଜିତିଥିଲେ। ପରେ ଗତବର୍ଷ ଏସିଆନ ଚାମ୍ପିୟନସିପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଆଣ୍ଠୁରେ ସମସ୍ୟା ସତ୍ତ୍ୱେ ସେ ନିକଟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ସେ ଆହୁରି ମଧ୍ୟ ଆଇଚି ନାଗୋୟାଠାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଏକ ବ୍ରୋଞ୍ଜ ପାଇଥିଲେ। ଏଥର ପୁରସ୍କାର ବିଜେତାଙ୍କ ନାମ ଘୋଷଣାରେ ବିଳମ୍ବ ଘଟିଥିବାରୁ ସମାଲୋଚନା କରିବା ସହ କ୍ରୀଡ଼ାବିତ୍‌ମାନଙ୍କ ପ୍ରତି ଅସମ୍ମାନ ବୋଲି ଯେଉଁ କେତେଜଣ ଆଥ୍‌ଲେଟ ଅଭିଯୋଗ କରିଥିଲେ ସେମାନଙ୍କ ମଧ୍ୟରେ ତେଜସ୍ୱିନୀ ଅନ୍ୟତମ ଥିଲେ।

୨୦୨୪ରେ ରେକର୍ଡ ୩୨ ଜଣ ଆଥ୍‌ଲେଟଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ପାରା ସ୍ପୋର୍ଟସର ୧୭ ରହିଥିଲେ। ଏଥର କିନ୍ତୁ ପାରା ସ୍ପୋର୍ଟସର ୨ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହେଲେ ପାରା କ୍ଲବ ଥ୍ରୋୟର ଏକତା ଭୂୟାଁ। ସେ ୨୦୨୪ ପାରା ବିଶ୍ୱ ଚାମ୍ପିୟନସିପ୍‌ରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟ ଜଣେ ହେଲେ ଶୁଟର ରୁଦ୍ରାଂଶ ଖାଣ୍ଡେଲୱାଲ। ସେ ୨୦୨୪ ପାରା ବିଶ୍ୱକପ୍‌ର ସ୍ୱର୍ଣ୍ଣ ବିଜେତା। ଏକତା ଆହୁରି ମଧ୍ୟ ଗତ ବର୍ଷ ଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନସିପ୍‌ରେ ଜଣେ ରୌପ୍ୟ ବିଜେତା। ୨୦୨୩ରେ ମହମ୍ମଦ ଶାମିଙ୍କ ପରେ ତାଲିକାରେ ଜଣେ ହେଲେ କ୍ରିକେଟର ସ୍ଥାନ ପାଇ ନାହାନ୍ତି। ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପାଇଁ ଏକମାତ୍ର ଅର୍ଜୁନ ପୁରସ୍କାର ବିଜେତା ହେଉଛନ୍ତି ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଫୁଟ୍‌ବଲ ଦଳର ଅନ୍ୟତମ ସଦସ୍ୟ ଆଇ. ଅରୁମୈନାୟାଗମ। ମନ୍ତ୍ରଣାଳୟ ଅର୍ଜୁନ ପୁରସ୍କାର ବିଜେତାଙ୍କ ଲାଗି ୧୫ ଲକ୍ଷ ଟଙ୍କା ଆର୍ଥିକ୍ ପୁରସ୍କାରର ବ୍ୟବସ୍ଥା ରହିଛି।

ଅର୍ଜୁନ ପୁରସ୍କାର ବିଜେତା : ତେଜସ୍ୱିନୀ ଶଙ୍କର (ଆଥଲେଟିକ୍ସ), ପ୍ରିୟଙ୍କା ଗୋସ୍ୱାମୀ (ଆଥଲେଟିକ୍ସ). ନରେନ୍ଦର (ବକ୍ସିଂ), ଭିଦିତ୍ ଗୁଜରାଠୀ (ଚେସ୍), ଦିବ୍ୟା ଦେଶମୁଖ (ଚେସ୍), ଧନୁଷ ଶ୍ରୀକାନ୍ତ (ବଧିର ଶୁଟିଂ), ରାଜକୁମାର ପାଲ୍ (ହକି), ସୁରଜିତ (କବାଡ଼ି), ରୁଦ୍ରାଂଶ ଖାଣ୍ଡେଲୱାଲ (ପାରା-ଶୁଟିଂ), ଏକ୍‌ତା ଭୂୟାଁ (ପାରା-ଆଥଲେଟିକ୍ସ), ଅରବିନ୍ଦ ସିଂ (ରୋଇଂ), ତ୍ରିସା ଜୋଲି (ବ୍ୟାଡମିଣ୍ଟନ), ଗାୟତ୍ରୀ ଗୋପୀଚାନ୍ଦ (ବ୍ୟାଡ୍‌ମିଣ୍ଟନ), ଲାଲରେମ୍‌ସିଆମି (ହକି), ମହମ୍ମଦ ଅଜମଲ (ଆଥଲେଟିକ୍ସ) ଓ ପୂଜା (କବାଡ଼ି)।

ଅର୍ଜୁନ ପୁରସ୍କାର (ଲାଇଫ୍ ଟାଇମ୍): ଆଇ. ଅରୁମୈନାୟାଗମ (ଫୁଟ୍‌ବଲ)।

ଦ୍ରୋଣାଚାର୍ଯ୍ୟ ପୁରସ୍କାର: ପରବୀର ସିଂ, ଛୋଟେଲାଲ ଯାଦବ ଓ ନେହା ଚଉନ। ଦ୍ରୋଣାଚର୍ଯ୍ୟ ପୁରସ୍କାର (ଲାଇଫଟାଇମ୍): ଧର୍ମେନ୍ଦ୍ର ଯାଦବ, ବୀରେନ୍ଦ୍ର କୁମାର।

# ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଟ୍ରେଡ୍‌କୁ ନେଇ ମୁହଁ ଖୋଲିଲେ ପଞ୍ଜାବ କିଙ୍ଗ୍ସର ମାଲିକ

**ନୂଆଦିଲ୍ଲୀ**

ପଞ୍ଜାବ କିଙ୍ଗ୍ସର ସହ-ମାଲିକ ନେସ ୱାଡିଆ ପୂର୍ଣ୍ଣ ଆଶାବାଦୀ ଯେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଆଗମନ ଦଳ ପାଇଁ ବଡ଼ ସଫଳତା ଆଣିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆଇପିଏଲରେ ଯେତେବେଳେ ହାର୍ଦ୍ଦିକ ପାଣ୍ଡ୍ୟା ପଞ୍ଜାବ କିଙ୍ଗ୍ସ ପାଇଁ ଖେଳିବେ, ସେତେବେଳେ ପ୍ରଶଂସକମାନେ ତାଙ୍କର ଏକ ଭିନ୍ନ ରୂପ ଦେଖିବାକୁ ପାଇବେ। ସେ କହିଛନ୍ତି ଯେ, ଫ୍ରାଞ୍ଚାଇଜ ଏହି ଭାରତୀୟ ଷ୍ଟାର ଅଲରାଉଣ୍ଡରଙ୍କୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଦଳରେ ବଜାୟ ରଖିବାକୁ ଚାହୁଁଛି। ପଞ୍ଜାବ ଏକ 'ଟ୍ରେଡ' (ଖେଳାଳି ଅଦଳବଦଳ) ମାଧ୍ୟମରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ହାର୍ଦ୍ଦିକଙ୍କୁ ନିଜ ଦଳରେ ସାମିଲ କରିଛି; ଏହି ପ୍ରକ୍ରିୟାରେ ପଞ୍ଜାବର ଦ୍ରୁତ ବୋଲର ଅର୍ଶଦୀପ ସିଂହଙ୍କୁ ମୁମ୍ବାଇକୁ ପଠାଯାଇଛି।

ଆଇପିଏଲ ଇତିହାସର ଅନ୍ୟତମ ବୃହତ୍ତମ ଚୁକ୍ତି ସମ୍ପନ୍ନ ହେବା ପରେ, ୱାଡିଆ କହିଛନ୍ତି ଯେ ଦଳକୁ ନିଜର ପ୍ରଥମ ଟାଇଟଲ ଜିତିବା ପାଇଁ ହାର୍ଦ୍ଦିକଙ୍କ ଭଳି ଜଣେ ଖେଳାଳିଙ୍କ ଆବଶ୍ୟକତା ଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆଇପିଏଲରେ ଅଧିନାୟକତ୍ୱ କରିବାର



ବ୍ୟାପକ ଅଭିଜ୍ଞତା ଥିବା ହାର୍ଦ୍ଦିକଙ୍କୁ, ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଖେଳିବାରେ କୌଣସି ଅସୁବିଧା ହେବ ନାହିଁ। ପିଟିଆଇ ସହ କଥାବାର୍ତ୍ତା ବେଳେ ୱାଡିଆ କହିଛନ୍ତି, 'ଆମେ ଉଭୟ ଏହି ସହଯୋଗକୁ ନେଇ ବହୁତ ଗମ୍ଭୀର ଅଛୁ। ହାର୍ଦ୍ଦିକଙ୍କ ସହ ମୋର ଭଲ ଆଲୋଚନା ହୋଇଛି। ସେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି ଏବଂ ମୋର ବିଶ୍ୱାସ ଯେ, ଆପଣ ଏଠାରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ଏକ ଭିନ୍ନ ରୂପ ଦେଖିବାକୁ ପାଇବେ।'

ସେ କହିଲେ, 'ସେ ଆମ ସହିତ ନିଜର ଅନୁଭୂତି ବାଣ୍ଟିବାକୁ ବହୁତ ଆଗ୍ରହୀ ଅଛନ୍ତି। ଏହା ଆମ ଦଳକୁ ମଜବୁତ କରିବ ଏବଂ ଏକ ବଡ଼ ସହାୟତା ସାବ୍ୟସ୍ତ ହେବ଼ଯାହା ପଡ଼ିଆ ଭିତରେ ଶ୍ରେୟସଙ୍କ ପାଇଁ ଏବଂ ପଡ଼ିଆ ବାହାରେ ରିକି (ମୁଖ୍ୟ କୋଚ ରିକି ପଣ୍ଟିଂ) ଓ ଦଳର ଅନ୍ୟ ସଦସ୍ୟମାନଙ୍କ ପାଇଁ ଲାଭଦାୟକ ହେବ।' ପଞ୍ଜାବ କିଙ୍ଗସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏହି ଚୁକ୍ତି ଚୂଡ଼ାନ୍ତ ହେବାକୁ ପ୍ରାୟ ଏକ ମାସ ସମୟ ଲାଗିଥିଲା, ଯାହା ଫଳରେ ଅର୍ଶଦୀପ ସିଂହ ପାଞ୍ଚ ଥରର ଚାମ୍ପିୟନ ଦଳ ମୁମ୍ବାଇରେ ଯୋଗ ଦେଇଛନ୍ତି। ୱାଡିଆ ଆହୁରି ମଧ୍ୟ କହିଛନ୍ତି ଯେ ହାର୍ଦ୍ଦିକଯିଏ ଗୁଜୁରାଟ ଟାଇଟନ୍ସକୁ ଆଇପିଏଲ ଚାମ୍ପିୟନ କରାଇଥିଲେ। ସେ ଶ୍ରେୟସଙ୍କ ଅଧିନାୟକତ୍ୱରେ ଖେଳିବାରେ କୌଣସି ଅସୁବିଧା ଅନୁଭବ କରିବେ ନାହିଁ।

ସେ କହିଲେ, 'ଶ୍ରେୟସଙ୍କ ସହ ହାର୍ଦ୍ଦିକଙ୍କର ବହୁତ ଭଲ ସମ୍ପର୍କ ରହିଛି। ରିକି ମଧ୍ୟ ଅତୀତରେ ହାର୍ଦ୍ଦିକଙ୍କ ସହ କାମ କରିଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ ଲାଭଦାୟକ ଅଟେ। ଆମେ ଅନୁଭବ କଲୁ ଯେ କିଛି ଜିନିଷରେ ଉନ୍ନତି ଆଣିବା ଆବଶ୍ୟକ, ଏବଂ ହାର୍ଦ୍ଦିକଙ୍କୁ ଦଳରେ ସାମିଲ କରିବା ଏକ ଉତ୍ତମ ପଦକ୍ଷେପ ବୋଲି ମନେହେଲା।' ୱାଡିଆ କହିଲେ ଯେ, ଦୀର୍ଘ ଦିନର ସମ୍ପର୍କ ପରେ ଅର୍ଶଦୀପଙ୍କୁ ଦଳରୁ ବିଦା କରିବା କଷ୍ଟକର ଥିଲା, କିନ୍ତୁ ଭବିଷ୍ୟତରେ ତାଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ସେ ଦ୍ୱାର ଖୋଲା ରଖିଛନ୍ତି।

ସେ ଆହୁରି ମଧ୍ୟ କହିଲେ, 'ଅର୍ଶଦୀପ ଆଠ ବର୍ଷ ଧରି ଆମ ସହ ଜଡ଼ିତ ଥିଲେ। ତାଙ୍କୁ ବିଦା କରିବାର ନିଷ୍ପତ୍ତି ସହଜ ନଥିଲା। ମୁଁ ଅର୍ଶଦୀପଙ୍କୁ ନେଇ ବହୁତ ଗର୍ବିତ; ଫ୍ରାଞ୍ଚାଇଜ ମଧ୍ୟ ତାଙ୍କୁ ନେଇ ଗର୍ବିତ ଏବଂ ସମଗ୍ର ଭାରତ ମଧ୍ୟ ଗର୍ବିତ। ସେ ଅନେକ ସଫଳତା ହାସଲ କରିଛନ୍ତି, ଯେଉଁ କାରଣରୁ ତାଙ୍କୁ ବିଦାୟ ଦେବା ବହୁତ କଷ୍ଟକର ହୋଇପଡ଼ିଲା। ହୁଏତ ଭବିଷ୍ୟତରେ ସେ ପୁଣି ଫେରିପାରନ୍ତି। ଆମେ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ।'

# କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଉନ୍ମୋଚିତ ହେଲା ଏସିଆ ରଗ୍‌ବୀ ଟ୍ରଫି

**ଭୁବନେଶ୍ୱର**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ୍ ଠାରେ ଆୟୋଜନ ହେବ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬'। ନଭେମ୍ବର ୧୪ ଓ ୧୫ ତାରିଖ ଦୁଇ ଦିନ ଧରି କଳିଙ୍ଗ ଷ୍ଟାଡିୟମ୍ ଠାରେ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬' ଆୟୋଜିତ ହେବ। ଶୁକ୍ରବାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬'ର ଟ୍ରଫି ଉନ୍ମୋଚନ କରିଛନ୍ତି।

ଏଥିସହ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ 'ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬'ର ଆୟୋଜନ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି।

ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬ରେ ୧୦ଟି ଦେଶ ଯଥା ଭାରତ, ହଙ୍ଗକଙ୍ଗ ଚାଇନା, ଉଜବେକିସ୍ତାନ, ଚାଇନିଜ ତାଇପେଇ,



ନେପାଳ, ଶ୍ରୀଲଙ୍କା, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଓ ଜୋର୍ଡାନ ଦେଶ ଅଂଶଗ୍ରହଣ କରିବେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ଏହି ଚାମ୍ପିୟନସିପ୍ ଅନୁଷ୍ଠିତ ହେବ। ୧୦ଟି ଦେଶରୁ ସର୍ବମୋଟ ୧୭ଟି ଟିମ୍ (୧୦ଟି ପୁରୁଷ ଟିମ୍ ଏବଂ ୭ଟି ମହିଳା ଟିମ୍) ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ଭାରତ ପୁରୁଷ ଟିମ୍‌ରେ ପୁଷ୍ପେନ୍ଦର (କ୍ୟାପ୍‌ଟେନ), ରଞ୍ଜନ ରାଓ୍ୱତ (ଭାଇସ୍ କ୍ୟାପ୍‌ଟେନ), ଅଜିତ୍ ନିଗମ, ଅମନ୍, ଅରୁଣ ପ୍ରଜାପତ୍,ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍, ନମନ ଯାଦବ, ରାହୁଲ ମାଝୀ, ରୋହିତ କୁମାର, ସୁବାସ ହାଁସଦା ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଥିବା ବେଳେ ଭାରତ ମହିଳା ଟିମ୍‌ରେ ତନୁଶ୍ରୀ ଭୋଁସଲେ (କ୍ୟାପଟେନ୍) ମାମାଲି ସିଂ (ଭାଇସ୍ କ୍ୟାପଟେନ), ଅକ୍ଷୟା ଏନ୍‌ଏସ, ଅନିତା ମୁର୍ମୁ, ଅନୁଷ୍କା ସଙ୍କପାଲ, ଦୀପାଳି ତାଠେ, ଖୁସି ଦେବୀ, କୀର୍ତ୍ତି ଯାଦବ, ଆଦିତି ସଖାରାମ୍ ଲୋଣ୍ଢେ, ସଲୋନୀ କୁମାରୀ, ସମୃଦ୍ଧି କଦମ୍, ସୁମିତ୍ରା ମୁର୍ମୁ ଆଦି କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି।

ଭାରତ ପୁରୁଷ ଟିମ୍‌ରେ ୫ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ଭରତ କିଷାନ୍, ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ୍,ରାହୁଲ ମାଝୀ, ସୁବାସ ହାଁସଦା) ଓ ଭାରତ ମହିଳା ଟିମ୍‌ରେ ୩ ଜଣ ଓଡ଼ିଆ କ୍ରୀଡ଼ାବିତ୍ (ମାମାଲି ସିଂ, ଅନିତା ମୁର୍ମୁ ଓ ସୁମିତ୍ରା ମୁର୍ମୁ) ସ୍ଥାନ ପାଇଛନ୍ତି।

ଏଥିସହ ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, ଚଳିତ ବର୍ଷ କଳିଙ୍ଗ ଷ୍ଟାଡିୟମ୍‌ରେ ୩ ଟି ଜାତୀୟ ସ୍ତରୀୟ ରଗ୍‌ବୀ ଚାମ୍ପିୟନସିପ୍ (ସବ୍-ଜୁନିୟର ନ୍ୟାସନାଲ ରଗ୍‌ବୀ ସେଭେନ୍ସ ଚାମ୍ପିୟନସିପ୍, ଅସ୍ମିତା ରଗ୍‌ବୀ ଲିଗ୍-ନ୍ୟାସନାଲ ଏବଂ ନ୍ୟାସନାଲ ରଗ୍‌ବୀ ୧୫ ଏସ୍ ଚାମ୍ପିୟନସିପ୍- ଡିଭିଜନ୍ ୧) ଅନୁଷ୍ଠିତ ହୋଇଛି। ୨୦୧୮ ମସିହା ପରେ ଦୀର୍ଘ ୮ ବର୍ଷ ପରେ ଚଳିତ ବର୍ଷ ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରୀୟ ରଗ୍‌ବୀ ଚାମ୍ପିୟନସିପ୍ (ଏସିଆ ରଗ୍‌ବୀ ଏମିରେଟ୍ସ ଅଣ୍ଡର-୨୦ ସେଭେନ୍ସ ଚାମ୍ପିୟନସିପ୍-୨୦୨୬) ଅନୁଷ୍ଠିତ ହେଉଛି।

ଓଡ଼ିଶାରେ ଅନ୍ତର୍ଜାତୀୟ ସ୍ତରର ରଗ୍‌ବୀ ଚାମ୍ପିୟନସିପ୍ ଅନୁଷ୍ଠିତ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଏହି ପ୍ରତିଯୋଗିତାର ଆୟୋଜନ ନିଶ୍ଚିତ ଭାବେ ଦେଶ ଓ ରାଜ୍ୟରେ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ନିଜର ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରଣା ପ୍ରଦାନ କରିବ। ଏଥିସହ ଓଡ଼ିଶା ସରକାରଙ୍କ ତରଫରୁ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ନିରନ୍ତର ଭାବେ କାର୍ଯ୍ୟ କରାଯାଉଛି। କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା, ଓଡ଼ିଶାରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ ସହ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଦିଗରେ ସରକାର ଗୁରୁତ୍ୱାରୋପ କରୁଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି।

# ଡବ୍ଲୁଟିଏ ଫାଇନାଲ୍ସ : ସେମିରେ ପେଗୁଲା; ଗଫ୍ ନକ୍‌ଆଉଟ୍

**ଇଣ୍ଡିଆନ୍ ୱେଲ୍ସ**

ଚଳିତ ବର୍ଷର ଶେଷ ଟେନିସ ପ୍ରତିଯୋଗିତା ଡବ୍ଲୁଟିଏ ଫାଇନାଲ୍ସ ସେମିଫାଇନାଲ୍‌ରେ ଆମେରିକାର ଜେସିକା ପେଗୁଲା ପ୍ରବେଶ କରିଥିଲା କୋକୋ ଗଫ୍ ନକ୍‌ଆଉଟ୍ ହୋଇଛନ୍ତ। ଗ୍ରୁପ୍-୧ରେ ଏକ ମୁକାବିଲାରେ ପଞ୍ଚମ ମାନ୍ୟତାପ୍ରାପ୍ତ ପେଗୁଲା ୭-୬, ୪-୬, ୭-୫ ସେଟ୍‌ରେ ଚେକ୍‌ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ପରାସ୍ତ କରିଛନ୍ତି। ପୂର୍ବରୁ ୱିମ୍ବଲଡନ୍ ବିଜୟିନୀ ୧୯ ବର୍ଷୀୟା ନୋସ୍କୋଭା ୨ରୁ ୨ ବିଜୟ ସହ ସେମିଫାଇନାଲ୍ ପହଞ୍ଚି ସାରିଥିବାରୁ ଏହି ପରାଜୟ ତାଙ୍କ ଉପରେ କିଛି ପ୍ରଭାବ ପକାଇନି। ଏହି ଗ୍ରୁପ୍‌ର ଅନ୍ୟଏକ ମ୍ୟାଚ୍‌ରେ ଗଫ୍ ୬-୪, ୭-୫ ସେଟ୍‌ରେ ୟୁକ୍ରେନ୍‌ର ମାର୍ଟା କୋସ୍ଟ୍ୟୁକଙ୍କୁ ହରାଇବା ସତ୍ତ୍ୱେ ବିଦାୟ ନେଇଛନ୍ତି।

34001/1158/2627
E-mail ID: eepwddeogarh@gmail.com
OFFICE OF THE SUPERINTENDINGENGINEER
DEBAGADA (R&B) DIVISION, DEBAGADA
INVITATIONS FOR BIDS (IFB)
Letter No. 3990 Dtd. 05.11.2026
Invitation for Bids
Bid Identification No. SE PWD DGR No. 11 of 2026-27


| | | |
|---|---|---|
| 1. | The Superintending Engineer, Debagada (R&B) Division, Debagada, on behalf of Government of Odisha, invites percentage rate bids in Singe cover system in ONLINE MODE only, for Building work as detailed below. | |
| 2. | Nature of work | : Building work |
| 3. | No. of works | : Building 01 No. |
| 4. | Bid Cost. | : Rs. 6,000/- |
| 5. | Class of Contractor | : "D" & "C" Class |
| 6. | Availability of Bid Documents in the website | : From dt. 16.11.2026 to 17:00 hours of dt. 30.11.2026 |
| 7. | Date of Opening of Technical Bid | : Dt. 01.12.2026 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | |

OIPR-34001/34061/1/26-27/0012
Sd/- Superintending Engineer
Debagada (R&B) Division

# ରାୟଗଡ଼ ଜିଲ୍ଲାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକଙ୍କ ଦୁଇଦିନିଆ ଗସ୍ତ

**ରାୟଗଡ଼, ନ୍ୟୁଜ୍‌ବ୍ୟୁରୋ**

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକ, ବ୍ରହ୍ମପୁର ବସନ୍ତ କୁମାର ପ୍ରଧାନ ଦୁଇଦିନିଆ ରାୟଗଡ଼ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ କାର୍ଯ୍ୟକଳାପ, କାର୍ଯ୍ୟାଳୟ ପରିଚାଳନା ଓ ସୂଚନା କେନ୍ଦ୍ରର କାର୍ଯ୍ୟଧାରା ସମୀକ୍ଷା କରିଛନ୍ତି। ଗସ୍ତର ପ୍ରଥମ ଦିନ, ତା.୧୨.୧୧.୨୦୨୬ରିଖରେ ଉପ ନିର୍ଦ୍ଦେଶକ ଶ୍ରୀ ପ୍ରଧାନ ଗୁଣପୁରସ୍ଥିତ ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରିଥିଲେ। ଏହି ଅବସରରେ ପାଠାଗାରରେ ଉପଲବ୍ଧ ପୁସ୍ତକ, ଖବରକାଗଜ, ପତ୍ରପତ୍ରିକା ଏବଂ ପାଠକମାନଙ୍କ ସଦସ୍ୟତା ସମ୍ପର୍କିତ ରେକର୍ଡ ଯାଞ୍ଚ କରିଥିଲେ। ପାଠାଗାରର ସୁପରିଚାଳନା, ସାଜସଜ୍ଜା ଏବଂ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ନିମନ୍ତେ ଯୁବପିଢ଼ିଙ୍କ ପ୍ରସ୍ତୁତି ପାଇଁ ରହିଥିବା ସୁବିଧା ଦେଖି ସେ ସନ୍ତୋଷ ପ୍ରକାଶ କରିଥିଲେ। ପାଠାଗାରକୁ ଅଧିକ ଜନଉପଯୋଗୀ ଓ ଯୁବବର୍ଗଙ୍କ ପାଇଁ ଅନୁକୂଳ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ଇଣ୍ଟରନେଟ୍ ଓ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା



ଉପଲବ୍ଧ କରାଇବା ପାଇଁ ସେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ ଗୁଣପୁରର ସାମ୍ବାଦିକମାନେ ଉପ ନିର୍ଦ୍ଦେଶକଙ୍କୁ ସାକ୍ଷାତ କରି ପାଠାଗାର ନିକଟରେ ଏକ ସଭାଗୃହ ନିର୍ମାଣ, ସାମ୍ବାଦିକମାନଙ୍କ ପାଇଁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ସମେତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ଶ୍ରୀ ପ୍ରଧାନ ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲୀପଙ୍କ ସହ ସାକ୍ଷାତ କରି ସୂଚନା କେନ୍ଦ୍ର ସମ୍ପର୍କିତ ଆବଶ୍ୟକ ଦସ୍ତାବିଜ ଉପଲବ୍ଧ କରାଇବା ନିମନ୍ତେ ଅନୁରୋଧ କରିଥିଲେ।

ଗସ୍ତର ଦ୍ୱିତୀୟ ଦିନ, ତା.୧୩.୧୧.୨୦୨୬ରିଖରେ ଉପ ନିର୍ଦ୍ଦେଶକ ରାୟଗଡ଼ସ୍ଥିତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ ବିଭାଗୀୟ ରେକର୍ଡ ଓ ଦସ୍ତାବିଜ ଯାଞ୍ଚ କରିଥିଲେ। ଏହି ଯାଞ୍ଚ ସମୟରେ ବିଭାଗୀୟ ରେଜିଷ୍ଟର, ଷ୍ଟାମ୍ପ ହିସାବ, ଲଗ୍ ବୁକ୍, ପିଅନ ବୁକ୍, ଆର୍ଥିକ ହିସାବପତ୍ର, କର୍ମଚାରୀଙ୍କ କାର୍ଯ୍ୟସ୍ଥିତି, ଇନ୍‌କ୍ରିମେଣ୍ଟ ରେଜିଷ୍ଟର, ସର୍ଭିସ୍ ବୁକ୍, ପେନ୍‌ସନ୍ ମାମଲା, ବିଲ୍ ରେଜିଷ୍ଟର, ବିଭାଗୀୟ ଶୃଙ୍ଖଳାଗତ ପ୍ରକ୍ରିୟା, କ୍ୟାଶ୍ ବୁକ୍ ଏବଂ ବିଭାଗର ଅଡିଓ-ଭିଜୁଆଲ୍ ଉପକରଣ ଆଦିର ଯାଞ୍ଚ କରିଥିଲେ। କାର୍ଯ୍ୟାଳୟର ଦୈନନ୍ଦିନ ପରିଚାଳନା, ରେକର୍ଡ ସଂରକ୍ଷଣ ଓ ପ୍ରଶାସନିକ କାର୍ଯ୍ୟର ସୁବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଯାଞ୍ଚ କାର୍ଯ୍ୟ ସମାପ୍ତ ପରେ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଏକ ସ୍ୱାଗତ ତଥା ବିଦାୟ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ବିଭାଗର ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ଜଳନ୍ଧର ପୁଷ୍ଟିକା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ସୁଶ୍ରୀ ସୁସ୍ମିତା ବାଉରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରି, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ସମେତ ସଂସ୍କୃତି ବିଭାଗ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଦୁଇଦିନିଆ ଗସ୍ତ ମାଧ୍ୟମରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା, ରେକର୍ଡର ସୁବ୍ୟବସ୍ଥିତ ସଂରକ୍ଷଣ ଏବଂ ସୂଚନା କେନ୍ଦ୍ର ଓ ପାଠାଗାରର ଭିତ୍ତିଭୂମି ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା।

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୪ ନଭେମ୍ବର, ୨୦୨୬ ଶନିବାର





# ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା : ଚତୁର୍ଥ ଥର ପାଇଁ ବଢ଼ିଲା ନ୍ୟାୟିକ କମିଶନଙ୍କ କାର୍ଯ୍ୟକାଳ

**କଟକ,ନ୍ୟୁଜ୍‌ବ୍ୟୁରୋ**

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇସିୟୁରେ ଗତ ମାର୍ଚ୍ଚ ୧୬ ତାରିଖରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣାର ତଦନ୍ତ ଏଯାଏଁ ଶେଷ ହୋଇପାରିନାହିଁ। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରୁଥିବା ନ୍ୟାୟିକ କମିଶନଙ୍କ କାର୍ଯ୍ୟକାଳକୁ ରାଜ୍ୟ ସରକାର ଚତୁର୍ଥ ଥର ପାଇଁ ବୃଦ୍ଧି କରିଛନ୍ତି। ଗୃହ ବିଭାଗ ପକ୍ଷରୁ ଜାରି ନୂଆ ବିଜ୍ଞପ୍ତି ଅନୁଯାୟୀ, କମିଶନଙ୍କ କାର୍ଯ୍ୟକାଳ ୨୦୨୭ ଜାନୁଆରୀ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଛି। ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧକ୍ଷତାରେ ଏହି ନ୍ୟାୟିକ କମିଶନ ଗଠନ କରାଯାଇଥିଲା। ପ୍ରାରମ୍ଭରେ ୬୦ ଦିନ ମଧ୍ୟରେ ତଦନ୍ତ ଶେଷ କରି ରିପୋର୍ଟ ଦାଖଲ କରିବାକୁ କମିସନଙ୍କୁ ସମୟ ଦିଆଯାଇଥିଲା। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ତଦନ୍ତ ସମ୍ପୂର୍ଣ୍ଣ ହୋଇନପାରିବାରୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାଳ ବୃଦ୍ଧି କରାଯାଇ ଆସୁଛି। ସୂଚନା ଅନୁଯାୟୀ, ପ୍ରଥମେ ମେ’ ୧୫ ତାରିଖରେ କମିଶନଙ୍କ କାର୍ଯ୍ୟକାଳକୁ ଜୁଲାଇ ୧୫ ଯାଏଁ ବୃଦ୍ଧି କରାଯାଇଥିଲା। ପରେ ଜୁଲାଇ ୧୫ରୁ ସେପ୍ଟେମ୍ବର ୧୫ ଯାଏଁ ଏବଂ ସେପ୍ଟେମ୍ବର ୧୮ ତାରିଖରେ ନଭେମ୍ବର ୧୫ ଯାଏଁ ସମୟସୀମା



ବଢ଼ାଯାଇଥିଲା। ତେବେ ଏହି ସମୟ ମଧ୍ୟରେ ମଧ୍ୟ ତଦନ୍ତ ଶେଷ ହୋଇନଥିବାରୁ ସରକାର ପୁଣି ଥରେ ଦୁଇ ମାସର ଅଧିକ ସମୟ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୧୬ ତାରିଖରେ ଏସ୍‌ସିବି ଟ୍ରମା କେୟାର ଆଇସିୟୁରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ୧୨ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣା ପରେ ଅଗ୍ନିକାଣ୍ଡର କାରଣ, ଦାୟିତ୍ୱ ଏବଂ ସମ୍ପୃକ୍ତ ବିଭିନ୍ନ ଦିଗର ତଦନ୍ତ ପାଇଁ ନ୍ୟାୟିକ କମିସନ ଗଠନ କରାଯାଇଥିଲା। ତେବେ ବାରମ୍ବାର କାର୍ଯ୍ୟକାଳ ବୃଦ୍ଧି ପାଉଥିବାରୁ ତଦନ୍ତ ରିପୋର୍ଟ କେବେ ଆସିବ ଏବଂ ଘଟଣାର ସମ୍ପୂର୍ଣ୍ଣ ସତ୍ୟ ସାମ୍ନାକୁ କେବେ ଆସିବ, ତାହାକୁ ନେଇ ଅପେକ୍ଷା ରହିଛି।

# କେ. ରବିଙ୍କୁ ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ୧୬ ତାରିଖ ସୋମବାର ‘ଜାତୀୟ ପ୍ରେସ୍ ଦିବସ-୨୦୨୬’ ପାଳନ କରାଯିବ। ଏହି ଅବସରରେ ଦୈନିକ ସମ୍ବାଦପତ୍ର ଦି ଷ୍ଟେଟସ୍ ମ୍ୟାନ୍‌ର ସମ୍ପାଦକ କେ. ରବିଙ୍କୁ ‘ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୬’ ପ୍ରଦାନ କରାଯିବ। ଏଥିସହିତ ରାଜ୍ୟର କେତେକ ବରିଷ୍ଠ ସାମ୍ବାଦିକଙ୍କୁ ପେନସନ ପ୍ରଦାନ କରାଯିବା ସହିତ ୯ ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ସ୍ୱୟଂଶାସିତ ମହାବିଦ୍ୟାଳୟର ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯିବ ବୋଲି ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି।

# ସତର୍କତା ସଚେତନତା ସୃଷ୍ଟି ପାଇଁ ପୁରୀ ବେଳାଭୂମିରେ ବାଲୁକା କଳା ସ୍ଥାପନ କଲା ବ୍ୟାଙ୍କ ଅଫ୍ ବରୋଦା

**ଭୁବନେଶ୍ୱର/ପୁରୀ, ନ୍ୟୁଜ୍‌ବ୍ୟୁରୋ**

ସତର୍କତା ସଚେତନତା ଅଭିଯାନ ୨୦୨୬ର ଅଂଶସ୍ୱରୂପ ବ୍ୟାଙ୍କ ଅଫ୍ ବରୋଦା, ଭୁବନେଶ୍ୱର ରିଜିଅନ୍ ପକ୍ଷରୁ ପୁରୀ ବେଳାଭୂମିରେ ଏକ ଜନସଚେତନତାମୂଳକ ବାଲୁକା କଳା ସ୍ଥାପନ କରାଯାଇଛି। ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥାର ମହତ୍ତ୍ୱ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରାୟ ୧୦ ଟନ୍ ବାଲିରେ ନିର୍ମିତ ଏହି ବିଶାଳ ବାଲୁକା କଳାର ଉଚ୍ଚତା ୮ ଫୁଟ୍ ଏବଂ ଲମ୍ବ ୧୭ ଫୁଟ୍। ଏକ ସୃଜନଶୀଳ ଓ ସହଜ ମାଧ୍ୟମ ଜରିଆରେ ପର୍ଯ୍ୟଟକ ଓ ଦର୍ଶକଙ୍କୁ ଆକୃଷ୍ଟ କରିବା ସହ ଦୈନନ୍ଦିନ ଜୀବନରେ ସତର୍କତାର ଗୁରୁତ୍ୱକୁ ପ୍ରତିପାଦିତ କରିବା ଲକ୍ଷ୍ୟରେ ଏହାକୁ ନିର୍ମାଣ କରାଯାଇଛି।




ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ମାନସ ସାହୁ ଏହି ବାଲୁକା କଳାର ପରିକଳ୍ପନା ଓ ନିର୍ମାଣ କରିଛନ୍ତି। ଏହି କଳାକୃତି ପୁରୀ ଲାଇଟ୍‌ହାଉସ୍ ବେଳାଭୂମିରେ ଜନସାଧାରଣଙ୍କ ଦର୍ଶନ ପାଇଁ ଉପଲବ୍ଧ ରହିଛି। ବ୍ୟାଙ୍କର ଭୁବନେଶ୍ୱର ଜୋନ୍‌ର ମହାପ୍ରବନ୍ଧକ ତଥା ଜୋନାଲ୍ ମୁଖ୍ୟ ଶରତ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଜୋନ୍‌ର ଡିଜିଏମ୍ (ସିଏ) ରାକେଶ ଝା ଏବଂ ଭୁବନେଶ୍ୱର ରିଜିଅନ୍‌ର ଡିଜିଏମ୍ ତଥା ଆଞ୍ଚଳିକ ମୁଖ୍ୟ ସତ୍ୟରଞ୍ଜନ ମହାପାତ୍ରଙ୍କ ସମେତ ଜୋନାଲ୍ ଅଫିସ୍, ରିଜିଅନାଲ୍ ଅଫିସ୍ ଓ ଭୁବନେଶ୍ୱର ରିଜିଅନ୍‌ର ବିଭିନ୍ନ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଉଦ୍‌ଘାଟନୀ ସମାରୋହରେ ଉଦ୍‌ବୋଧନ ଦେଇ ଶରତ କୁମାର ପାଣିଗ୍ରାହୀ ଦୁର୍ନୀତି ନିରାକରଣ ପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ, ନୈତିକ ଆଚରଣ ଏବଂ ଅନୁଷ୍ଠାନଗତ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଜନସମ୍ପର୍କମୂଳକ ପଦକ୍ଷେପ ଜରିଆରେ ବ୍ୟାଙ୍କ ଅଫ୍ ବରୋଦା ନୈତିକ ଶାସନ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ସହ ଏକ ସ୍ୱଚ୍ଛ ଆର୍ଥିକ ବ୍ୟବସ୍ଥା ଗଠନରେ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ପ୍ରତି ନିଜର ପ୍ରତିବଦ୍ଧତା ଜାରି ରଖିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାନ୍ଦନା ପ୍ରକୃତି,...

ତାହା ସମଗ୍ର ମାନବ ସମାଜ ପାଇଁ ଏକ ଦିଗଦର୍ଶନ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ମୟୂରଭଞ୍ଜ ମାଟି ସହ ନିଜର ଗଭୀର ଆତ୍ମିକ ସମ୍ପର୍କକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୟୂରଭଞ୍ଜ ହେଉଛି ତାଙ୍କର ଦ୍ୱିତୀୟ ଘର ଏବଂ ଘରକୁ କିଛି ଦିନ ଅନ୍ତରାଳରେ ଆସିଲେ ଯେପରି ଆନନ୍ଦ ମିଳିଥାଏ, ଆଜି ଠିକ୍ ସେହିପରି ଆନନ୍ଦ ଅନୁଭବ ହେଉଛି। କେନ୍ଦୁଝର ଓ ମୟୂରଭଞ୍ଜ ଅଞ୍ଚଳର ସାନ୍ତାଳ ଓ କୁଡୁମୀ ସମ୍ପ୍ରଦାୟ ମଧ୍ୟରେ ଥିବା ଭାଇଚାରାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଆମ ଆଦିବାସୀ ସଂସ୍କୃତିରେ ଭାଇଚାରା ସବୁବେଳେ ପ୍ରଥମ ସ୍ଥାନରେ ରହିଆସିଛି। ବାଲ୍ୟକାଳରୁ ନିଜ ଗାଁରେ କୁଡୁମୀ ପରିବାରଗୁଡ଼ିକ ସହ ବଢ଼ିଥିବା ସ୍ମୃତିକୁ ରୋମନ୍ଥନ କରି ସେ ଢେଙ୍ଗୁଆନ ବୁଲିବା ଏବଂ ପିଠା ଖାଇବାର ନିଆରା ଅନୁଭୂତି ବାଣ୍ଟିବା ସହ ରାଜନୈତିକ କ୍ଷେତ୍ରରେ ମଧ୍ୟ କୁଡୁମୀ ସମ୍ପ୍ରଦାୟର ସହଯୋଗୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସ୍ୱୀକାର କରିଥିଲେ।

କୁଡୁମୀ ସମ୍ପ୍ରଦାୟର ଐତିହାସିକ ପୃଷ୍ଠଭୂମି ଓ ସାମାଜିକ ଅବଦାନ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କର୍ମରେ ବିଶ୍ୱାସ କରୁଥିବା ଏହି ପ୍ରାଚୀନ ଓ ପରିଶ୍ରମୀ କୃଷକ ସମ୍ପ୍ରଦାୟ ଓଡ଼ିଶା ସମେତ ଆସାମ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ଼, ଗୁଜୁରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ ବସବାସ କରୁଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ମୟୂରଭଞ୍ଜ ଓ କେନ୍ଦୁଝର ଏ ଜାତିର ମୁଖ୍ୟ ବାସସ୍ଥଳୀ ପାଲଟିଥିବା ବେଳେ ବାରିପଦା ଓଡ଼ିଶାର କୁଡୁମୀମାନଙ୍କର ଅଘୋଷିତ ରାଜଧାନୀ ଭାବେ ପରିଚିତ ହୋଇଛି। ଏକ ସ୍ୱାଭିମାନୀ, ବିଶ୍ୱସ୍ତ ଓ ରାଷ୍ଟ୍ରଭକ୍ତ ଜାତି ଭାବେ କୁଡୁମୀମାନେ ସଂଘର୍ଷରୁ ସଫଳତା ହାସଲ କରିବାରେ ବିଶ୍ୱାସ କରନ୍ତି ଏବଂ ଆଜି କୃଷି ସହିତ ବାଣିଜ୍ୟ ଓ ଚାକିରି କ୍ଷେତ୍ରରେ ମଧ୍ୟ ନିଜର ପାରଦର୍ଶିତା ପ୍ରତିପାଦନ କରୁଛନ୍ତି। ସେହିପରି କୁଡୁମୀମାନଙ୍କୁ ଆଦିବାସୀ ତାଲିକାଭୁକ୍ତ କରିବା ଏବଂ କୁଡୁମାଲୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଦୀର୍ଘ ଦିନରୁ ଚାଲିଆସୁଥିବା ଦାବି ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ।

ବାନ୍ଦନା ପରବ ଓ ଅନ୍ୟାନ୍ୟ ପାରମ୍ପରିକ ପର୍ବପର୍ବାଣୀର ମହତ୍ତ୍ୱ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗୋ-ଜାତି ପ୍ରତି ସମ୍ମାନ ଓ କୃତଜ୍ଞତା ଅର୍ପଣ ପାଇଁ ଆବାହମାନ କାଳରୁ ଗୋଠ ପୂଜା, ଗୁହାଳ ପୂଜା ଓ ଗୋରୁ ବାନ୍ଦନା ଆଦି ପାଳନ କରାଯାଇଆସୁଛି। ଏହା ସହିତ କରମ ପର୍ବ ମାଧ୍ୟମରେ କରମ ଗଛକୁ ପୂଜା କରି ଏହି ସମାଜ ସାରା ବିଶ୍ୱକୁ ପରିବେଶ ସୁରକ୍ଷାର ବାର୍ତ୍ତା ଦେଉଥିବା ବେଳେ ଟୁସୁଦେବୀଙ୍କ ବୀରତ୍ୱର ଗାଥା କୁଡୁମୀ ମହିଳା ଓ ଝିଅମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ଶିକ୍ଷା କ୍ଷେତ୍ରରେ କୁଡୁମୀ ଛାତ୍ରଛାତ୍ରୀଙ୍କ ସଫଳତାକୁ ପ୍ରଶଂସା କରି ଶ୍ରୀ ମାଝୀ କହିଥିଲେ ଯେ ଗତ କିଛି ବର୍ଷ ମଧ୍ୟରେ କେନ୍ଦୁଝରର ଦିଗରାଜ ମହାନ୍ତ, ତପନ କୁମାର ମହାନ୍ତ, କଟକର ଚନ୍ଦନ କୁମାର ମହାନ୍ତ ଏବଂ ଚଳିତ ବର୍ଷ ବାରିପଦାର ପାର୍ଥ ସାରଥୀ ମହାନ୍ତ ମେଟ୍ରିକ୍ ପରୀକ୍ଷାରେ ରାଜ୍ୟ ଟପ୍ପର ହୋଇଥିବା ବେଳେ ମୟୂରଭଞ୍ଜର ଝିଅ ସଞ୍ଜନା ମହାନ୍ତ ଯୁକ୍ତ ଦୁଇ ବିଜ୍ଞାନରେ ରାଜ୍ୟ ଟପ୍ପର ହୋଇ ସମଗ୍ର ଜାତିର ସୁନାମ ବଢ଼ାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ‘ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ’ ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ରାଜ୍ୟ ସରକାର ‘ସମାବେଶୀ ବିକାଶ’ ମଡେଲରେ କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ପ୍ରତ୍ୟେକ ଜାତି, ସମ୍ପ୍ରଦାୟ ଓ ଅଞ୍ଚଳର ସମାନ ପ୍ରଗତି ହେଲେ ହିଁ ରାଜ୍ୟ ସମୃଦ୍ଧ ହୋଇପାରିବ ବୋଲି ମତଦେଇ କୁଡୁମୀ ସମାଜର କଳା ଓ ସଂସ୍କୃତିର ସୁରକ୍ଷା, ବିଭିନ୍ନ କୃଷକ କଲ୍ୟାଣ ଯୋଜନା ମାଧ୍ୟମରେ କୃଷକଙ୍କ ଜୀବନଜୀବିକାର ଉନ୍ନତି ଏବଂ ଗୋ-ସମ୍ପଦର ଅଭିବୃଦ୍ଧି ପାଇଁ ସରକାର ସମସ୍ତ ଆବଶ୍ୟକୀୟ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏହି ସାଂସ୍କୃତିକ ମହାମିଳନ ସମାରୋହରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସରକାରୀ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କୁଡୁମୀ ସମାଜର ସାମାଜିକ ଏକତା ଓ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି ଏବଂ ପରମ୍ପରାକୁ ସମୃଦ୍ଧ କରିବାରେ କୁଡୁମୀ ସମ୍ପ୍ରଦାୟର ଅବଦାନ ଅତୁଳନୀୟ। ବାରିପଦା ତଥା ସମଗ୍ର ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ଭିତ୍ତିଭୂମିର ଉନ୍ନତି ପାଇଁ ଆମ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି, ଯେଉଁଥିରେ କୁଡୁମୀ ସମାଜର ସାମାଜିକ ଓ ଆର୍ଥିକ ଉନ୍ନତିକୁ ସ୍ୱତନ୍ତ୍ର ପ୍ରାଥମିକତା ଦିଆଯାଉଛି। ସେହିପରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କୁଡୁମୀ ସମାଜର ପ୍ରକୃତି ପ୍ରେମ ଓ ଶ୍ରମିକ କଲ୍ୟାଣ ଦିଗରେ ଆଲୋକପାତ କରିଥିଲେ। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ନିଜ ଅଭିଭାଷଣରେ କହିଛନ୍ତି ଯେ, କୁଡୁମୀ ସମାଜ ପ୍ରକୃତି ଓ ଜଙ୍ଗଲକୁ ନିଜ ପରିବାର ଭଳି ସୁରକ୍ଷା ଦେଇଆସୁଛି। ବାନ୍ଦନା ଓ କରମ ଭଳି ପର୍ବ ମାଧ୍ୟମରେ ପରିବେଶ ସୁରକ୍ଷାର ଯେଉଁ ମହାନ ବାର୍ତ୍ତା ଏହି ସମାଜ ଦେଉଛି, ତାହା ଆଜିର ଜଳବାୟୁ ପରିବର୍ତ୍ତନ ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ। ଏହା ସହିତ ପରିଶ୍ରମୀ କୁଡୁମୀ କୃଷକ ଓ ଶ୍ରମିକ ଭାଇଭଉଣୀମାନଙ୍କୁ ରାଜ୍ୟ ସରକାରଙ୍କ ବିଭିନ୍ନ ଶ୍ରମ କଲ୍ୟାଣକାରୀ ଯୋଜନାରେ ସାମିଲ କରି ସେମାନଙ୍କ ସାମାଜିକ ସୁରକ୍ଷା ସୁନିଶ୍ଚିତ କରାଯିବ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ, ବଡ଼ସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦା, ବାରିପଦା ବିଧାୟକ ପ୍ରକାଶ ସୋରେନ, ଏସ. ଡ଼ି. ସି ଚେୟାରମ୍ୟାନ ଡଃ ବୁଦ୍ଧାନ ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲୀ ମୁର୍ମୁ, ଜାତୀୟ ବାନ୍ଦନା ପରବ କମିଟିର ସଭାପତି ଡ଼ଃ କାଳିପଦ ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟିର ଉପଦେଷ୍ଟା ଛୋଟଲାଲ ମହାନ୍ତପ୍ରମୁଖ ମଞ୍ଚାସୀନ ଥିଲେ।

## ଟ୍ରାଭେଲର୍ ଓ...

କହିଛନ୍ତି ଯେ “ଦୁର୍ଘଟଣାରେ ପ୍ରାୟ ୨୦ ଜଣ ପ୍ରାଣ ହରାଇଥିବା ଆମ ପାଖକୁ ପ୍ରାଥମିକ ରିପୋର୍ଟ ଆସିଛି। ଆମେ ସମସ୍ତେ ଘଟଣା ସ୍ଥଳରେ ରହିଛୁ। ଏବେ ବି ମିନି ବସ୍ ଭିତରୁ ଲୋକଙ୍କୁ ବାହାର କରାଯାଉଛି। ଆଗକୁ ମୃତାହତଙ୍କ ସଂଖ୍ୟା ବଢ଼ିପାରେ। ଟ୍ରାଭେଲରରେ କେତେ ଲୋକ ଯାତ୍ରା କରୁଥିଲେ, ସେକଥା ଏଯାଏ ସ୍ପଷ୍ଟ ହୋଇନି।” ସ୍ଥାନୀୟ ବିଧାୟକ ତଥା ଆସାମର ପଞ୍ଚାୟତ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଅତୁଲ ବୋରା ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଉପରେ ନଜର ରଖିଛନ୍ତି। କୋହୋରା ମଡେଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅଧିକାଂଶ ଆହତଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ତେଣୁ ସେମାନଙ୍କୁ ଅଧିକ ଚିକିତ୍ସା ପାଇଁ ଜୋରହାଟ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କୁହାଯାଉଛି ଯେ ମିନି ବସର ବେଗ ଅତ୍ୟନ୍ତ ଅଧିକ ଥିଲା। କାଜିରଙ୍ଗା ପାର୍କ ଅଞ୍ଚଳରେ ଗାଡ଼ିଗୁଡ଼ିକର ବେଗ ସୀମିତ ରଖିବାକୁ ନିୟମ ରହିଛି। ତଥାପି ଗାଡ଼ି ଚାଳକ ଏହାକୁ ବେଖାତିର କରି ଅଧିକ ବେଗରେ ଆଗକୁ ଯାଉଥିଲେ। ସମ୍ଭବତଃ ଏହି ସମୟରେ ସେ ନିୟନ୍ତ୍ରଣ ହରାଇବାରୁ ସାମ୍ନାରୁ ଆସୁଥିବା ଟ୍ରକ୍ ସହ ପିଟି ହୋଇଯାଇଛି।

**ମୃତକଙ୍କ ପରିବାର ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଶୋକବ୍ୟକ୍ତ**

ଆସାମର କାଜିରଙ୍ଗାଠାରେ ଘଟିଥିବା ଦୁଃଖଦ ସଡ଼କ ଦୁର୍ଘଟଣାକୁ ନେଇ ଗଭୀର ଶୋକପ୍ରକାଶ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ପ୍ରତି ସେ ଗଭୀର ସମବେଦନା ଜଣାଇଛନ୍ତି। ନିଜର ଏକ୍ସ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦୁଃଖଦ ଘଟଣାରେ ଅତ୍ୟନ୍ତ ମର୍ମାହତ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦିବଂଗତ ଆତ୍ମାଙ୍କୁ ଚିରଶାନ୍ତି ପ୍ରଦାନ କରନ୍ତୁ, ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଶକ୍ତି ଦିଅନ୍ତୁ ଏବଂ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ସେ ପ୍ରାର୍ଥନା କରିଛନ୍ତି।

## ୨୦୩୧ ସୁଦ୍ଧା ...

ଏବଂ ସୁଦୃଢ଼ ବ୍ୟବସାୟିକ ଭିତ୍ତିଭୂମି ପ୍ରଦର୍ଶନ କରି, ନାଲକୋ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ସମସ୍ତ ପ୍ରମୁଖ ଆର୍ଥିକ ମାନଦଣ୍ଡରେ ରେକର୍ଡ ପ୍ରଦର୍ଶନ ହାସଲ କରିଛି। କମ୍ପାନୀର ସର୍ବକାଳୀନ ସର୍ବାଧିକ ମୋଟ ଆୟ୧୧,୧୪୩ କୋଟି ହୋଇଥିବା ବେଳେ ଗତବର୍ଷର ସମାନ ଅବଧି ତୁଳନାରେ ୩୩% ଅଭିବୃଦ୍ଧି ଘଟିଛି। ଏବିଟା ୫୦% ବୃଦ୍ଧି ପାଇ ୫,୫୩୯ କୋଟିରେ ପହଞ୍ଚିଛି, ଯାହା ଏକ ସର୍ବକାଳୀନ ରେକର୍ଡ।ସେହିପରି, କର ପୂର୍ବଲାଭ ୫୫% ବୃଦ୍ଧିପାଇ ୫,୧୬୦ କୋଟିରେ ପହଞ୍ଚିଛି। କର ପରବର୍ତ୍ତୀ ଲାଭ ୩,୮୩୭ କୋଟି ରହିଛି, ଯାହା ଗତବର୍ଷ ତୁଳନାରେ ୫୪% ଅଭିବୃଦ୍ଧି। ସେପ୍ଟେମ୍ବର ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକରେ, ନାଲକୋର ନିଟଲାଭ ୨୮% ବୃଦ୍ଧିପାଇ ୧,୮୩୫ କୋଟି ହୋଇଛି; ଯାହା ଗତ ଆର୍ଥିକ ବର୍ଷର ସମାନ ତ୍ରୈମାସିକରେ ୧,୪୩୩ କୋଟିଥିଲା। ୨୦୨୬-୨୭ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ବ୍ୟବସାୟରୁ ମୋଟ ଆୟ ୨୬% ବୃଦ୍ଧି ପାଇ ୫,୪୧୯ କୋଟିରେ ପହଞ୍ଚିଛି, ଯାହା କମ୍ପାନୀର ନିରନ୍ତର କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ବଜାର ସ୍ଥିତିକୁ ଦର୍ଶାଉଛି। କମ୍ପାନୀର ଦୃଢ଼ ଆର୍ଥିକ ପ୍ରଦର୍ଶନ ସହିତ ଏହାର କାର୍ଯ୍ୟକ୍ଷମ ସଫଳତା ମଧ୍ୟ ଅତ୍ୟନ୍ତ ପ୍ରଭାବଶାଳୀ ରହିଛି। ନାଲକୋ ୨.୩୫ ଲକ୍ଷ ଟନ୍ ଆଲୁମିନିୟମ କାଷ୍ଟମେଟାଲ୍ ଉତ୍ପାଦନ କରିଛି, ଯାହା ଏହାର ଅର୍ଦ୍ଧ-ବାର୍ଷିକ ଉତ୍ପାଦନ କ୍ଷେତ୍ରରେ ସର୍ବକାଳୀନ ସର୍ବାଧିକ। ଏହା ସହିତ, ଆଲୁମିନା ଏବଂ ଆଲୁମିନିୟମ ଧାତୁର ଘରୋଇ ବିକ୍ରି ମଧ୍ୟ ସର୍ବକାଳୀନ ସର୍ବାଧିକ ସ୍ତରରେ ପହଞ୍ଚିଛି, ଯାହା ଭାରତୀୟ ଆଲୁମିନିୟମ କ୍ଷେତ୍ରରେ କମ୍ପାନୀର ସୁଦୃଢ଼ ସ୍ଥିତିକୁ ପୁନର୍ବାର ପ୍ରମାଣିତ କରୁଛି। ଅଂଶୀଦାରମାନଙ୍କ ପାଇଁ ମୂଲ୍ୟ ସୃଷ୍ଟିକରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦର୍ଶାଇ, କମ୍ପାନୀ ପ୍ରତି ଇକ୍ୱିଟି ସେୟାର ପିଛା ୪.୫୦ର ଅନ୍ତରୀଣ ଲାଭାଂଶ ଘୋଷଣା କରିଛି। ଏଥିପାଇଁ୨୦୨୬-୨୭ ଆର୍ଥିକ ବର୍ଷରେ ମୋଟ ୮୨୬.୪୮ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଶ୍ରୀ ସିଂହ କହିଛନ୍ତି। ସେ କହିଛନ୍ତି ରେକର୍ଡ ଆର୍ଥିକ ପ୍ରଦର୍ଶନ ସହିତ, କମ୍ପାନୀ ଓଡ଼ିଶାର ଅନୁଗୋଳ ଠାରେ ପ୍ରସ୍ତାବିତ ୦.୫ ଏମଟିପିଏ ବ୍ରାଉନଫିଲ୍ଡ ଆଲୁମିନିୟମ ସ୍ମେଲ୍ଟର ସମ୍ପ୍ରସାରଣ ପ୍ରକଳ୍ପ ମାଧ୍ୟମରେ ଏହାର ଦୀର୍ଘକାଳୀନ ବିସ୍ତାର ଯୋଜନା କାର୍ଯ୍ୟଜାରି ରଖିଛି। ପ୍ରକଳ୍ପ କାର୍ଯ୍ୟକାରୀ କରିବା ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି। ଗୁରୁତ୍ୱପୂର୍ଣ୍ଣ ଅନୁମୋଦନ ଗୁଡ଼ିକ ହାସଲ ହେବାସହ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ଆବଶ୍ୟ କପ୍ରାରମ୍ଭିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏମିରେଟ୍ସ ଗ୍ଲୋବାଲ୍ ଆଲୁମିନିୟମ ସହ ପ୍ରଯୁକ୍ତି ବିଦ୍ୟା ସହଭାଗୀତାରେ, ଅନୁଗୋଳ ଠାରେ ବିଶ୍ୱସ୍ତରୀୟ ପ୍ରମାଣିତ ଏବଂ ଶକ୍ତି-ଦକ୍ଷ ଉତ୍ପାଦନ ପ୍ରକ୍ରିୟା ସୁନିଶ୍ଚିତ କରିବା ଲକ୍ଷ ରଖାଯାଇଛି। ସମ୍ପ୍ରସାରିତ ସ୍ମେଲ୍ଟରର ଅତିରିକ୍ତ ବିଦ୍ୟୁତ୍ ଆବଶ୍ୟକତା ପୂରଣ କରିବା ପାଇଁ, ନାଲକୋ ଏବଂ ଏନ୍‌ଏଲସି ଇଣ୍ଡିଆ ଲିମିଟେଡ୍ ଏକ ୫୦:୫୦ ଅଂଶୀଦାରୀ ବିଶିଷ୍ଟ ମିଳିତ ଉଦ୍ୟୋଗ ମାଧ୍ୟମରେ ୧,୦୮୦ ମେଗାୱାଟ କ୍ଷମତା ବିଶିଷ୍ଟ ଏକ କ୍ୟାପଟିଭ ଥର୍ମାଲ ପାୱାର ପ୍ଲାଣ୍ଟ (ନିଜସ୍ୱ ତାପଜ ବିଦ୍ୟୁତ୍ କେନ୍ଦ୍ର) ସ୍ଥାପନ କରିବାକୁ ଯାଉଛନ୍ତି। ନିରନ୍ତର ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ଦୃଢ଼କରିବା ଲକ୍ଷ୍ୟରେ, କମ୍ପାନୀ ଏହିପ୍ରକଳ୍ପ ବ୍ୟବସ୍ଥାରେ୨୦୦-୨୫୦ ମେଗାୱାଟ ନବୀକରଣ ଯୋଗ୍ୟ ଶକ୍ତି ଅନ୍ତର୍ଭୁକ୍ତ କରିବାକୁ ମଧ୍ୟଯୋଜନା କରୁଛି ବୋଲି ସେ କହିଥିଲେ।

ସେହିପରି ନାଲକୋର ସମ୍ପ୍ରସାରଣ ରୋଡମ୍ୟାପ୍ ଦାମନଜୋଡ଼ିରେ ଚାଲିଥିବା ୫ମ ଷ୍ଟ୍ରିମ୍‌ଆଲୁମିନା ରିଫାଇନାରୀ ପ୍ରକଳ୍ପ ଦ୍ୱାରା ଆହୁରି ସମର୍ଥିତ, ଯାହା ବିସ୍ତାରିତ ସ୍ମେଲ୍ଟରର ଆବଶ୍ୟକତା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଆଲୁମିନାଉତ୍ପାଦନକ ରିବ ଏବଂ ଅତିରିକ୍ତ କ୍ଷମତା ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ବର୍ତ୍ତମାନର ପ୍ରକଳ୍ପଗୁଡ଼ିକ ବ୍ୟତୀତ, କମ୍ପାନୀମୂଲ୍ୟବୃଦ୍ଧି, ଶିଳ୍ପସ୍ୱାବଲମ୍ବନ ଏବଂ ଉତ୍ପାଦନ ଅଭିବୃଦ୍ଧିର ଜାତୀୟ ଉଦ୍ଦେଶ୍ୟ ସହିତ ସମନ୍ୱୟ ରଖି ଅତିରିକ୍ତ ଗ୍ରୀନଫିଲ୍ଡ ଆଲୁମିନିୟମ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ମଧ୍ୟ ଯୋଜନା ରଖିଛି। ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ ଗୁଡ଼ିକ ଓଡ଼ିଶା ସରକାର ଏବଂ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସମର୍ଥନରେ ଆଗେଇବା ସହ ଯଥେଷ୍ଟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ, ଡାଉନଷ୍ଟ୍ରିମ୍ ଶିଳ୍ପକୁ ମଜବୁତ କରିବ, ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତକରିବ ଏବଂ ଭାରତର ଆଲୁମିନିୟମକ୍ଷେତ୍ରର ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ରେକର୍ଡ ଆର୍ଥିକ କାର୍ଯ୍ୟଦକ୍ଷତା, ନିରନ୍ତର କାର୍ଯ୍ୟକ୍ଷମ ଉତ୍କୃଷ୍ଟତା ଏବଂ ଏକଦୃଢ଼ ସମ୍ପ୍ରସାରଣ ସହିତ, ନାଲକୋ ଦେଶର ଶିଳ୍ପ ଏବଂ ଅର୍ଥନୈତିକ ବିକାଶରେ ବହୁମୂଲ୍ୟ ଯୋଗଦାନ ଦେବା ସହିତ ଅଂଶୀଦାରମାନଙ୍କ ପାଇଁ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବାକୁ ପ୍ରତିବଦ୍ଧ ବୋଲି ସେ କହିଥିଲେ। ନାଲକୋର ମିଡିଆ କନେକ୍ଟ-୨୦୨୬ରେ କାର୍ଯ୍ୟକ୍ରମରେ କମ୍ପାନୀର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ମାନବସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ଏବଂ ନିର୍ଦ୍ଦେଶକ (ବାଣିଜ୍ୟିକ) ଅନିଲ କୁମାର ସିଂହ ଉପସ୍ଥିତ ଥିଲେ। କମ୍ପାନୀର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ମାନବସମ୍ବଳ) ଆଶୁତୋଷ ରଥ ଏହି କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

## ଜଷ୍ଟିସ୍ ବିଭୁ ପ୍ରସାଦ ...

ତାରିଖରେ ଶେଷ ହେବାକୁ ଯାଉଥିବାବେଳେ ତାଙ୍କ ଅବସର ପରେ ଜଷ୍ଟିସ୍ ରାଉତରାୟ ଏହି ନୂଆ ଦାୟିତ୍ୱ ତୁଲାଇବେ। ସୂଚନା ଅନୁଯାୟୀ, ଜଷ୍ଟିସ୍ ହରିଶ ଟଣ୍ଡନଙ୍କ କାର୍ଯ୍ୟକାଳର ଶେଷ ଦିନ ହାଇକୋର୍ଟ ଛୁଟି ରହୁଥିବାରୁ ଶୁକ୍ରବାର ଅପରାହ୍ନରେ ତାଙ୍କୁ ଆନୁଷ୍ଠାନିକ ଭାବେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହାପରେ ସୋମବାରଠାରୁ ଜଷ୍ଟିସ୍ ବିଭୁ ପ୍ରସାଦ ରାଉତରାୟ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ନ୍ୟାୟିକ ଦାୟିତ୍ୱ ସମ୍ଭାଳିବେ। ଏ ସଂକ୍ରାନ୍ତରେ ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ପକ୍ଷରୁ ନିଯୁକ୍ତି ସମ୍ପର୍କିତ ଔପଚାରିକ ବିଜ୍ଞପ୍ତି ଜାରି କରାଯାଇଛି। ଜଷ୍ଟିସ୍ ଟଣ୍ଡନଙ୍କ ଅବସର ପରେ ଓଡ଼ିଶା ହାଇକୋର୍ଟର ନେତୃତ୍ୱ ଭାର ଜଷ୍ଟିସ୍ ରାଉତରାୟଙ୍କ ହାତକୁ ଯିବ।

# କଟକରେ ବାଲିଘାଟ ଇ-ଲଟେରୀକୁ ନେଇ ପ୍ରଥମ ଦିନରୁ ବିବାଦ

## ଲିଜ୍‌ଧାରୀ ଚୟନର ସ୍ୱଚ୍ଛତା ଉପରେ ଉଠିଲା ପ୍ରଶ୍ନ, ପ୍ରକ୍ରିୟା ବାତିଲ୍ ପାଇଁ ଦାବି

**କଟକ,ନ୍ୟୁଜ୍‌ବ୍ୟୁରୋ**

କଟକ ଜିଲ୍ଲାରେ ବାଲିଘାଟ ଲିଜ୍ ଆବଣ୍ଟନ ପାଇଁ ଆରମ୍ଭ ହୋଇଥିବା ଇ-ଲଟେରୀ ପ୍ରକ୍ରିୟାକୁ ନେଇ ପ୍ରଥମ ଦିନରୁ ହିଁ ବିବାଦ ଦେଖାଦେଇଛି। ଲିଜ୍‌ଧାରୀ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉନଥିବା ଅଭିଯୋଗ ଆଣି ଅସନ୍ତୋଷ ପ୍ରକାଶ କରିଛନ୍ତି ଆବେଦନକାରୀ। ଏପରିକି ଇ-ଲଟେରୀ ମାଧ୍ୟମରେ ଲିଜ୍‌ଧାରୀ ଚୟନର ଆଧାର ଓ ପ୍ରକ୍ରିୟାକୁ ନେଇ ସନ୍ଦେହ ପ୍ରକାଶ କରିବା ସହ ଏହାକୁ ବାତିଲ୍ କରିବା ପାଇଁ ଦାବି ଉଠିଛି। ସୂଚନା ଅନୁଯାୟୀ, କଟକ ଜିଲ୍ଲାର ବିଭିନ୍ନ ତହସିଲ ଅଞ୍ଚଳରେ ମୋଟ ୩୭ଟି ବାଲିଘାଟ ଲିଜ୍ ପ୍ରଦାନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ପ୍ରଥମ ଥର ପାଇଁ ଏହି ବାଲିଘାଟଗୁଡ଼ିକର ଆବଣ୍ଟନ ଇ-ଲଟେରୀ ବ୍ୟବସ୍ଥାରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ଲିଜ୍ ଆବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଓ ନିରପେକ୍ଷତା ରହିବ ବୋଲି ଆଶା କରାଯାଉଥିଲା। ମାତ୍ର



ପ୍ରକ୍ରିୟା ଆରମ୍ଭରୁ ହିଁ ଏହାକୁ ନେଇ ଅସନ୍ତୋଷ ଦେଖାଦେବା ପ୍ରଶାସନର ଆଭିମୁଖ୍ୟ ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି। ଆବେଦନକାରୀଙ୍କ ମଧ୍ୟରେ ମୁଖ୍ୟତଃ କେଉଁ ନିୟମ ଓ ମାନଦଣ୍ଡ ଆଧାରରେ ଲିଜ୍‌ଧାରୀ ଚୟନ କରାଯାଉଛି, ଲଟେରୀ ପ୍ରକ୍ରିୟା କେତେ ସ୍ୱଚ୍ଛ ଏବଂ ଚୟନରେ ସମସ୍ତ ଆବେଦନକାରୀଙ୍କୁ ସମାନ ସୁଯୋଗ ମିଳୁଛି କି ନାହିଁ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଇ-ଲଟେରୀର ସମ୍ପୂର୍ଣ୍ଣ ପ୍ରକ୍ରିୟା ଓ ଚୟନ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବାକୁ ମଧ୍ୟ ଦାବି ହେଉଛି। ଅନ୍ୟପକ୍ଷରେ, ଏହି ବିବାଦକୁ ନେଇ ଜିଲ୍ଲା ପ୍ରଶାସନ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି, ତାହା ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଆବେଦନ-କାରୀଙ୍କ ଅଭିଯୋଗର ତଦନ୍ତ କରାଯିବ ନା ଇ-ଲଟେରୀ ପ୍ରକ୍ରିୟା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଜାରି ରହିବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଲିଜ୍ ଆବଣ୍ଟନରେ ସ୍ୱଚ୍ଛତା ବଜାୟ ରଖିବା ସହ ଉଠିଥିବା ସନ୍ଦେହର ସ୍ପଷ୍ଟୀକରଣ ଦେବା ପ୍ରଶାସନ ପାଇଁ ଏବେ ବଡ଼ ଆହ୍ୱାନ।

# ସୁରଭିର ଦ୍ୱିତୀୟ ଦିନରେ ‘ମିଟ୍ ଦି ପର୍ସନାଲିଟି’, ମଡେଲ୍ ସଂସଦର ଆୟୋଜନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦ୍ୱିତୀୟ ଦିନରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୬। ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି-୨୦୨୬’ ଅବସରରେ ଆଜି ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ, ୟୁନିଟ୍-୩ ପରିସରରେ ‘ମିଟ୍ ଦି ପର୍ସନାଲିଟି’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଯୋଗଦେଇ ନିଜ ଜୀବନର ଅନୁଭୂତି, ସଂଘର୍ଷ ଓ ସଫଳତାର କାହାଣୀ ଛାତ୍ରଛାତ୍ରୀଙ୍କ ସହ ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ସମ୍ ହସ୍ପିଟାଲର ସିନିୟର କନ୍‌ସଲଟାଣ୍ଟ-ନ୍ୟୁରୋଲୋଜିଷ୍ଟ ପ୍ରଫେସର ସୂର୍ଯ୍ୟପ୍ରକାଶ ଏସ୍. ଚୌଧୁରୀ, ଡିଏନ୍ ଗ୍ରୁପର ଉପାଧ୍ୟକ୍ଷା ଶ୍ରୀମତୀ ରତ୍ନମାଳା ସ୍ୱାଇଁ ଏବଂ ଓଡ଼ିଶା ପୋଲିସର ଏଡିଜିପି ଡଃ ସୌମେନ୍ଦ୍ର ପ୍ରିୟଦର୍ଶୀ ନିଜର ଅଭିଜ୍ଞତା ଓ ଜୀବନଯାତ୍ରା ବିଷୟରେ ଆଲୋକପାତ କରିଥିଲେ।

# ରାଷ୍ଟ୍ରପତିଙ୍କ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ୍ ସମ୍ବର୍ଦ୍ଧିତ



ଜନଜାତି ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଆବାସିକ ଶିକ୍ଷା କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ପ୍ରତିଫଳିତ କରୁଛି। ଏହାକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ସମେତ ସମଗ୍ର ଜିଲ୍ଲାର ଶିକ୍ଷା ମହଲରେ ଆନନ୍ଦର ଲହରୀ ଖେଳିଯାଇଛି।

**ବାରିପଦା,ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍‌ଆରଏସ୍) ଜାତୀୟସ୍ତରରେ ଶ୍ରେଷ୍ଠ ପାଞ୍ଚଟି ବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇଛି। ଏହି ସଫଳତାର ସ୍ୱୀକୃତି ସ୍ୱରୂପ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲାସ୍ତରୀୟ କମିଟିର ଅଧ୍ୟକ୍ଷ ହେମକାନ୍ତ ସୟ୍‌ଙ୍କୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ନଭେମ୍ବର ୧୨ ତାରିଖରେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ସମ୍ବର୍ଦ୍ଧିତ କରିଛନ୍ତି। ଜନଜାତି ଗୌରବ ପକ୍ଷ ପାଳନ ଅବସରରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ୨୦୨୫-୨୬ ଶିକ୍ଷାବର୍ଷର କାର୍ଯ୍ୟଦକ୍ଷତା ଆଧାରରେ ରାଷ୍ଟ୍ରୀୟ ଆଦିବାସୀ ଛାତ୍ର ଶିକ୍ଷା ସମିତି (ନେଷ୍ଟସ୍) ପକ୍ଷରୁ ପ୍ରସ୍ତୁତ କାର୍ଯ୍ୟଦକ୍ଷତା ସୂଚକାଙ୍କ ଅନୁଯାୟୀ କରଞ୍ଜିଆ ଇଏମ୍‌ଆରଏସ୍‌କୁ ଦେଶର ପାଞ୍ଚଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ବିଦ୍ୟାଳୟ ମଧ୍ୟରେ ଚୟନ କରାଯାଇଛି। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ନେଷ୍ଟସ୍ ଦ୍ୱାରା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ଯୋଜନାରେ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଆବାସିକ ଶିକ୍ଷା ପ୍ରଦାନ କରାଯାଉଛି। ବିଦ୍ୟାଳୟଗୁଡ଼ିକର ଶିକ୍ଷାଗତ ଓ ପରିଚାଳନାଗତ ପ୍ରଦର୍ଶନର ମୂଲ୍ୟାୟନ ପାଇଁ ପ୍ରଣୀତ କାର୍ଯ୍ୟଦକ୍ଷତା ସୂଚକାଙ୍କ ଆଧାରରେ ଶ୍ରେଷ୍ଠ ବିଦ୍ୟାଳୟଗୁଡ଼ିକୁ ଚୟନ କରାଯାଉଛି। କରଞ୍ଜିଆ ବିଦ୍ୟାଳୟର ଏହି ସ୍ୱୀକୃତି ଜିଲ୍ଲାରେ

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୩/୧୧/୨୦୨୬

୬,୭୫,୫୪୩/- ଟଙ୍କା

ସୁନା:- ୦୨ ଗ୍ରାମ୍ ୦୦୦ମିଲିଗ୍ରାମ

ରୂପା:-୩୯ ଗ୍ରାମ୍ ୩୦୦ମିଲିଗ୍ରାମ

# ମହଙ୍ଗା ମାଡ଼ରେ ଓଡ଼ିଶାବାସୀ ହନ୍ତସନ୍ତ : କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଖାଉଟି ବଜାରରେ ନିଆଁ ଲାଗିଛି। ସାଧାରଣ ପରିବାର ନିଜର ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାପାଇଁ ବହୁ ହନ୍ତସନ୍ତ ହେଉଛି। ପାଇକାରୀ ଖୁଚୁରା ମୁଦ୍ରାସ୍ଫିତି ଗତ ଦୁଇବର୍ଷ ଭିତରେ ସର୍ବୋଚ୍ଚ ସ୍ଥିତିରେ ପହଞ୍ଚିଛି। ଏଭଳି ସ୍ଥିତିରେ ପେଟକୁ ଦୁଇଓଳି ଦାନା ଯୋଗାଡ଼ କରିବା ଓଡ଼ିଶାର ୪୦ ଭାଗରୁ ଅଧିକ ପରିବାର ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି ବୋଲି ଶୁକ୍ରବାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି। ଭାରତ ସରକାର ଗତ ମେ-ଜୁନ ମାସରେ ଖୁଚୁରା ମୁଦ୍ରାସ୍ଫିତି ଯେତେବେଳେ ୪ ପ୍ରତିଶତ ଥିଲା ତାହାକୁ ୩ ପ୍ରତିଶତକୁ ଖସାଇବା ପାଇଁ ଉଦ୍ୟମ କରୁଛନ୍ତି ବୋଲି ବାହାସ୍ଫୋଟ ମାରିଥିଲେ। ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ ୪ ପ୍ରତିଶତରୁ ୬ ପ୍ରତିଶତ ଭିତରେ ଖୁଚୁରା ମୁଦ୍ରାସ୍ଫିତିକୁ ଆୟତ ଭିତରେ ଥିବାର ସୂଚକାଙ୍କ। ଏବେ ଓଡ଼ିଶା ପ୍ରତିପ୍ରେକ୍ଷୀରେ ଗ୍ରାମାଞ୍ଚଳରେ ୭.୫ ପ୍ରତିଶତରୁ ଅଧିକ ଏବଂ ସହରାଞ୍ଚଳରେ ୭ ପ୍ରତିଶତରୁ ଅଧିକ ବୋଲି ଆକଳନ କରାଯାଇଛି।


## ପୂର୍ବ ତଟ ରେଳପଥ

### ଜାନୁୟାରୀ ଏବଂ ଫେବୃୟାରୀ-2027 ପାଇଁ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ

ଇ-ନିଲାମର ଅନୁସୂଚୀ

| ମାସ | ମଣ୍ଡଳ /ୟୁନିଟ୍ | ନିମ୍ନ ଉଲ୍ଲେଖିତ ତାରିଖ ଅନୁଯାୟୀ : ଜାନୁୟାରୀ-2027 | | | | | ଫେବୃୟାରୀ-2027 | | | | |
|---|---|---|---|---|---|---|---|---|---|---|---|
| ଜାନୁୟାରୀ ଏବଂ ଫେବୃୟାରୀ-2027 | ଡିପୋ ମଞ୍ଚେଶ୍ୱର | 4 | 11 | 18 | 25 | 27 | 1 | 8 | 15 | 22 | 25 |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 5 | 12 | 19 | 25 | 28 | 2 | 9 | 16 | 22 | 25 |
| | ରାୟଗଡ଼ା ମଣ୍ଡଳ | 6 | 12 | 20 | 25 | 28 | 3 | 10 | 17 | 22 | 26 |
| | ସମ୍ବଲପୁର ମଣ୍ଡଳ | 7 | 15 | 21 | 25 | 29 | 5 | 12 | 19 | 22 | 26 |

‘ଯେପରି ଅଛି, ଯେଉଁଠାରେ ଅଛି’ ଭିତ୍ତିରେ ମଞ୍ଚେଶ୍ୱର, ସମ୍ବଲପୁର, ଖୋର୍ଦ୍ଧା ଏବଂ ରାୟଗଡ଼ା ମଣ୍ଡଳ / ୟୁନିଟ୍‌ରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍‌ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଂସ୍ (ସୁଇଚ୍, କ୍ରସିଂସ୍, ଫିସ୍ ପ୍ଲେଟସ୍, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ୍ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍-ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣଏବଂ ରେଲୱେ ବିଦ୍ୟୁତୀକରଣର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରି। ରେଳବାଇ ପ୍ରଶାସନର ଅନ୍ୟ ଆଇଟମ୍‌ଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି। ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ହେବ।

PR-554/R/26-27 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



KVB Karur Vysya Bank
Smart way to bank

**ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲିଃ, କଟକ ଶାଖା**
ତଳ ମହଲା, ଅନାଦୀ ନିବାସ ମଙ୍ଗଳା ଭବନ ପାଖ, ରାଉରକେଲା, ଓଡ଼ିଶା,
ପିନ୍-୭୬୯୦୦୧, E-mail: rourkela@kvb.bank.in

**ସର୍ବସାଧାରଣ ସୂଚନା - ଲକର୍ ବକେୟା / ଲକର୍ ଭାଙ୍ଗି ଖୋଲିବା ସମ୍ବନ୍ଧରେ**

ଯେହେତୁ, ନିମ୍ନରେ ଉଲ୍ଲେଖ କରାଯାଇଥିବା ଆପଣମାନଙ୍କୁ ଜଣାଯାଉଛି କି ଆପଣ ବ୍ୟାଙ୍କ ଶାଖାରୁ ଲକର୍ ସୁବିଧା ଗ୍ରହଣ କରିଥିଲେ ଏବଂ ନିମ୍ନଲିଖିତ ପ୍ରକାରେ ଲକର୍ ଭଡ଼ା ବାବଦକୁ ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି।

| କ୍ର.ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଲକରଧାରୀଙ୍କ ଠିକଣା | ଲକର୍ ନମ୍ବର | ସମୟାବଧି ପାଇଁ ଭଡ଼ା ଦେୟ | ୦୧/୦୪/୨୦୨୬ ରିଖ ସୁଦ୍ଧା ଦେୟ ଦେବାକୁ ଥିବା ଭଡ଼ା ରାଶି |
|---|---|---|---|---|
| ୧. | ନିଲମ୍ ଅଗରୱାଲ ଏବଂ ଗୋପିରାମ ଅଗରୱାଲ, ସା: ମେନ୍ ରୋଡ଼୍, ଝିରାପାଣି, ଜାଗଦା ମାର୍କେଟ କମ୍ପ୍ଲେକ୍ସ, ରାଉରକେଲା-୭୬୯୦୪୨, ଓଡ଼ିଶା | 3205001B038 | ୦୧.୦୪.୨୦୨୩ | ଟ. ୭,୦୮୦.୦୦ |
| ୨. | ସାଜନ କୁମାର ଅଗରୱାଲ ଏବଂ ପ୍ରବିନ୍ କୁମାର ଅଗରୱାଲ, ସା: ଅମ୍ବିକା ଟ୍ରେଡର, ପାର୍କ ହେଟେଲ ଲେନ୍ ମଙ୍ଗଳ ଭବନ, ରାଉରକେଲା-୭୬୯୦୦୧, ଓଡ଼ିଶା | 3205001B009 | ୦୧.୦୪.୨୦୨୩ | ଟ. ୭,୦୮୦.୦୦ |
| ୩. | ସୀମା ଗୋଏଲ ଏବଂ ଅନୁଜ କୁମାର ଗୋଏଲ, ସା: ୨ୟ ମହଲା, ଚୋପ୍ରା ବିଲ୍‌ଡିଙ୍ଗ, ରାଜକ ସିନେମା ବିପରୀତ, ରାଉରକେଲା-୭୬୯୦୦୧, ଓଡ଼ିଶା | 3205002A004 | ୦୧.୦୪.୨୦୨୩ | ଟ. ୭,୦୮୦.୦୦ |

ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆର.ପି.ଏଡି ପଞ୍ଜିକୃତ ମାଧ୍ୟମରେ ଲକର ଭଡା ବାବଦ ବକେୟା ରାଶି ପୈଠ କରିବା ପାଇଁ ନୋଟିସ୍ ପଠାଯାଇଥିଲା, କିନ୍ତୁ ଏହାର କୌଣସି ଫଳାଫଳ ମିଳିଲା ନାହିଁ। ଏପରି ପରିସ୍ଥିତିରେ **୦୩.୧୨.୨୦୨୬** ତାରିଖ ଦିନ **ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲିଃ, ରାଉରକେଲା** ମାଧ୍ୟମରେ ଉକ୍ତ ଲକରକୁ ଭାଙ୍ଗି ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ତେଣୁ ଆପଣମାନଙ୍କୁ (ଉପରୋକ୍ତ ବ୍ୟକ୍ତିମାନଙ୍କୁ) ପରାମର୍ଶ ଦିଆଯାଉଛି ଯେ, ଆପଣମାନେ **୦୨.୧୨.୨୦୨୬** ତାରିଖ କିମ୍ବା ତା ପୂର୍ବରୁ ବ୍ୟାଙ୍କ କାର୍ଯ୍ୟ ସମୟ ମଧ୍ୟରେ ସମ୍ପୃକ୍ତ ଶାଖା ସହିତ ଯୋଗାଯୋଗ କରନ୍ତୁ ଏବଂ ଲକର ଭଡା ବାବଦ ବକେୟା ରାଶି ତଥା ଅନ୍ୟାନ୍ୟ ଖର୍ଚ୍ଚ ପୈଠ କରନ୍ତୁ। ଯଦି ଆପଣ ଏପରି ନ କରନ୍ତି, ତେବେ ପ୍ରସ୍ତାବ ଅନୁଯାୟୀ ଲକରଟିକୁ ଭାଙ୍ଗି ଖୋଲାଯିବ ଏବଂ ଏଥିପାଇଁ ହେଉଥିବା ସମସ୍ତ ଖର୍ଚ୍ଚ, ବିପଦ (ରିସ୍କ) ଏବଂ ପରିଣାମ ପାଇଁ ଆପଣ ନିଜେ ଦାୟୀ ରହିବେ ଆପଣଙ୍କୁ ଏହା ମଧ୍ୟ ଜଣାଇ ଦିଆଯାଉଛି ଯେ, ଲକର ଭାଙ୍ଗି ଖୋଲାଯିବା ପରେ, ସେଥିରେ ଥିବା ସାମଗ୍ରୀ ଯଦି କିଛି ଥାଏ ଶାଖାରେ ରଖାଯିବ, କିନ୍ତୁ ଏଥିପାଇଁ ହେଉଥିବା ଖର୍ଚ୍ଚ ବିପଦ ଏବଂ ପରିଣାମ ପାଇଁ ଆପଣ ନିଜେ ଦାୟୀ ରହିବେ। ଲକର ମଧ୍ୟରେ ଥିବା ସାମଗ୍ରୀର କୌଣସି କ୍ଷତି ହେଲେ, ସେଥିପାଇଁ ବ୍ୟାଙ୍କ ଦାୟୀ ରହିବ ନାହିଁ। ଯଦ **୧୫ ଦିନ** ସମୟସୀମା ମଧ୍ୟରେ ଆପଣ ବକେୟା ଲକର ଭଡ଼ା, ଲକର୍ ଭାଙ୍ଗିବା ପାଇଁ ହୋଇଥିବା ଖର୍ଚ୍ଚ, ସାମଗ୍ରୀ ସାଇତି ରଖିବା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପୈଠ କରି ନିଜ ସମାଗ୍ରୀ ଦାବି ନ କରନ୍ତି, ତେବେ ଉକ୍ତ ସମାଗ୍ରୀଗୁଡ଼ିକୁ ସର୍ବସାଧାରଣ ନିଲାମ ମାଧ୍ୟମରେ ବିକ୍ରି କରିଦିଆଯିବ। ଏଥିପାଇଁ ଆପଣଙ୍କୁ ଆଉ କୌଣସି ଅତିରିକ୍ତ ସୂଚନା ଦିଆଯିବ ନାହିଁ ଏବଂ ନିଲାମରୁ ମିଳିଥିବା ଅର୍ଥରୁ ବକେୟା ଭଡ଼ା ଲକର୍ ଭାଙ୍ଗିବା ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ କରାଯିବ।

ସ୍ଥାନ : ରାଉରକେଲା
ତାରିଖ : ୧୪.୧୧.୨୦୨୬

ଅଧିକୃତ ସ୍ୱାକ୍ଷରକାରୀ,
ଦ କରୁର୍ ବୈଶ୍ୟ ବ୍ୟାଙ୍କ ଲିଃ

ଭୁବନେଶ୍ୱର, ୧୪ ନଭେମ୍ବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କିଟ୍‌ର ପୂର୍ବାଞ୍ଚଳ ଏନ୍‌ଏସ୍‌ଏସ୍ ପ୍ରାକ୍-ଗଣତନ୍ତ୍ର ଦିବସ ପରେଡ୍ ଶିବିର ୨୦୨୬ ଉଦ୍‌ଘାଟିତ

ଭୁବନେଶ୍ୱର, ୧୩।୧୧
ନ୍ୟୁଜ୍‌ବ୍ୟୁରୋ




କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାଞ୍ଚଳ ଏନ୍‌ଏସ୍‌ଏସ୍ ପ୍ରାକ୍ ଗଣତନ୍ତ୍ର ଦିବସ ପରେଡ୍ ଶିବିର-୨୦୨୬ ଉଦ୍‌ଘାଟିତ ହୋଇଛି। ନଭେମ୍ବର ୧୩ରୁ ୨୨ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଏହି ଶିବିର ଅନୁଷ୍ଠିତ ହେବ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ନିର୍ଦ୍ଦେଶାଳୟ ଓ କିଟ୍ ଏନ୍‌ଏସ୍‌ଏସ୍ ବ୍ୟୁରୋର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହେଉଛି।

ଏଥିରେ ପୂର୍ବାଞ୍ଚଳର ୧୦ଟି ରାଜ୍ୟରୁ ପ୍ରାୟ ୨୦୦ ଜଣ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଯୋଗଦେଇଛନ୍ତି। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ମଣିପୁର ଓ ମେଘାଳୟ ସମେତ ବିଭିନ୍ନ ରାଜ୍ୟର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟ ଓ ଏନ୍‌ଏସ୍‌ଏସ୍‌ର ବହୁ ବରିଷ୍ଠ ଅଧିକାରୀ, ଅତିଥି ଓ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। କିଟ୍ ଏନ୍‌ଏସ୍‌ଏସ୍ ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରଭାତ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଉତ୍ସବରେ କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳପତି ତଥା କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ଉପକୁଳପତି ପ୍ରଫେସର ଦେବାଶିଷ ବାନାର୍ଜୀ ଏବଂ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଅଜିତ କୁମାର କୁଶୱାହା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଯୋଗଦେଇଥିବା ସମସ୍ତ ସ୍ୱେଚ୍ଛାସେବୀଙ୍କୁ ଅତିଥିମାନେ ଶୁଭେଚ୍ଛା ଜଣାଇବା ସହ ଏହି ଶିବିର ଯୁବପିଢ଼ିଙ୍କ ପାଇଁ ଏକ ଉତ୍କୃଷ୍ଟ ମଞ୍ଚ ବୋଲି କହିଥିଲେ। ଏହି ଶିବିରର ଅନୁଭୂତି ସ୍ୱେଚ୍ଛାସେବୀଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ଓ ନେତୃତ୍ୱ ଦକ୍ଷତାର ବିକାଶରେ ସହାୟକ ହେବ ବୋଲି ସେମାନେ ଆଶାବ୍ୟକ୍ତ କରିଥିଲେ।

ଶିବିରରେ ଓଡ଼ିଶାରୁ ୫୨ ଜଣ, ଆସାମରୁ ୩୮ ଜଣ ଏବଂ ମେଘାଳୟରୁ ୧୪ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି। ଏହି ୧୦ ଦିନିଆ ଶିବିରରେ ସ୍ୱେଚ୍ଛାସେବୀମାନଙ୍କୁ ଶୃଙ୍ଖଳା, ନେତୃତ୍ୱ, ଶାରୀରିକ ସୁସ୍ଥତା ଓ ଜାତୀୟ ସେବା ମନୋଭାବର ବିକାଶ ପାଇଁ କଠୋର ପ୍ରଶିକ୍ଷଣ ଦିଆଯିବ। ଆଗାମୀ ଗଣତନ୍ତ୍ର ଦିବସ ପରେଡ୍ ଚୟନ ପ୍ରକ୍ରିୟାର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ପ୍ରତିଭାବାନ ସ୍ୱେଚ୍ଛାସେବୀଙ୍କୁ ଚିହ୍ନଟ ଓ ପ୍ରସ୍ତୁତ କରିବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଅବସରରେ ତୀବ୍ର ପ୍ରଶିକ୍ଷଣ ଅଧିବେଶନ, ମାର୍ଚ୍ଚିଂ, ପରେଡ୍ ଅଭ୍ୟାସ, ଶାରୀରିକ ବ୍ୟାୟାମ ଓ ଅନ୍ୟାନ୍ୟ ପ୍ରସ୍ତୁତିମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ସହ ବିଭିନ୍ନ ରାଜ୍ୟରୁ ଆସିଥିବା ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନ, ଭାବ ବିନିମୟ ଓ ଜାତୀୟ ଏକତା ଭାବନାକୁ ସୁଦୃଢ଼ କରିବାର ସୁଯୋଗ ସୃଷ୍ଟି ହେବ।

ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ସକ୍ରିୟ ଅଂଶଗ୍ରହଣ, ଶୃଙ୍ଖଳା, ନେତୃତ୍ୱ ଓ ସାମାଜିକ ସେବାର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। କିଟ୍-ଡିୟୁର ଏନ୍‌ଏସ୍‌ଏସ୍ ଲିଆଜନ୍ ଅଫିସର ଡ. ସ୍ମୃତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମେଟ୍ରୋର ପିଙ୍କ୍ ଲାଇନର ଉଦ୍‌ଘାଟନ କଲେ ମୋଦୀ

ବେଙ୍ଗାଲୁରୁ, ୧୩।୧୧



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ବେଙ୍ଗାଲୁରୁ ମେଟ୍ରୋର ପିଙ୍କ୍ ଲାଇନର ଉଦ୍‌ଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଟାଭାରେକେରେରୁ ଆଇଆଇଏମ୍ ବାଙ୍ଗାଲୋର ମେଟ୍ରୋ ଷ୍ଟେସନ ପର୍ଯ୍ୟନ୍ତ ନୂତନ ଭାବରେ ଖୋଲାଯାଇଥିବା ୭.୫ କିଲୋମିଟର ରାସ୍ତାରେ ଯାତ୍ରା କରିଥିଲେ। ଟ୍ରେନ୍‌ରେ ଚଢ଼ିବା ପୂର୍ବରୁ ଶ୍ରୀ ମୋଦୀ ୟୁପିଆଇ ବ୍ୟବହାର କରି କାଉଣ୍ଟରରୁ ଏକ ମେଟ୍ରୋ ଟିକେଟ କିଣି ଥିଲେ। ପ୍ରଧାନମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଶିବକୁମାର, କର୍ଣ୍ଣାଟକ ରାଜ୍ୟପାଳ ସୁଧା ଯାଦବ, ବେଙ୍ଗାଲୁରୁ ଦକ୍ଷିଣ ସାଂସଦ ତେଜସ୍ୱୀ ସୂର୍ଯ୍ୟ ଓ ମନ୍ତ୍ରୀ କେବି ଗୌଡ଼ା ପମୁଖ ଟ୍ରେନ୍‌ରେ ଯାତ୍ରା କରିଥିଲେ। କଳେନା ଅଗ୍ରାହାରାକୁ ଟାଭାରେକେରେ ସହିତ ସଂଯୋଗ କରୁଥିବା ପିଙ୍କ୍ ଲାଇନକୁ ପ୍ରାୟ ୩୪୭୦ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯାଇଛି। ଏହାର ଉଦ୍‌ଘାଟନ ବେଙ୍ଗାଲୁରୁର ମେଟ୍ରୋ ନେଟୱାର୍କରେ ଏକ ପ୍ରମୁଖ ସଂଯୋଗ। କର୍ଣ୍ଣାଟକ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ୧୫,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ଭିତ୍ତିଭୂମି ଓ ବିକାଶ ପ୍ରକଳ୍ପର ଶିଳାନ୍ୟାସ ମଧ୍ୟ କରିଥିଲେ।

# ନଭେମ୍ବର ୩ୟ ଓ ୪ର୍ଥ ସପ୍ତାହରେ ଉପରାଷ୍ଟ୍ରପତି ଓ ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ଭୁବନେଶ୍ୱର, ୧୩।୧୧
ନ୍ୟୁଜ୍‌ବ୍ୟୁରୋ

ନଭେମ୍ବର ୧୬ ତାରିଖରେ ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ୍ ଏବଂ ନଭେମ୍ବର ୨୪ ଓ ୨୫ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ଗସ୍ତରେ ଆସିବେ। ଏନେଇ ଶୁକ୍ରବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରୁ ମିଳିଥିବା ସୂଚନାନୁସାରେ, ରାଜ୍ୟ ଗୃହ (ସ୍ୱରାଷ୍ଟ୍ର) ତଥା ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଗସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ରଖିଥିଲେ।

ଉପରାଷ୍ଟ୍ରପତି ନଭେମ୍ବର ୧୬ ପୂର୍ବାହ୍ନ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବେ। ସେ ଭୁବନେଶ୍ୱରସ୍ଥିତ ମେଫେୟାର ସାନକ୍ଜୁଆରୀ କନଭେନସନ୍ ହଲ୍‌ରେ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବେ। ସେଠାରେ ପ୍ରାୟ ଏକ ଘଣ୍ଟାର କାର୍ଯ୍ୟକ୍ରମ ରହିଛି। ପରେ ମଧ୍ୟାହ୍ନରେ କଟକସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଆଇକନିକ୍ ଟାୱାର (ଏକାଡେମିକ୍ ବିଲ୍ଡିଂ) ଉଦ୍‌ଘାଟନ କରି ଅପରାହ୍ନରେ ନୂଆଦିଲ୍ଲୀ ଫେରିଯିବେ।

ସେହିପରି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୪ ତାରିଖରେ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ନୂଆଦିଲ୍ଲୀ ବିମାନ ବନ୍ଦରରୁ ବାହାରି ମଧ୍ୟାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚି ଲୋକଭବନ ଯିବେ। ସେହିଦିନ ସନ୍ଧ୍ୟାରେ କଟକଠାରେ ଆୟୋଜିତ 'ବାଲିଯାତ୍ରା କଟକ ଉତ୍ସବ-୨୦୨୬' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଉତ୍ସବ ପରେ ସେ ଭୁବନେଶ୍ୱର ଫେରି ରାତ୍ର ରହଣି କରିବେ। ପରଦିନ ନଭେମ୍ବର ୨୫ ତାରିଖ ସକାଳେ ଭୁବନେଶ୍ୱରସ୍ଥିତ ଡା. ଅଭିନ୍ନ ଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲଠାରେ ଜାତୀୟ ହୋମିଓପାଥିକ୍ ବୈଜ୍ଞାନିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଅପରାହ୍ନରେ ରାଷ୍ଟ୍ରପତିଙ୍କର ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି।

# ୧୬ରେ ବାତ୍ୟା ସମ୍ଭାବନା : ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା

ଭୁବନେଶ୍ୱର, ୧୩।୧୧ : ନ୍ୟୁଜ୍‌ବ୍ୟୁରୋ

ଆସନ୍ତା ୧୬ ତାରିଖରେ ବାତ୍ୟା ହେବାର ସମ୍ଭାବନା ରହିଛି। ଏହା ଆନ୍ଧ୍ରମୁହାଁ ହେବାର ସଙ୍କେତ ବି ମିଳିଲାଣି। ତେବେ ସେ ଯାହା ହେଉନା କାହିଁକି, ଏହାର ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏଥିଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ସତର୍କ କରାଯାଇଛି। ତେଣେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଯାଇଛି। ଏହି ଲଘୁଚାପ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୧୪ ନଭେମ୍ବରରେ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ୧୫ ନଭେମ୍ବର ସକାଳ ବେଳକୁ ଏହା ସେହି ଅଞ୍ଚଳରେ ଏକ ଗଭୀର ଅବପାତରେ ପରିଣତ ହେବ।

## କିସ୍ ବିଶ୍ୱବିଦ୍ୟାଳୟର ଷଷ୍ଠ ବାର୍ଷିକ ସମାବର୍ତ୍ତନ

# ଜିଜ୍ଞାସୁ ହୁଅ, ସମାଜ ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖ: ଆଇସିଜେ ପ୍ରେସିଡେଣ୍ଟ

ଭୁବନେଶ୍ୱର, ୧୩।୧୧ : ନ୍ୟୁଜ୍‌ବ୍ୟୁରୋ




କିସ୍ ବିଶ୍ୱବିଦ୍ୟାଳୟର ଷଷ୍ଠ ବାର୍ଷିକ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜସେବା, ଶିକ୍ଷା, ନ୍ୟାୟ ଓ ମହିଳାସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୬ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ପ୍ରେସିଡେଣ୍ଟ ଜଜ୍ ଇୱାସାୱା ୟୁଜି, ଆଇସିଜେର ଜଜ୍ ବୋଗଦାନ-ଲୁସିଆନ୍ ଆଉରେସ୍କୁ ଓ ଲିଓନାର୍ଡୋ ନେମର କାଲଡେଇରା ବ୍ରାଣ୍ଟ, ଜାତୀୟ ମହିଳା ଆୟୋଗର ଅଧ୍ୟକ୍ଷା ବିଜୟା ରାହତକର, ଉତ୍ତରପ୍ରଦେଶସ୍ଥିତ ପଣ୍ଡିତ ରାମ ନାରାୟଣ ଶର୍ମା ଏଜୁକେସନାଲ୍ ଟ୍ରଷ୍ଟ ଓ ଆରଏନ୍‌ଏସ୍ ୱାର୍ଲ୍ଡ ସ୍କୁଲ୍‌ର ଅଧ୍ୟକ୍ଷା ଡ. ଅନୁରାଧା ଶର୍ମା (ମାତାଜୀ) ଏବଂ କଟକସ୍ଥିତ ଜୟଭାରତ ଫାଉଣ୍ଡେସନ୍ ଓ ଭାରତ ମସଲାର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆଇସିଜେର ପ୍ରେସିଡେଣ୍ଟ ଜଜ୍ ଇୱାସାୱା ୟୁଜିଙ୍କୁ ୨୦୨୪ ବର୍ଷ ପାଇଁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷା ଓ ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଜଜ୍ ଇୱାସାୱା ଡିଗ୍ରୀଧାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଛାତ୍ରଛାତ୍ରୀମାନେ ସର୍ବଦା ଜିଜ୍ଞାସୁ ରହିବା ସହ ନିଜ ସମାଜ ଓ ସମୁଦାୟର ବିକାଶରେ ଅର୍ଥପୂର୍ଣ୍ଣ ଅବଦାନ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଜୀବନର ଅନିଶ୍ଚିତତାକୁ ଭୟ ନକରି ଆତ୍ମବିଶ୍ୱାସର ସହ ତାହାର ସମ୍ମୁଖୀନ ହେବାକୁ ସେ ପରାମର୍ଶ ଦେଇଥିଲେ। ଡିଗ୍ରୀ ହାସଲ କରିବା ଶିକ୍ଷାର ପରିସମାପ୍ତି ନୁହେଁ, ବରଂ ଏହା ଆଜୀବନ ଶିକ୍ଷା ଗ୍ରହଣର ଏକ ନୂତନ ଯାତ୍ରାର ଆରମ୍ଭ ବୋଲି ସେ କହିଥିଲେ। ନିଜ ଅଭିଜ୍ଞତାର ଉଦାହରଣ ଦେଇ ସେ କହିଲେ, ଜଣେ ବ୍ୟକ୍ତିର ସଫଳତା ପଛରେ ପରିବାର, ଶିକ୍ଷକ ଓ ବନ୍ଧୁମାନଙ୍କ ଅବଦାନ ରହିଥାଏ। ନିଜ ଜ୍ଞାନ ଓ ପ୍ରତିଭାକୁ କେବଳ ବ୍ୟକ୍ତିଗତ ସଫଳତାରେ ସୀମିତ ନରଖି ବୃହତ୍ତର ସମାଜର ହିତ ସାଧନରେ ବିନିଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଲୁସିଆନ୍ ଆଉରେସ୍କୁ କହିଲେ, ଶିକ୍ଷାଦାନ ହେଉଛି ସମାଜସେବାର ସବୁଠାରୁ ବଡ଼ ଓ ସୁନ୍ଦର ମାଧ୍ୟମ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ସବୁବେଳେ ନିଜ ବୃତ୍ତିରେ ଆନନ୍ଦ ରୁହ। ଏହା ତୁମକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ। କିସ୍ ହେଉଛି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଉତ୍କର୍ଷ ଶିକ୍ଷା ଓ ସାମାଜିକ ପରିବର୍ତ୍ତନରେ କିଟ୍ ଓ କିସ୍ ପ୍ରତିବଦ୍ଧତା ସ୍ୱତନ୍ତ୍ର ଓ ଅନୁକରଣୀୟ ବୋଲି ସେ କହିଥିଲେ।

ଅନ୍ୟତମ ଅତିଥି ଶ୍ରୀମତୀ ରାହତକର କହିଲେ, ସନ୍ଥକବି ଭୀମଭୋଇଙ୍କ 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ, ଜଗତ ଉଦ୍ଧାର ହେଉ' ଉକ୍ତିର ଯଥାର୍ଥ ପ୍ରତିଫଳନ କିସ୍‌ରେ ହୋଇଛି। ଛାତ୍ରଛାତ୍ରୀଙ୍କୁ ସେ କହିଲେ, ତୁମେମାନେ ଜୀବନରେ ଯେଉଁଠି ଥିଲେ ମଧ୍ୟ ନିଜ ପରିବାର, ସମାଜ, ରାଜ୍ୟ ଓ ଦେଶ ପ୍ରତି ନିଜର ଦାୟିତ୍ୱବୋଧକୁ ସବୁବେଳେ ଗୁରୁତ୍ୱ ଦେଉଥିବ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ମାତାଜୀ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ତୁମ ପାଇଁ ଶ୍ରେଷ୍ଠ ଗୁରୁଦକ୍ଷିଣା ହେବ ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ମୋଟ ୪୪୩ ଜଣ ସ୍ନାତକୋତ୍ତର ଛାତ୍ରଛାତ୍ରୀ ଓ ୨୬ ପିଏଚ୍‌ଡି ଧାରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସର୍ବଶ୍ରେଷ୍ଠ ଛାତ୍ର ଭାବେ ଇଙ୍କେଟେଶ୍ୱର କନ୍ଦଗରିଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିବା ବେଳେ ବିଭିନ୍ନ ବିଭାଗରେ ଶ୍ରେଷ୍ଠ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ ଓ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିସ୍ ସମ୍ପାଦକ ଆର ଏନ ଦାଶ, କିଟ୍ ସମ୍ପାଦକ ମନୋରଞ୍ଜନ ପ୍ରଧାନ, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଦୀପକ ବେହେରା, କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।




## ଶିଶୁ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଜୟ ଜଗନ୍ନାଥ !

ଶିଶୁ ଦିବସ ଅବସରରେ ରାଜ୍ୟର ସମସ୍ତ ଶିଶୁ, ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।

ଶିଶୁମାନେ ହେଉଛନ୍ତି ଆମ ସମାଜର ସମ୍ପଦ ଓ ରାଷ୍ଟ୍ରର ଭବିଷ୍ୟତ। ପ୍ରତ୍ୟେକ ଶିଶୁ ମଧ୍ୟରେ ଏକ ସ୍ୱତନ୍ତ୍ର ପ୍ରତିଭା ଓ ଅସୀମ ସାମର୍ଥ୍ୟ ରହିଛି। ଉପଯୁକ୍ତ ଶିକ୍ଷା, ମାର୍ଗଦର୍ଶନ ଓ ପ୍ରୋତ୍ସାହନ ମିଳିଲେ ସେମାନେ ନିଜର ସ୍ୱପ୍ନକୁ ସାକାର କରିବା ସହ ସମାଜ ଓ ରାଜ୍ୟର ପ୍ରଗତିରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ।

ଓଡ଼ିଶାର ପ୍ରତ୍ୟେକ ଶିଶୁ ପାଠ ପଢ଼ା ସହିତ କ୍ରୀଡ଼ା, କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଆଗକୁ ବଢ଼ି ଦକ୍ଷ ହୁଅନ୍ତୁ, ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ। ସେମାନଙ୍କ ମନରେ ନୂତନ ଚିନ୍ତାଧାରା, ନବସୃଜନ, ମାନବିକତା ଓ ନେତୃତ୍ୱର ଭାବନା ବିକଶିତ ହେଉ। ଏହା ହିଁ ଏକ ସଶକ୍ତ, ସମୃଦ୍ଧ ଓ ଆତ୍ମନିର୍ଭର ଓଡ଼ିଶା ଗଠନର ମୂଳ ଆଧାର। ଆଜିର ଶିଶୁମାନେ ଆସନ୍ତାକାଲିର ବୈଜ୍ଞାନିକ, ଶିକ୍ଷାବିତ୍, କ୍ରୀଡ଼ାବିତ୍, ଉଦ୍ୟୋଗୀ ହେବା ସହିତ ଦେଶକୁ ଦକ୍ଷ ନେତୃତ୍ୱ ଦେଇପାରିବେ। ସେମାନଙ୍କ ଏହି ସୁଦୂର ପ୍ରସାରୀ ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ପରିବାର, ଶିକ୍ଷକ, ସମାଜ ଓ ସରକାରଙ୍କ ସମନ୍ୱିତ ପ୍ରୟାସ ଅତ୍ୟନ୍ତ ଜରୁରୀ।

ଆସନ୍ତୁ, ଶିଶୁ ଦିବସ ଅବସରରେ ସମସ୍ତେ ସଂକଳ୍ପ ନେବା, ପ୍ରତ୍ୟେକ ଶିଶୁର ସ୍ୱପ୍ନକୁ ସମ୍ମାନ ଦେବା, ସେମାନଙ୍କ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ପାଇଁ ଏକ ସୁରକ୍ଷିତ, ସୁସ୍ଥ ଓ ସମ୍ଭାବନାମୟ ପରିବେଶ ଗଢ଼ିତୋଳିବା। ଆଜିର ଶିଶୁ ହିଁ ଆସନ୍ତାକାଲିର ଉତ୍ତମ ନାଗରିକ ଓ ସମୃଦ୍ଧ ଓଡ଼ିଶାର ସାରଥୀ।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

27001/225/2627

## ଶିଶୁ ଦିବସର ଶୁଭେଚ୍ଛା ବାର୍ତ୍ତା

ଶିଶୁମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ। ସେମାନଙ୍କ ନିଷ୍ପାପ ହସ, ଅସୀମ ଜିଜ୍ଞାସା, ଅଦମ୍ୟ ଉତ୍ସାହ ଓ ନୂତନ କିଛି କରିବାର ଆକାଂକ୍ଷା ଆମ ସମାଜକୁ ଏକ ସୁନ୍ଦର ଭବିଷ୍ୟତ ଆଡ଼କୁ ଆଗେଇ ନେବାର ପ୍ରେରଣା ଯୋଗାଇଥାଏ। ଶିଶୁଙ୍କ ମଧ୍ୟରେ ହିଁ ଆସନ୍ତାକାଲିର ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡ଼ିଶା ତଥା ବିକଶିତ ଭାରତର ଭିତ୍ତି ନିହିତ ରହିଛି।

ପଣ୍ଡିତ ଜବାହରଲାଲ ନେହରୁଙ୍କ ଶିଶୁମାନଙ୍କ ପ୍ରତି ଅପାର ସ୍ନେହ ଓ ଭଲପାଇବାର ସ୍ମୃତିରେ ପାଳିତ ଏହି ଦିବସ ଆମକୁ ଶିଶୁମାନଙ୍କ ସାମଗ୍ରିକ ବିକାଶ ପ୍ରତି ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଏ। ପ୍ରତ୍ୟେକ ଶିଶୁକୁ ଗୁଣାତ୍ମକ ଓ ଆନନ୍ଦଦାୟକ ଶିକ୍ଷା, ପୁଷ୍ଟିକର ଖାଦ୍ୟ, ସୁରକ୍ଷିତ ପରିବେଶ, ସମାନ ସୁଯୋଗ ଏବଂ ନିଜ ପ୍ରତିଭାର ବିକାଶ ପାଇଁ ଉପଯୁକ୍ତ ମଞ୍ଚ ଯୋଗାଇଦେବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ।

ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ଶିଶୁମାନଙ୍କ ଅଧିକାର, ସ୍ୱପ୍ନ ଓ ସମ୍ଭାବନାର ସୁରକ୍ଷା ପାଇଁ ନିଜକୁ ସମର୍ପିତ କରିବା। ସମସ୍ତ ଶିଶୁଙ୍କୁ ଶିଶୁ ଦିବସର ଅନେକ ଅନେକ ଶୁଭେଚ୍ଛା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ହାର୍ଦ୍ଦିକ ଶୁଭକାମନା।

(ନିତ୍ୟାନନ୍ଦ ଗଣ୍ଡ)
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

OIPR-27001/27068/2/26-27/0026